

ନବିଙ୍କ ରଣ୍ଜୀ କୀର୍ତ୍ତିମାନ


▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-243 ♦SATURDAY ♦28 FEBRUARY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୪୩ ♦ଶନିବାର ♦୨୮ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ପାକିସ୍ତାନ-ଆଫଗାନିସ୍ତାନ ‘ଖୋଲା ଯୁଦ୍ଧ’ ଆରମ୍ଭ

## ଉଭୟ ପକ୍ଷର ୨୦୦ରୁ ଅଧିକ ମୃତ



■ ନୂଆଦିଲ୍ଲୀ, ୨୭ ।୨ (ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ସଂଘର୍ଷ ଏବେ ଭୟଙ୍କର ରୂପ ନେଇଛି। ଆଫଗାନିସ୍ତାନ ବିରୋଧରେ ପାକିସ୍ତାନ ‘ଖୋଲା ଯୁଦ୍ଧ’ ଘୋଷଣା କରି ଶୁକ୍ରବାର ରାଜଧାନୀ କାବୁଲ, କାନ୍ଧାହାର ଓ ପାକ୍ତିଆ ଅଞ୍ଚଳରେ ଭୟଙ୍କର ବିମାନ ଆକ୍ରମଣ କରିଛି। ସେହିପରି ତାଲିବାନ ପକ୍ଷରୁ ପାକିସ୍ତାନର ରାଜଧାନୀ ଇସଲାମାବାଦ୍ ସମେତ ପ୍ରମୁଖ ସହର ଉପରେ ପାଲଟା ଆକ୍ରମଣ କରାଯାଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି ଯେ, ପାକିସ୍ତାନର ଧୈର୍ଯ୍ୟ ସରିଯାଇଛି ଏବଂ ଏବେ ଦୁଇ ଦେଶ ମଧ୍ୟରେ ‘ଖୋଲା ଯୁଦ୍ଧ’ ଆରମ୍ଭ ହୋଇଛି। ଏହିକ୍ରମରେ ପାକିସ୍ତାନ ‘ଅପରେସନ ଘଜବ ଲିଲ୍ ହକ୍’ ଆରମ୍ଭ କରିଛି।

**କାବୁଲ ଉପରେ ପାକିସ୍ତାନର ବୋମା ମାଡ଼**

**ଇସ୍‌ଲାମାବାଦ୍‌ର ସାମରିକ ଘାଟିକୁ ଟାର୍ଗେଟ କଲା ତାଲିବାନ**

**ଏଫ-୧୬ ଖସାଇଥିବା ଦାବି କଲା ଆଫଗାନିସ୍ତାନ**

ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ ପାକିସ୍ତାନ କାବୁଲ, କାନ୍ଧାହାର, ପକ୍ତିଆରେ ବିମାନ ଆକ୍ରମଣ କରିଛି। କାବୁଲରେ ଅନେକ ବିସ୍ଫୋରଣ ଶୁଣିବାକୁ ମିଳିଥିଲା। ତାଲିବାନ ସରକାରୀ ମୁଖପାତ୍ର ଜବିବୁଲ୍ଲା ମୁଜାହିଦ୍ କହିଛନ୍ତି, ପାକିସ୍ତାନ ପୂର୍ବରୁ କରିଥିବା ବିମାନ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆଫଗାନ ସେନା ସୀମା ଅତିକ୍ରମ କରି ଆକ୍ରମଣ କରିଥିଲା। ପାକିସ୍ତାନର ଅବୋଟାବାଦ୍, ସ୍ୱାବି ଓ ନୌସେରା ସହର ଉପରେ ତାଲିବାନ ଡ୍ରୋନ୍ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, ଯାହାକୁ ବିଫଳ କରିଦିଆଯାଇଛି ବୋଲି ପାକିସ୍ତାନ ସେନା ଦାବି କରିଛି। ତେବେ ମୃତାହତ ସଂଖ୍ୟା ଓ କ୍ଷୟକ୍ଷତିକୁ ନେଇ ଦୁଇ ଦେଶର ▶ପୃଷ୍ଠା-୭

**ମଦ ନୀତି ଦୁର୍ନୀତି**

# କେଜ୍ରିୱାଲ, ସିସୋଦିଆ ଦୋଷମୁକ୍ତ


## ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୭ ।୨ (ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍)ର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଜଣ ଅଭିଯୁକ୍ତ ଖଲାସ ହୋଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଶୁକ୍ରବାର ଏକ ଐତିହାସିକ ଶୁଣାଣି କରି ଅବକାରୀ ନୀତି ତଥା ଏହି ମଦ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ସଂଯୋଜକ ତଥା ପୂର୍ବତନ ଦିଲ୍ଲୀ

**ଗଣମାଧ୍ୟମ ଆଗରେ ଭାବପ୍ରବଣ ହୋଇ କାନ୍ଦିଲେ**

**ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କଲା ସିବିଆଇ**

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ଓ ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏବେ ସିବିଆଇ କୋର୍ଟଙ୍କ ଏହି ରାୟକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟରେ ଏକ ନୂତନ ଆବେଦନ କରିଛି। ସିବିଆଇ କହିଛି ଯେ କୋର୍ଟ ଅନେକ ଦିଗକୁ ଅଣଦେଖା କରିଛନ୍ତି। ସିବିଆଇ ଏହି ରାୟ ଉପରେ ରହିତାଦେଶ ମାଗିଛି। କୋର୍ଟଙ୍କ ରାୟ ପରେ ବିଶିଷ୍ଟ ସମାଜସେବୀ ତଥା ▶ପୃଷ୍ଠା-୭



# ନାବାଳିକାକୁ ଦୁଷ୍କର୍ମ, ହତ୍ୟା

■ ଅନୁଗୋଳ/କଣିହାଁ, ୨୭ ।୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଏନ୍‌ଟିପିସି ଟାଉନ୍ ଥାନା ଅଞ୍ଚଳରେ ଏକ ଜଘନ୍ୟ କାଣ୍ଡ ଘଟିଛି। ୧୨ବର୍ଷର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ନିର୍ମମ ହତ୍ୟା କରାଯାଇଛି। ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ମାମଲା ରୁଜୁ କରିବା ସହ ଘଟଣାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ସ୍ଥାନୀୟ ଅଞ୍ଚଳର ଆଶିଷ ନାୟକ(୨୦)। ଶୁକ୍ରବାର ଆଶିଷଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ନବାଳିକାଜଣଙ୍କ ଘର ▶ପୃଷ୍ଠା-୭

## ରାଜ୍ୟରେ ମହିଳା ହିଂସାକୁ ନେଇ ନବୀନଙ୍କ କ୍ଷୋଭ

# ସବୁଠି ଅରାଜକତା, ସମସ୍ତେ ଅସୁରକ୍ଷିତ

■ ଭୁବନେଶ୍ୱର, ୨୭।୨ (ସମିସ): ପାରାଦ୍ୱୀପରେ ଜଣେ ଛାତ୍ରୀକୁ ଦୁଷ୍କର୍ମ ପରେ ଛାତରୁ ଠେଲି ହତ୍ୟା ଘଟଣା ପରେ ଶୁକ୍ରବାର ଅନୁଗୋଳ ଜିଲ୍ଲା ଏନଟିପିସି ଥାନା ଅଞ୍ଚଳରେ ନିଖୋଜ ଥିବା ଏକ ନାବାଳିକାର ମୃତଦେହ ଉଦ୍ଧାର ହୋଇଛି। ଯାହାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟରେ ଆଇନର ଶାସନର ଚାଲିଛି ତ ବୋଲି ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ନବୀନ କହିଛନ୍ତି ଯେ ରାଜ୍ୟରେ ଆଉ କେତେ ନିରୀହ ଜୀବନ ଝଡ଼ିବ? ନାବାଳିକାଙ୍କଠୁ ନେଇ ଭିନ୍ନକ୍ଷମ ଯୁବତୀ କେହି ବି ରାଜ୍ୟରେ ସୁରକ୍ଷିତ ନୁହେଁ।




> “ ଆଇନର ଶାସନ ଚାଲିଛି ତ? ଆଉ କେତେ ନିରୀହ ଜୀବନ ଝଡ଼ିବ?

ଅନୁଗୋଳର କଣିହାଁ, ସମ୍ବଲପୁରର କୁଚିଣ୍ଡା, ପାରାଦ୍ୱୀପ ଅଞ୍ଚଳରୁ ଆସୁଥିବା ଦୁଷ୍କର୍ମର ଖବର ବିଚଳିତ କରିଦେଉଛି। ସବୁଆଡ଼େ ଅରାଜକତା, ସବୁଠି ମା’ଭଉଣୀ ଅସୁରକ୍ଷିତ। ନାରୀ ସୁରକ୍ଷା, ଆଇନଶୃଙ୍ଖଳା ନେଇ ସରକାର ଲମ୍ବା ଲମ୍ବା ଭାଷଣ ଦେଉଥିବା ବେଳେ ବାସ୍ତବ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଦିନ ଦ୍ୱିପ୍ରହରରେ ବି ରାଜ୍ୟରେ ଭୟର ବାତାବରଣ ଦେଖାଦେଇଛି। ବାରମ୍ବାର ଦୁଷ୍କର୍ମ ପରି ହୀନ ଘଟଣା ଘଟୁଥିଲେ ବି ସରକାର କୌଣସି ଦୃଷ୍ଟାନ୍ତମୂଳକ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅପରାଧୀଙ୍କ ସାହସ ବଢ଼ୁଛି। ସରକାର ନାରୀଙ୍କ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଦିଗରେ ତତ୍ପର ▶ପୃଷ୍ଠା-୭




# ଇସ୍ତଫା ଉପରେ ନୀରବତା ଭାଙ୍ଗିଲେ ଜଗଦୀପ ଧନଖଡ଼

ନୂଆଦିଲ୍ଲୀ, ୨୭ ।୨(ଏଜେନ୍ସି): ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଶେଷରେ ନିଜର ଇସ୍ତଫା ନେଇ ନୀରବତା ଭାଙ୍ଗିଛନ୍ତି। ଧନଖଡ଼ କହିଛନ୍ତି ଯେ ସେ ନିଜ ପଦରୁ ଇସ୍ତଫା ଦେବା ସମୟରେ କେବେ ବି ଗୁରୁତର ଅସୁସ୍ଥ ଥିବା ଦାବି କରିନାହାନ୍ତି। ସେ କେବଳ ଏତିକି ସ୍ପଷ୍ଟ କରିଛନ୍ତି ଯେ ସେ ତାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିଲେ, ଯାହା ପ୍ରତ୍ୟେକ ବ୍ୟକ୍ତି କରିବା ଉଚିତ୍। ରାଜସ୍ଥାନର ଚୁରୁ ଜିଲ୍ଲାର ସାଦୁଲପୁରଠାରେ କଂଗ୍ରେସ ସାଂସଦ ରାହୁଲ କାସୱାନଙ୍କ ବାସଭବନ ଗସ୍ତ ସମୟରେ ଧନଖଡ଼ ଏହି ମନ୍ତବ୍ୟ ଦେଇଛନ୍ତି। ପୂର୍ବତନ ସାଂସଦ ରାମ ସିଂହ କସୱାନ ଓ ତାଙ୍କ ମାତା କମଳା କସୱାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ସେ ସେଠାକୁ ଯାଇଥିଲେ। ଏହି ଗସ୍ତ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଥିଲା ବୋଲି ସେ କହିଛନ୍ତି।



ଭାରତର ରାଷ୍ଟ୍ରପତିଙ୍କୁ ସେ ଦେଇଥିବା ଇସ୍ତଫା ପତ୍ରରେ ଧନଖଡ଼ ଉଲ୍ଲେଖ କରିଥିଲେ ଯେ ସମ୍ବିଧାନ ଧାରା ୬୭ (କ) ଅନୁଯାୟୀ ସେ ନିଜ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଓ ଡାକ୍ତରୀ ପରାମର୍ଶ ପାଳନ କରିବା ପାଇଁ ସେ ପଦବୀରୁ ଓହରିଯାଇଥିଲେ। ଭାରତର ୧୪ତମ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିବା ଧନଖଡ଼ ୨୦୨୫ ଜୁଲାଇ ୨୧ରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୧୭ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଥିଲା। ସଂସଦର ଅଧିବେଶନ ଚାଲିଥିବା ସମୟରେ ଇସ୍ତଫା ଦେବାରେ ସେ ହେଉଛନ୍ତି ଦେଶର ପ୍ରଥମ ଉପରାଷ୍ଟ୍ରପତି।

# ଅଭିନେତା ବିଜୟଙ୍କ ପତ୍ନୀ କଲେ ଛାଡ଼ପତ୍ର ଆବେଦନ




ଚେନ୍ନଇ, ୨୭ ।୨(ଏଜେନ୍ସି): ଦକ୍ଷିଣ ଭାରତର ପ୍ରସିଦ୍ଧ ଅଭିନେତା ତଥା 'ତାମିଲିଗା ଭେଟ୍ରି କାଜାଗମ୍' (ଟିଭିକେ) ମୁଖ୍ୟ ଥାଲାପତି ବିଜୟଙ୍କ ବିବାହ ଓ ପରିବାର ଏବେ ସଙ୍କଟକୁ ଚାଲିଯାଇଛି। ତାଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣଲିଙ୍ଗମ୍ ଫ୍ୟାମିଲି କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି। ଫଳରେ ସେମାନଙ୍କର ୨୫ ବର୍ଷର ବୈବାହିକ ଜୀବନ ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ସଙ୍ଗୀତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ଅଭିଯୋଗ କରାଯାଇଛି ଯେ ବିଜୟ ପରନାରୀ ପ୍ରତି ଆସକ୍ତ ଅର୍ଥାତ ବ୍ୟଭିଚାର କରିବା ସହ ନିର୍ଯାତନା ଦେଉଛନ୍ତି। ବିଜୟ ଜଣେ ଅଭିନେତ୍ରୀଙ୍କ ସହ ସମ୍ପର୍କ ରଖିଥିବା କଥା ସେ ୨୦୨୧ରୁ ଜାଣିବାକୁ ପାଇଥିଲେ ବୋଲି ସଙ୍ଗୀତା ପିଟିସନରେ ଦର୍ଶାଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ଦମ୍ପତି ଗତ ଦୁଇବର୍ଷ ଧରି ପରସ୍ପରଠାରୁ ଅଲଗା ରହୁଥିଲେ। କୋର୍ଟ ସଙ୍ଗୀତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି ଓ ବିଜୟଙ୍କୁ ନୋଟିସ ଜାରି କରିଛନ୍ତି। ଆଗାମୀ ଏପ୍ରିଲ ୨୦ରେ ବିଜୟଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୯୯୯ରେ ଦୁହେଁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ- ପୁଅ ଜାସନ ସଞ୍ଜୟ ଓ ଝିଅ ଦିବ୍ୟା ଶାଶା ଅଛନ୍ତି। ଏବେ ଏହି ଘଟଣାକୁ ନେଇ ତାମିଲ ସିନେମା ଜଗତ ଓ ରାଜନୀତିରେ ଚର୍ଚ୍ଚା ସୃଷ୍ଟି ହୋଇଛି। ସଙ୍ଗୀତା ହେଉଛନ୍ତି ଶ୍ରୀଲଙ୍କାର ଜଣେ ତାମିଲ ଉଦ୍ୟୋଗପତିଙ୍କ ଝିଅ। ପୂର୍ବରୁ ଦୁହେଁ ଗଣମାଧ୍ୟମ ସମ୍ମୁଖରେ ଏକାଠି ଦେଖାଯାଉଥିଲେ; କିନ୍ତୁ ଏବେ କଥା ଅଲଗା ହୋଇଛି। ପୁଣି ଆଗାମୀ ମାର୍ଚ୍ଚ- ଏପ୍ରିଲ୍‌ରେ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେ ପ୍ରଥମଥର ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଯାଉଛି। ତେଣୁ ତାଙ୍କ ପାଇଁ ଏବେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

# 'ମିୟାଁ' ମନ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ହିମନ୍ତଙ୍କୁ ଗୌହାଟୀ ହାଇକୋର୍ଟଙ୍କ ନୋଟିସ୍

ଗୌହାଟୀ, ୨୭ ।୨(ଏଜେନ୍ସି): ଗୌହାଟୀ ହାଇକୋର୍ଟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନୋଟିସ ଜାରି କରିଛନ୍ତି। ବାଂଲାଦେଶର ମୂଳ ମୁସଲମାନ ବା 'ମିୟାଁ' ମାନଙ୍କ ବିରୋଧରେ ବାରମ୍ବାର ଘୃଣାସୂଚକ ଅର୍ଥାତ ହେଟ୍ ସ୍ପିଚ୍ ଦେଇଥିବା ଅଭିଯୋଗରେ ହାଇକୋର୍ଟ ହିମନ୍ତଙ୍କୁ ନୋଟିସ୍ ପଠାଇଛନ୍ତି। ମୁଖ୍ୟ ବିଚାରପତି ଆଶୁତୋଷ କୁମାର ଓ ବିଚାରପତି ଅରୁଣ ଦେବ ଚୌଧୁରୀଙ୍କ ଖଣ୍ଡପୀଠ ଏହି ବିଷୟରେ ୩ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ମୁଖ୍ୟମନ୍ତ୍ରୀଙ୍କ ସମେତ ଆସାମ ସରକାର ଓ କେନ୍ଦ୍ର ସରକାରଙ୍କୁ ମଧ୍ୟ ନୋଟିସ ପଠାଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ମାସରେ ହେବ। ବିଶିଷ୍ଟ ପଣ୍ଡିତ ହିରେନ୍ଦ୍ରନାଥ ଗୋହେନ, ପୂର୍ବତନ ଆସାମ ଡିଜିପି ହରେକୃଷ୍ଣ ଡେକା, ସାମ୍ବାଦିକ ପରେଶ ମଲାକାର ଓ ସପିଆଇ (ଏମ୍) ପକ୍ଷରୁ ଏହି ଆବେଦନ କରାଯାଇଛି। ସେମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି, ଚନ୍ଦର ଉଦୟ ସିଂହ ଓ ମୀନାକ୍ଷୀ ଆରୋରା ଯୁକ୍ତି ବାଢ଼ିଥିଲେ। ମୁଖ୍ୟମନ୍ତ୍ରୀ ୨୦୨୩ରୁ କ୍ରମାଗତ ଭାବେ ଏକ ନିର୍ଦ୍ଦିଷ୍ଟ ସମୁଦାୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଉଛନ୍ତି, ଯାହା ସମ୍ବିଧାନର ଧାରା ୧୪ ଓ ୧୫ର ଉଲ୍ଲଂଘନ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିବାକୁ ଓ ଭବିଷ୍ୟତରେ ଏପରି ଭାଷଣ ଉପରେ ରୋକ ଲଗାଇବାକୁ ଆବେଦନ କରାଯାଇଛି। ଆବେଦନକରୀମାନେ କୋର୍ଟରେ ମୁଖ୍ୟମନ୍ତ୍ରୀଙ୍କ 'ଫ୍ଲଡ ଜିହାଦ' ମନ୍ତବ୍ୟ ଓ 'ଆସାମରୁ ମିୟାମାନଙ୍କୁ ହଟାଇବା' ଭଳି ବିବାଦୀୟ ବୟାନଗୁଡ଼ିକୁ କୋର୍ଟ ଆଗରେ ଉପସ୍ଥାପନ କରିଥିଲେ।

# ଫାଇଟର ହେଲିକପ୍ଟର 'ପ୍ରଚଣ୍ଡ'ରେ ଉଡ଼ାଣ ଭରିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୭ ।୨(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଜସ୍ଥାନର ଜୈସାଲମର ଏୟାରଫୋର୍ସ ଷ୍ଟେସନରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଲଢୁଆ ହେଲିକପ୍ଟର (ଏଲ୍‌ସିଏଚ୍) ରେ ଉଡ଼ାଣ ଭରିଛନ୍ତି। ସେ ଏହି ଫାଇଟର ହେଲିକପ୍ଟରରେ କୋ-ପାଇଲଟ ଭାବେ ଉଡ଼ାଣ ଭରିବାରେ ଦେଶର ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଉଡ଼ାଣ ସମୟରେ ରାଷ୍ଟ୍ରପତି ହେଲିକପ୍ଟର କକ୍‌ପିଟ୍‌ରୁ ସାଲ୍ୟୁଟ କରିଥିଲେ।

ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ଯୁଦ୍ଧ ବିମାନ ସୁଖୋଇ-୩୦ ଏମ୍‌କେଆଇ ଓ ରାଫେଲରେ ଉଡ଼ାଣ ଭରିବାରେ ଦେଶର ପ୍ରଥମ ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଛନ୍ତି। ସକାଳ ପ୍ରାୟ ୧୦.୧୫ ସମୟରେ ଗ୍ରୁପ୍ କ୍ୟାପ୍ଟେନ ଏନ୍‌ଏସ୍ ବହୁଆଙ୍କ ସହ ରାଷ୍ଟ୍ରପତି ଉଡ଼ାଣ ଭରିଥିଲେ। ୨୫ ମିନିଟର ଏହି ଉଡ଼ାଣ ମଧ୍ୟରେ ସେ ସୀମାବର୍ତ୍ତୀ ଅଞ୍ଚଳ ଓ ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜର ଆକାଶମାର୍ଗରୁ ସ୍ଥିତି ସମୀକ୍ଷା କରିଥିଲେ। ଜୈସଲମେରରେ ସୋନାର ଦୁର୍ଗ ଉପରେ ଉଡୁଥିବା ସମୟରେ ସେ ରେଡ଼ିଓ ମାଧ୍ୟମରେ ଦେଶବାସୀଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ "ମୁଁ ଆଜି



ପ୍ରଚଣ୍ଡ ହେଲିକପ୍ଟରରେ ଉଡ଼ାଣ ଭରୁଛି। ଏହି ହେଲିକପ୍ଟର ଆତ୍ମନିର୍ଭରଶୀଳତାର ଏକ ଶକ୍ତିଶାଳୀ ପ୍ରତୀକ। ମୁଁ ଦେଶର ବୀର ସୈନିକମାନଙ୍କୁ ଗର୍ବର ସହ ଧନ୍ୟବାଦ ଜଣାଉଛି। ସମସ୍ତଙ୍କୁ ମୋର ସ୍ନେହଭରା ନମସ୍କାର, ଜୟ ହିନ୍ଦ, ଜୟ ଭାରତ।" ସନ୍ଧ୍ୟାରେ ରାଷ୍ଟ୍ରପତି ପୋଖରାନ ଫାୟାରିଂ ରେଞ୍ଜ୍‌ରେ ବାୟୁସେନାର 'ବାୟୁ ଶକ୍ତି' ଯୁଦ୍ଧାଭ୍ୟାସ ଦେଖିଥିଲେ। ପ୍ରଚଣ୍ଡ ହେଲିକପ୍ଟରର ବିଶେଷତ୍ୱ ହେଲା, ଏହା ଭାରତର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କମ୍ବାଟ୍ ହେଲିକପ୍ଟର। ଏହାକୁ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଦ୍ୱାରା ପ୍ରସ୍ତୁତ କରାଯାଇଛି।

# ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ

ପଣଜୀ, ୨୭ ।୨(ଏଜେନ୍ସି): ଗୋଆ ପୁଲିସ ଗୁରୁବାର ଅର୍ପୋରାସ୍ଥିତ 'ବିର୍ଚ ବାଇ ରୋମିଓ ଲେନ୍' ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣାରେ କୋର୍ଟରେ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଟସିଟ୍ ଦାଖଲ କରିଛି।





ପୁଲିସ ମାପୁସା କୋର୍ଟରେ ୪, ୧୫୦ ପୃଷ୍ଠାର ଏକ ବିରାଟ ଚାର୍ଜସିଟ୍ ଦାଖଲ କରିଛି, ଯେଉଁଥିରେ ୩୦୫ଜଣ ସାକ୍ଷୀଙ୍କ ବୟାନ ରହିଛି। ଅଭିଯୁକ୍ତଙ୍କ ବିରୋଧରେ 'ହତ୍ୟା ସଦୃଶ ଅପରାଧ' ଓ ଜାଲିଆତି ଭଳି ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଧାରା ଲଗାଯାଇଛି। ଗତବର୍ଷ ଡିସେମ୍ବର ୬ରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ୫ ଜଣ ପର୍ଯ୍ୟଟକଙ୍କ ସମେତ ୨୫ ଜଣ ପ୍ରାଣ ହରାଇଥିଲେ। ଚାର୍ଜସିଟ୍‌ରେ ନାଇଟ୍ କ୍ଲବର ମାଲିକ ତଥ ଦୁଇ ଭାଇ ଗୌରବ ଓ ସୌରଭ ଲୁଥ୍ରାଙ୍କ ସମେତ ଅଜୟ ଗୁପ୍ତା, ମ୍ୟାନେଜର, କର୍ମଚାରୀ, ସ୍ଥାନୀୟ ପ୍ରଶାସନର ଅଧିକାରୀ, ଇଭେଣ୍ଟ କମ୍ପାନୀର କର୍ମଚାରୀ ଓ ଅନ୍ୟ ଫେରାର ଅଭିଯୁକ୍ତଙ୍କ ନାମ ରହିଛି। ଅଭିଯୁକ୍ତଙ୍କ ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ୨୫ଟି ପରିବାର ଛାରଖାର ହୋଇଯାଇଛି ବୋଲି ଅଭିଯୋଗ କରାଯାଇଛି। ଘଟଣାର ୯୦ ମିନିଟ୍ ପରେ ଦୁଇ ଲୁଥ୍ରା ଭାଇ ବିମାନ ଯୋଗେ ଥାଇଲାଣ୍ଡକୁ ଫେରାର ହୋଇଯାଇଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇଥିଲା।

# କାନାଡ଼ା ପ୍ରଧାନମନ୍ତ୍ରୀଙ୍କ ୪ ଦିନିଆ ଭାରତ ଗସ୍ତ

## ବାଣିଜ୍ୟ, ପୁଞ୍ଜି ନିବେଶ ଉପରେ ନଜର

ନୂଆଦିଲ୍ଲୀ, ୨୭ ।୨(ଏଜେନ୍ସି): କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏକ ସରକାରୀ ଗସ୍ତରେ ଶୁକ୍ରବାର ମୁମ୍ବଇରେ ପହଞ୍ଚିଛନ୍ତି। ୨୦୨୫ ମାର୍ଚ୍ଚରେ କ୍ଷମତାକୁ ଆସିବା ପରେ କାର୍ଣ୍ଣିଙ୍କର ଏହା ପ୍ରଥମ ଭାରତ ଗସ୍ତ। ଗତ କିଛି ବର୍ଷ ଧରି ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ତିକ୍ତତା ପରେ ତାଙ୍କର ଏହି ୪ ଦିନିଆ ଗସ୍ତ ସମ୍ପର୍କକୁ ପୁଣିଥରେ ସ୍ୱାଭାବିକ କରିବା ପାଇଁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। କାର୍ଣ୍ଣି ମାର୍ଚ୍ଚ ୧ରେ ନୂଆଦିଲ୍ଲୀରେ ପହଞ୍ଚିବେ ଓ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ସେହିପରି ଅନେକ ଦିନରୁ ଅଟକି ରହିଥିବା 'ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି' (ସିଇପିଏ) ଉପରେ ପୁଣି ଆଲୋଚନା ସମ୍ଭବ ହେବ। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦-୭୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଭାରତର ପରମାଣୁ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ୧୦ ବର୍ଷ ଲାଗି ପ୍ରାୟ ୨.୮ ବିଲିୟନ କାନାଡିୟ ଡଲାର



ମୂଲ୍ୟର ୟୁରାନିୟମ ଯୋଗାଣ ଚୁକ୍ତି ଉପରେ ଆଲୋଚନା ଚାଲିଛି। କାର୍ଣ୍ଣିଙ୍କ ଗସ୍ତ ପୂର୍ବରୁ କାନାଡ଼ା ଅଧିକାରୀମାନେ ଭାରତ ବିରୋଧରେ ଆଣିଥିବା ହସ୍ତକ୍ଷେପ ଅଭିଯୋଗ ଉପରେ ନରମ ଆଭିମୁଖ୍ୟ ପୋଷଣ କରିଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଯଦି କାନାଡ଼ା ପ୍ରକୃତରେ ବିଶ୍ୱାସ କରୁଥାନ୍ତା ଯେ ଭାରତ ତାଙ୍କ ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଛି, ତେବେ ପ୍ରଧାନମନ୍ତ୍ରୀ ଭାରତ ଗସ୍ତ କରି ନଥାନ୍ତେ। ସୂଚନାଯୋଗ୍ୟ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ସମୟରେ ଖଲିସ୍ତାନୀ ଚରମପନ୍ଥୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକୁ ନେଇ ଭାରତ ଓ କାନାଡ଼ା ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ଖରାପ ହୋଇଥିଲା। ତେବେ କାର୍ଣ୍ଣି ପ୍ରଧାନମନ୍ତ୍ରୀ ହେବା ପରେ ଏହି ସ୍ଥିତିରେ ସୁଧାର ଆସିଛି। ଏହି ଗସ୍ତରେ ପୁଞ୍ଜି ନିବେଶ, ପ୍ରବାସୀ ଭାରତୀୟ ଓ ନିର୍ବାସନ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଭାରତରେ କାନାଡ଼ାର ପୁଞ୍ଜି ନିବେଶ ପ୍ରାୟ ୧୦୦ ବିଲିୟନ ଡଲାର (୮ ଲକ୍ଷ କୋଟି ଟଙ୍କା)ରୁ ଅଧିକରେ ପହଞ୍ଚିଛି। ପ୍ରାୟ ୬୦୦ରୁ ଅଧିକ କାନାଡ଼ା କମ୍ପାନୀ ଭାରତରେ କାର୍ଯ୍ୟ କରୁଛନ୍ତି। କାନାଡ଼ାରେ ପ୍ରାୟ ୧୬ ଲକ୍ଷ ଭାରତୀୟ ବଂଶୋଦ୍ଭବ ବସବାସ କରନ୍ତି। ସେହିପରି ୨୦୨୫ର ପ୍ରଥମ ୧୦ ମାସରେ ପ୍ରାୟ ୨, ୮୩୧ ଭାରତୀୟଙ୍କୁ କାନାଡ଼ାରୁ ନିର୍ବାସିତ କରାଯାଇଛି। ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଏକ ରିସେଟ ବା ନୂତନ ଅଧ୍ୟାୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି।

# ପନ୍ନୀରସେଲଭମ ଡିଏମ୍‌କେରେ ସାମିଲ

ଚେନ୍ନଇ, ୨୭ ।୨(ଏଜେନ୍ସି): ଆସନ୍ତା ଏପ୍ରିଲ- ମେ ମାସରେ ତାମିଲନାଡୁ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ରାଜ୍ୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଏଆଇଏଡିଏମ୍‌କେ ନେତା ଓ ପନ୍ନୀରସେଲଭମ (ଓପିଏସ୍) ଶୁକ୍ରବାର ଡିଏମ୍‌କେ ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଫଳରେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଜେ ଜୟଲଳିତାଙ୍କ ଅତ୍ୟନ୍ତ ନିକଟତର ଭାବେ ଜଣାଶୁଣା ପନ୍ନୀରସେଲଭମ ୩ ଥର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବାରୁ ସୌଭାଗ୍ୟ ହାସଲ କରିଛନ୍ତି।

# କେଦାରନାଥରେ ବଢୁଛି ଆବର୍ଜନା ସଙ୍କଟ



ନୂଆଦିଲ୍ଲୀ, ୨୭ ।୨(ଏଜେନ୍ସି): ସନାତନ ଧର୍ମର ଅନ୍ୟତମ ପବିତ୍ର ତୀର୍ଥସ୍ଥଳୀ କେଦାରନାଥ ବର୍ତ୍ତମାନ ବଡ଼ ସଙ୍କଟର ସମ୍ମୁଖୀନ ହୋଇଛି। ହିମାଳୟର ଶୃଙ୍ଗ ମଧ୍ୟରେ ଅବସ୍ଥିତ ଏହି ଧାମ ନିଜ ଆବର୍ଜନା କୁଢ଼ରେ ପୋତି ହେବାକୁ ବସିଛି। ୨୦୨୫ ଯାତ୍ରା ଋତୁରେ ଏଠାରେ ପ୍ରାୟ ୨୧.୪ ମେଟ୍ରିକ ଟନ୍ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଛି, ଯାହା ଗତବର୍ଷ ତୁଳନାରେ ୨୨ ପ୍ରତିଶତ ଅଧିକ। ମୋଟ ଆବର୍ଜନାର ପ୍ରାୟ ୬୦ ପ୍ରତିଶତ (୧୨.୭ ମେଟ୍ରିକ ଟନ୍)ର କୌଣସି ପ୍ରକ୍ରିୟାକରଣ କରା ନ ଯାଇ ଖୋଲା ସ୍ଥାନରେ ପିଙ୍ଗି ଦିଆଯାଉଛି, ଯାହା ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ସବୁଠାରୁ ଅଧିକ ଜୁନ୍ ମାସରେ ୫.୬ ଓ ମେ ମାସରେ ୪.୮ ମେଟ୍ରିକ ଟନ୍ ଆବର୍ଜନା ସୃଷ୍ଟି ହୋଇଥିଲା। ୨୦୨୫ ମେ'ରୁ ଅକ୍ଟୋବର ମଧ୍ୟରେ ସୃଷ୍ଟି ହୋଇଥିବା ୨୧.୪ ମେଟ୍ରିକ ଟନ୍ ଆବର୍ଜନା ମଧ୍ୟରୁ ମାତ୍ର ୮.୭ ମେଟ୍ରିକ ଟନ୍ (୪୦ ପ୍ରତିଶତ)ର ପ୍ରକ୍ରିୟାକରଣ କରାଯାଇଛି।

ପରିବେଶବିତ୍ ଅମିତ ଗୁପ୍ତାଙ୍କ ଏକ ପ୍ରଶ୍ନର ଉତ୍ତରରେ କେଦାରନାଥ ନଗର ପଞ୍ଚାୟତ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଆବର୍ଜନା ଗଦାର ଓଜନ ପ୍ରାୟ ୨, ୫୦୦ ବୟସ୍କ ହାତୀଙ୍କ ଓଜନ ସହ ସମାନ। ପ୍ଲାଷ୍ଟିକ ଓ ଖାଦ୍ୟ ବର୍ଜ୍ୟବସ୍ତୁ ମନ୍ଦାକିନୀ ନଦୀର ଜଳକୁ ପ୍ରଦୂଷିତ କରିବାର ଆଶଙ୍କା ରହିଛି। ଏହାଦ୍ୱାରା ଭୂସ୍ଖଳନ ବଢ଼ିବା ସହ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ୨୦୨୫ ନଭେମ୍ବରରେ ଶେଷ ହୋଇଥିବା ଏକ ସର୍ଭେ ଅନୁଯାୟୀ, ପ୍ରତିଦିନ କେଦାରନାଥ ପରିଦର୍ଶନ କରୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ୧୩, ୧୧୧ରେ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ବର୍ତ୍ତମାନ ଏହି ସୀମା ବାରମ୍ବାର ଅତିକ୍ରମ କରାଯାଉଛି। ୨୦୨୬ ଯାତ୍ରା ପୂର୍ବରୁ ଡିଜିଟାଲ ଭିଡ଼ ପରିଚାଳନା ଓ ଇକୋ-ବ୍ୟାଗ ବ୍ୟବହାର ଭଳି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ୨୦୨୫ ଯାତ୍ରାର ପ୍ରଥମ ୪୮ ଦିନରେ ଉତ୍ତରାଖଣ୍ଡ ଅର୍ଥନୀତିକୁ ପ୍ରାୟ ୩୦୦ କୋଟି ଟଙ୍କା ମିଳିଛି। କିନ୍ତୁ ଏହି ଆର୍ଥିକ ଲାଭ ପରିବେଶ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ଆବର୍ଜନା ଓ ଅସନ୍ତୁଳିତ ପରିବେଶ ଏବେ ହିମାଳୟତା'ର କ୍ଷେତ୍ରକୁ ବିପଦପୂର୍ଣ୍ଣ କରିଛି। କେଦାରନାଥ ଧାମ ଉତ୍ତରାଖଣ୍ଡର ଗଡ଼ୱାଲ୍ ହିମାଳୟରେ ୩, ୫୩୮ ମିଟର ଉଚ୍ଚତାରେ ଅବସ୍ଥିତ। ଏବେ ୨୦୨୬ ପୂର୍ବରୁ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାୟୀ ପଦକ୍ଷେପ ନେବାର ଆବଶ୍ୟକାତା ରହିଛି।

### ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଆଶ୍ୱସ୍ତି

# ଗିରଫଦାରୀ ଉପରେ ହାଇକୋର୍ଟଙ୍କ ରୋକ୍

ରୁଦ୍ରପ୍ରୟାଗ, ୨୭ ।୨(ଏଜେନ୍ସି): ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଛନ୍ଦି ହୋଇଥିବା ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କୁ ଶୁକ୍ରବାର ଆହ୍ଲାବାଦ ହାଇକୋର୍ଟଙ୍କ ପକ୍ଷରୁ ବଡ଼ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ଗରିଫଦାରୀ ଉପରେ ଅନ୍ତରୀଣ ରୋକ ଲଗାଇବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫.୧୫ରେ ହାଇକୋର୍ଟରେ ଅଗ୍ରୀମ ଜାମିନ ଆବେଦନ ଉପରେ ଶୁଣାଣି ହୋଇଥିଲା। କୋର୍ଟ ତାଙ୍କୁ ଗିରଫଦାରୀରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ ସତ୍ୟ ସାମ୍ନାକୁ ଆସିବା ପାଇଁ ସେ ନାର୍କୋ ଆନାଲିସିସ ଟେଷ୍ଟ କରିବାକୁ ପ୍ରସ୍ତୁତ ଅଛନ୍ତି। ସେ ନିଜର ଉପରେ ଲାଗିଥିବା ପୋକସୋ ଆକ୍ଟ ଓ ବିଏନ୍‌ଏସ୍‌ର ଧାରାଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ବିଶ୍ୱବ୍ୟାପୀ ବହୁ ଚର୍ଚ୍ଚିତ 'ଏପଷ୍ଟିନ ଫାଇଲ୍ସ'ରୁ ଦୃଷ୍ଟି ହଟାଇବା ପାଇଁ ଓ ତାଙ୍କୁ ବଦ୍‌ନାମ କରାଯିବା ସହ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ରଚାଯାଇଛି। ସେ ନିଜର ମଠରେ ରହି ଦୈନନ୍ଦିନ ପୂଜାର୍ଚ୍ଚନା ଜାରି ରଖିଛନ୍ତି। ଯେଉଁ ପିଲା ତାଙ୍କ ପାଖକୁ କେବେ ଆସିନାହିଁ, ତାଙ୍କ ନାମ ଏହି ଘଟଣା ସହ ଯୋଡ଼ିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ପ୍ରଥମଥର ପାଇଁ ଇସ୍ରାଏଲରେ ଆମେରିକା ଯୁଦ୍ଧ ବିମାନ ମୁତୟନ

ୱାଶିଂଟନ, ୨୭ ।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଇରାନ ସହ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ଏବେ ଏକ ବଡ଼ ପଦକ୍ଷେପ ନେଇଛି। 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ପ୍ରଥମଥର ପାଇଁ ଇସ୍ରାଏଲ୍‌ର ଏୟାରବେସ୍‌ରେ ନିଜର ଶକ୍ତିଶାଳୀ ଲଢୁଆ ଯୁଦ୍ଧ ବିମାନ 'ଏଫ୍-୨୨ ରାପ୍ଟର' ମୁତୟନ କରିଛି। ଇରାନ ସମ୍ଭାବ୍ୟ ପ୍ରତିଶୋଧମୂଳକ ଆକ୍ରମଣରୁ ଇସ୍ରାଏଲ ଓ ଆମେରିକୀୟ ସୈନ୍ୟଙ୍କୁ ରକ୍ଷା କରିବାକୁ ଆମେରିକା ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି। ଫଳରେ ଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି। ଇତିହାସରେ ପ୍ରଥମଥର ପାଇଁ ଇସ୍ରାଏଲ୍ ଘାଟିରୁ ଯୁଦ୍ଧ ବିମାନ ପରିଚାଳନା କରାଯିବ। ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଆମେରିକାକୁ ସେମାନଙ୍କ ଆକାଶମାର୍ଗ ବ୍ୟବହାର କରିବାକୁ ଅନୁମତି ଦେଇନାହାନ୍ତି। ଏହି କାରଣରୁ ଆମେରିକା ପାଖରେ ଇସ୍ରାଏଲରୁ ବିମାନ ଚଳାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଫେବୃଆରୀ ୨୪ରେ ଏହି ଷ୍ଟେଲ୍‌ଥ ଫାଇଟର ଜେଟ୍‌ଗୁଡ଼ିକ ବ୍ରିଟେନର ଲେକେନହିଥ୍ ଏୟାରବେସରୁ ଉଡ଼ାଣ ଭରି ଇସ୍ରାଏଲରେ ପହଞ୍ଚିଥିଲା।

# ବାଂଲାଦେଶ, ପଶ୍ଚିମବଙ୍ଗରେ ଭୂକମ୍ପ

କୋଲକାତା, ୨୭ ।୨(ଏଜେନ୍ସି): କୋଲକାତା ସମେତ ପଶ୍ଚିମବଙ୍ଗର ଅନେକ ଜିଲ୍ଲାରେ ଶୁକ୍ରବାର ଅପରାହ୍ଣ ୧.୩୦ ସମୟରେ ଭୂକମ୍ପର ଶକ୍ତିଶାଳୀ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୪ ମପାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ବାଂଲାଦେଶ ରାଜଧାନୀ ଢାକାର ଅଗରଗାଓଁ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗରୁ ଅଗରଗାଁଓର ଦୂରତା ପ୍ରାୟ ୨୬ କିମି। ଭୂକମ୍ପର ଝଟ୍‌କା ଏତେ ଶକ୍ତିଶାଳୀ ଥିଲା ଯେ, କୋଲକାତାର ବହୁତଳ ପ୍ରାସାଦଗୁଡ଼ିକ କିଛି ସେକେଣ୍ଡ ପର୍ଯ୍ୟନ୍ତ ଥରୁଥିଲା। କୋଲକାତା ସମେତ ହାଓଡ଼ା, ହୁଗୁଳି, ଝାଡ଼ଗ୍ରାମ ଓ ପଶ୍ଚିମ ମେଦିନୀପୁରରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଅଫିସ ଓ ଘରେ ଭିତରେ ଥିବା ସିଲିଂ ଫ୍ୟାନ୍ ଓ ଆସବାପତ୍ର ହଲୁଥିବା ଦେଖି ଲୋକ ଆତଙ୍କିତ ହୋଇ ଜୀବନ ବଞ୍ଚାଇବାକୁ ଘରୁ ବାହାରକୁ ଚାଲିଆସିଥିଲେ। ସହରର କିଛି କୋଠା ନଇଁ ଯାଇଥିବା ଖବର ସାମ୍ନାକୁ ଆସିଛି କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ଧରଣର ଧନଜୀବନ ହାନି ହୋଇଥିବା ନେଇ ସୂଚନା ମିଳିନାହିଁ। କୋଲକାତା ପାଇଁ ଏହି ମାସରେ ଏହା ଦ୍ୱିତୀୟ ଭୂକମ୍ପ। ଏହାପୂର୍ବରୁ ଫେବୃଆରୀ ୩ରେ ରାତିରେ ଭୂକମ୍ପ ଅନୁଭୂତ ହୋଇଥିଲା।

### ଆଇରନ ଡୋମ୍‌ରୁ ଆଇରନ ବିମ୍

# ମିଶନ ସୁଦର୍ଶନଚକ୍ର ପାଇଁ ଟେକ୍ନୋଲୋଜି ହସ୍ତାନ୍ତର ଉପରେ ଭାରତର ନଜର

ନୂଆଦିଲ୍ଲୀ/ ତେଲ୍ ଆଭିଭ୍, ୨୭ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ ଗସ୍ତ ଉପରେ ଏବେ ସାରା ବିଶ୍ୱର ନଜର ରହିଛି। ଭାରତ ଓ ଇସ୍ରାଏଲ ପ୍ରତିରକ୍ଷା ସମ୍ପର୍କକୁ ଏକ ନୂଆ ସ୍ତରକୁ ନେବାକୁ ପ୍ରସ୍ତୁତି ଓ ଯୋଜନା ଚାଲିଥିବା ଭଳି ଅନୁମାନ ହେଉଛି। ଏ ନେଇ ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ବଡ଼ ଚୁକ୍ତିନାମାରେ ଆଇରନ ଡୋମ୍ ଓ ଆଇରନ ବିମ୍ ଭଳି ଅତ୍ୟାଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅର୍ଥାତ ଏୟାର ଡିଫେନ୍ସ ସିଷ୍ଟମ ଟେକ୍ନୋଲୋଜି ଭାରତକୁ ହସ୍ତାନ୍ତର କରାଯାଇପାରେ। ମୋଦୀ ବୁଧବାର ଇସ୍ରାଏଲ ରାଜଧାନୀ ତେଲ ଆଭିଭ୍ ପହଞ୍ଚିଛନ୍ତି। ଏହି ଗସ୍ତରେ ପ୍ରଧାନମନ୍ତ୍ରୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ବହୁ ବିଲିୟନ ଡଲାର ପ୍ରତିରକ୍ଷା ସହଭାଗିତା ଉପରେ ଆଲୋଚନା କରିବାର ସମ୍ଭାବନା ରହିଛି।

ଭାରତ କେବଳ ଆଇରନ ଡୋମ୍ ଟେକ୍ନୋଲୋଜିକୁ କିଣିବାକୁ ଚାହୁଁନାହିଁ; ବରଂ ଏହାକୁ 'ମିଶନ ସୁଦର୍ଶନଚକ୍ର'ର ମୂଳଦୁଆ ଭାବେ ଗ୍ରହଣ କରିବାକୁ ଚାହୁଁଛି। ମୋଦୀ ୨୦୨୫ ଅଗଷ୍ଟ ୧୫ରେ ଏହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ, ବହୁସ୍ତରୀୟ ବାୟୁ ପ୍ରତିରକ୍ଷା କବଚ ବା ମିଶନ ବିଷୟରେ ଘୋଷଣା କରିଥିଲେ। ଆଇରନ ବିମ୍ ହେଉଛି, ଏକ ଲେଜର- ଆଧାରିତ ପ୍ରଣାଳୀ, ଯାହା ଡ୍ରୋନ୍ ଓ କ୍ଷେପଣାସ୍ତ୍ରଗୁଡ଼ିକୁ



ଅତିକମ୍ ଖର୍ଚ୍ଚରେ ଆକାଶରେ ଧ୍ୱଂସ କରିପାରିବ। ଯଦି ଏହି ଚୁକ୍ତି ସଫଳ ହୁଏ, ତେବେ ଏହାର ମୂଲ୍ୟ ୧୦ ବିଲିୟନ ଡଲାର ଅର୍ଥାତ ୮୩, ୦୦୦ କୋଟି ଟଙ୍କା ହୋଇପାରେ। ଭାରତ ନିଜର ୧୫,୧୦୬ କିମି ସ୍ଥଳ ସୀମା ଓ ୭, ୫୧୬ କିମି ଉପକୂଳର ସୁରକ୍ଷା ପାଇଁ ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ବ୍ୟବହାର କରିବାକୁ ଚାହୁଁଛି। ଭାରତ ପାଖରେ ଏବେ ରୁଷର ଏସ୍-୪୦୦ ପ୍ରଣାଳୀ ଅଛି। ଇସ୍ରାଏଲ ସହଯୋଗରେ ନିର୍ମିତ ବରାକ ପ୍ରଣାଳୀ ଅଛି ଓ ସ୍ୱଦେଶୀ 'ଆକାଶ' ମିସାଇଲ ପ୍ରତିରକ୍ଷା ପ୍ଲାଟଫର୍ମ ଅଛି। ଆଇରନ ଡୋମ୍ ଓ ଆଇରନ ବିମ୍ ଯୋଡ଼ି ହେବା ପରେ ଭାରତର ସୁରକ୍ଷା ବ୍ୟବସ୍ଥା ଅଭେଦ୍ୟ ହୋଇଯିବ। ଆଇରନ ଡୋମ୍ ହେଉଛି ଇସ୍ରାଏଲ ଦ୍ୱାରା ବିକଶିତ ଏକ ଅତ୍ୟାଧୁନିକ ଓ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଏୟାର ଡିଫେନ୍ସ ସିଷ୍ଟମ।

ପୂର୍ବରୁ ନେତାନ୍ୟାହୁ ଭାରତକୁ ଏକ 'ହେକ୍ସାଗନ' ସହଭାଗିତାର ଅଂଶ ରୂପେ ବର୍ଣ୍ଣନା କରିଛନ୍ତି। ଏହି ସହଭାଗିତାର ଲକ୍ଷ୍ୟ ହେଉଛି ବିଶ୍ୱରେ ସକ୍ରିୟ ଥିବା ଚରମପନ୍ଥୀ ଶକ୍ତି ତଥା ମେଣ୍ଟଗୁଡ଼ିକ ବିରୋଧରେ ଏକଜୁଟ୍ ହୋଇ ଏକ ଶକ୍ତିଶାଳୀ କାନ୍ଥ ଭାବେ ଠିଆ ହେବା। ବିଶେଷକରି ଇରାନ ଭଳି ଦେଶର ବଢୁଥିବା ପ୍ରଭାବକୁ ରୋକିବା ପାଇଁ ଏହା ଏକ ରଣନୈତିକ ପ୍ରୟାସ। ହେକ୍ସାଗନ ହେଉଛି, ୬ଟି ପ୍ରମୁଖ ଶକ୍ତି ବା ଅଞ୍ଚଳର ଏକ ମିଳିତ ସମୂହ। ଏଥିରେ ଭାରତ ଓ ଇସ୍ରାଏଲକୁ ବାଦ୍ ହେଲେ ଆରବ ଦେଶ ସମୂହ (ଯେଉଁମାନେ ଇସ୍ରାଏଲ ସହ ବନ୍ଧୁତା ରଖିଛନ୍ତି), ଆଫ୍ରିକୀୟ ଦେଶ, ଭୂମଧ୍ୟସାଗରୀୟ ଦେଶ ଓ ଏସୀୟ ଦେଶ ସମୂହ ସାମିଲ ଅଛନ୍ତି। ଆଜିର ଅନିଶ୍ଚିତ ବିଶ୍ୱରେ ଭାରତ ଓ ଇସ୍ରାଏଲ ଭଳି ବିଶ୍ୱସ୍ତ ସହଭାଗୀଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ପ୍ରତିରକ୍ଷା ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୋଦୀ କହିଛନ୍ତି।

## ବିଜେଡିର ପଞ୍ଚାୟତ ପ୍ରସ୍ତୁତି: ନବୀନ ନିବାସରେ ଦଳର ସବୁ ବିଧାୟକ

# ସବୁ ନିର୍ବାଚନମଣ୍ଡଳୀ ସଂଗଠନ କଥା ବୁଝିଲେ ନବୀନ

ଭୁବନେଶ୍ୱର,୨୭।୨(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶୁକ୍ରବାର ନବୀନ ନିବାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ସଂଗଠନ ସୁଦୃଢ଼ୀକରଣ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିବା କୁହାଯାଉଛି । ପଞ୍ଚାୟତ ନିର୍ବାଚନ ଆଉ ମାତ୍ର ୧୨ ମାସ ବାକି ଥିବାରୁ ଏଥିପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ଆଜି ସୁପ୍ରିମୋ ଦଳର ଅନେକ ବିଧାୟକମାନଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀର ସାଂଗଠନିକ ସ୍ଥିତି ସମ୍ପର୍କରେ ଗୋଟି ଗୋଟି କରି ଆଲୋଚନା କରିଛନ୍ତି ।ଆସନ୍ତା କାଲି ମଧ ପୁନର୍ବାର ଏହି ପ୍ରସଙ୍ଗରେ ଆଲୋଚନା ହେବ ବୋଲି ବିଧାୟକମାନେ ସୂଚନା ଦେଇଛନ୍ତି ।

ଶୁକ୍ରବାର ଅପରାହ୍ନରେ ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ଦଳର ସୁପ୍ରିମୋ ବିଧାୟକମାନଙ୍କ ସହ ମହିଳା, ଯୁବ ଛାତ୍ର ସଂଗଠନକୁ ଅଧିକ ଶକ୍ତିଶାଳୀ କରାଯିବା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ସେମାନଙ୍କ ନିଜ ନିଜ ନିର୍ବାଚନମଣ୍ଡଳୀର ସୁବିଧା, ଅସୁବିଧା ସମ୍ପର୍କରେ ନବୀନ ପଚାରି ବୁଝିଛନ୍ତି। ରାଜ୍ୟରେ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ମଣ୍ଡିରେ ଚାଷୀ ହଇରାଣ ହେଉଥିବା ବେଳେ

**ଆସନ୍ତାକାଲି ପୁଣି ନବୀନ ନିବାସରେ ବିଧାୟକଙ୍କ ବୈଠକ**

ରାଜ୍ୟରେ ମହିଳା ଓ ନାବାଳିକା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଧାନ ମଣ୍ଡି ଅବ୍ୟବସ୍ଥାକୁ ନେଇ ବିଜେଡି ପଞ୍ଚାୟତରୁ ଆରମ୍ଭ କରି ଲୋୟର ପିଏମଜି ଯାଏ ଆନ୍ଦୋଳନ କରିଛି। ଏହି ସମସ୍ୟାର ସମାଧାନ ନହେବା ଯାଏଁ ସରକାରଙ୍କ ଉପରେ ବିଜେଡି ଚାପ ଜାରି ରଖିବାକୁ ନବୀନ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିଜେଡି ବିଧାୟକମାନେ ସକ୍ରିୟତାର ସହ କାର୍ଯ୍ୟ କରିବା ଏବଂ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ପ୍ରଦାନ ସହ ସଂଗଠନକୁ ଦୃଢ଼ କରିବା ପାଇଁ ବିଧାୟକମାନେ କ'ଣ ଚାହୁଁଛନ୍ତି ସେ ସମ୍ପର୍କରେ ମଧ ନବୀନ ପଚାରିଛନ୍ତି।

ଗତକାଲି ଅର୍ଥାତ୍ ଗୁରୁବାର ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକରେ ମଧ ସଂଗଠନ ସଶକ୍ତିକରଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଆଗାମୀ ଦିନରେ ସାଂଗଠନିକ କାର୍ଯ୍ୟକ୍ରମ ରୂପରେଖ ପ୍ରସ୍ତୁତ ହୋଇଥିବା ବେଳେ ରାଜ୍ୟସ୍ୱାର୍ଥସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସ୍ୱର ହେବାକୁ ଉପସ୍ଥିତ ନେତାମାନଙ୍କୁ ନବୀନ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ କିଛି ଦିନ ତଳେ ନବୀନ ଏକାଧିକ ପର୍ଯ୍ୟାୟରେ ୧୦ ଜଣ ଲେଖାଏଁ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ବର୍ଷ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେଡି ଏବେଠାରୁ ନିଜକୁ ପ୍ରସ୍ତୁତ କରୁଥିବା କୁହାଯାଉଛି।

## ମାର୍ଚ୍ଚ ୫ରେ ଓଡ଼ିଶା ଆସୁଛନ୍ତି ଅମିତ ଶାହା

ଭୁବନେଶ୍ୱର,୨୭।୨(ସମିସ): ଆସନ୍ତା ୫ ତାରିଖରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ୍ ଶାହା ୨ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ୫ ତାରିଖ ସନ୍ଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ଓଡ଼ିଶାରେ ପହଞ୍ଚିବେ। ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତ ସିଆଇଏସ୍ଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ ଖୋର୍ଦ୍ଧା ଜଟଣୀଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଏନଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର (ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନ୍ଏଫଏସ୍ୟୁ ଟ୍ରାଞ୍ଜିଟ୍ କ୍ୟାମ୍ପସର ଶୁଭ ଉଦଘାଟନ କରିବେ। ସେହିଦିନ ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି।



ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୭।୨(ସମିସ): ସ୍ନାତକୋତ୍ତର ନାମ ଲେଖାଇବାକୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆଜିଠାରୁ ଆବେଦନ ଆରମ୍ଭ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ ୧୬ତାରିଖରେ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ସମସ୍ତ ତଥ୍ୟ ପ୍ରବେଶିକା ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣମଣ୍ଡଳୀ (ଏସ୍ଏସ୍ବି)କୁ ୧୯ ତାରିଖରେ ଓକାକ୍ ପକ୍ଷରୁ ପ୍ରଦାନ କରାଯିବ। ଏପ୍ରିଲ ୨୩ ତାରିଖରେ ଏସ୍ଏସ୍ବି ୱେବସାଇଟ୍ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୭ରୁ ମେ' ୧୦ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୧୧ ତାରିଖରେ ପ୍ରୋଭିଜିନାଲ୍ ଆନସାର୍-

**ଏପ୍ରିଲ୍ ୨୭ରୁ ପରୀକ୍ଷା; ମେ' ୧୮ ପରେ ଫଳ**

**ପ୍ରତି ଆନ୍ସର୍ କୀ' ଚ୍ୟାଲେଞ୍ଜ ପାଇଁ ୨୦୦ ଟଙ୍କା**

କି' ପ୍ରକାଶ ପାଇବା ପରେ କୌଣସି ଉତ୍ତରକୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ୧୨ରୁ ୧୪ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ। ଗତବର୍ଷ ଆନସାର୍-କି' ଚ୍ୟାଲେଞ୍ଜ କରିବାକୁ କୌଣସି ସୁଯୋଗ ଦିଆଯାଇ ନଥିବାରୁ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ତେଣୁ, ଚଳିତ ବର୍ଷ ଏହାକୁ ଯୋଡ଼ାଯାଇଛି। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏଁ ଫି' ଦେବାକୁ ହେବ। ଏହା ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଆଉ ଫେରସ୍ତ କରାଯିବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚୂଡ଼ାନ୍ତ ଆନସାର୍-କି' ଓ ମେଧା ତାଲିକା ପ୍ରକାଶ ପାଇଁ ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ସୂଚାଇ ଦିଆଯିବ ବୋଲି କୁହାଯାଇଛି। ଚଳିତଥର ପିଜି ନାମଲେଖାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବେ, ସେମାନେ ଆଉ ପରବର୍ତ୍ତୀ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ। କେବଳ ନାମ ଲେଖାଇନଥିବା ଛାତ୍ରଛାତ୍ରୀମାନେ ହିଁ ପରବର୍ତ୍ତୀ ପର୍ଯ୍ୟାୟ ନାମଲେଖାରେ ଭାଗ ନେଇପାରିବେ।

ଚଳିତଥର ନାମଲେଖା ପ୍ରକ୍ରିୟାକୁ ତ୍ୱରିତ ସାରି ଜୁଲାଇ ୧୦ ତାରିଖରୁ ପାଠପଢ଼ା ଆରମ୍ଭ କରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଥିପାଇଁ ମାର୍ଚ୍ଚ ଶେଷ ସୁଦ୍ଧା ସ୍ନାତକ ପିଲାଙ୍କ ପରୀକ୍ଷା ସାରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି।

## ହାଇକମାଣ୍ଡଙ୍କ ସହ ଆଲୋଚନା ପାଇଁ ଦିଲ୍ଲୀ ଗଲେ ଭକ୍ତ

ଭୁବନେଶ୍ୱର, ୨୭।୨(ସମିସ): ରାଜ୍ୟସଭା ନିର୍ବାଚନ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଦିଲ୍ଲୀ ଯାଇଛନ୍ତି। ଦିଲ୍ଲୀ ଯିବା ପୂର୍ବରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଦାସ କହିଛନ୍ତି, ଜଣେ ସ୍ୱାଧୀନ ପ୍ରାର୍ଥୀ ଚତୁର୍ଥ ଆସନ ପାଇଁ ନାମାଙ୍କନ କରନ୍ତୁ ଓ ତାଙ୍କୁ ବିଜେଡି ଏବଂ କଂଗ୍ରେସ ସମର୍ଥନ କରିବା ଦରକାର ବୋଲି କହିଛନ୍ତି। ଶ୍ରୀ ଦାସଙ୍କ ଯୁକ୍ତି ଅନୁଯାୟୀ, ଯଦି ଓଡ଼ିଶାର କେହି ସ୍ୱନାମଧନ୍ୟ ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ଠିଆ ହୁଅନ୍ତି ଓ ବିଜେଡି, କଂଗ୍ରେସ ତାଙ୍କୁ ସମର୍ଥନ କରନ୍ତି, ଏହା ସବୁଠୁ ଭଲ ହୁଅନ୍ତା। ଏହାଦ୍ୱାରା ରାଜ୍ୟସଭାରେ ସେ ଓଡ଼ିଶାର ସ୍ୱାର୍ଥ ପାଇଁ ଦାବି ରଖିପାରନ୍ତେ।

ପିସିସି ସଭାପତି କହିଛନ୍ତି, ଆମ ଦୃଷ୍ଟିରେ ମଧ୍ୟ ଭଲ ପ୍ରାର୍ଥୀ ଅଛନ୍ତି। ତେବେ କ'ଣ ଚୂଡ଼ାନ୍ତ ହେବ, ତାହା ପାର୍ଟି ସ୍ଥିର କରିବ। ଅର୍ଥନୀତି ବିଭାଗର ପ୍ରଫେସର୍ ପ୍ରଭାସ ପଟ୍ଟନାୟକ, ଆଇନଜୀବୀ ପି.କେ ରଥ, ମାୟାଧର ମାନସିଂଙ୍କ ପୁତ୍ର ଲଳିତ ମାନସିଂ, ଡଃ ସୁବ୍ରତ ଆଚାର୍ଯ୍ୟ ଓ ଡଃ ଦଣ୍ଡେଶ୍ୱର ହୋତା ମଧ ବହୁ ପ୍ରସିଦ୍ଧ। ଏମାନଙ୍କ ମଧ୍ୟରୁ କେହି ପ୍ରାର୍ଥୀ ହେଲେ କଂଗ୍ରେସକୁ ସମର୍ଥନ

**ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜେଡି-କଂଗ୍ରେସ ସମର୍ଥନ ନେଇ ଆଶାବାଦୀ**

**୫ ବିଶିଷ୍ଟ ବ୍ୟକ୍ତିବିଶେଙ୍କ ନାଁ ଆଗକୁ ଆଣିଲା କଂଗ୍ରେସ**

**୩ ସେଟ୍ ଫର୍ମ କିଣିଲେ ବିଧାୟକ ସତ୍ୟଜିତ ଗମାଙ୍ଗ**

ଦେବାରେ କୌଣସି ସମସ୍ୟା ହେବ ନାହିଁ। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଦଳର ହାଇକମାଣ୍ଡ ନେବେ। ଓଡ଼ିଶାର ଅନ୍ୟ କେତେକ ପ୍ରତିଭାବାନ ବ୍ୟକ୍ତି ମଧ ଅଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ମଧ ପ୍ରାର୍ଥୀ ହୋଇପାରିବେ। ଆମକୁ ରାଜନୀତିରେ ଘୋଡ଼ା ବେପାର ରୋକିବାକୁ ପଡ଼ିବ ବୋଲି ଭକ୍ତ କହିଛନ୍ତି।

ଅନ୍ୟପଟେ ବିଜେଡିର ସମଦୂରତା ନୀତି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଭକ୍ତ କହିଛନ୍ତି, ବିଜେଡିର ସମଦୂରତା ନୀତି ଆପଣାଯାଇପାରିବ। ମାତ୍ର ଗୋଟିଏ ପ୍ରସଙ୍ଗଭିତ୍ତିକ ରାଜନୀତି ହୋଇପାରିବ। ଏହାଦ୍ୱାରା ବିରୋଧୀ ସୁଦୃଢ଼ ହେବେ ଓ ଶାସକ ଦଳର ଅସଲମୁଖା ପଦାରେ ପଡ଼ିବ ବୋଲି ଭକ୍ତ କହିଛନ୍ତି। ଏସବୁ ଭିତରେ ରାଜ୍ୟସଭା ନିର୍ବାଚନ କଂଗ୍ରେସ ଦଳ ନାମାଙ୍କନ ଫର୍ମ କିଣିଛି। କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ଶୁକ୍ରବାର ବିଧାନସଭା ସଚିବାଳୟରେ ପହଞ୍ଚି ତିନି ସେଟ୍ ଫର୍ମ ନେଇଛନ୍ତି। ଫର୍ମ ନେବା ପରେ ସେ କହିଛନ୍ତି, କଂଗ୍ରେସ ନିଶ୍ଚିତ ପ୍ରାର୍ଥୀ ଦେବ। ଏଆଇସିସି ଏବଂ ପିସିସି ସଭାପତି ରଣନୀତି କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ନିଶ୍ଚିତ ଜିତିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

**୩.୬୧ କୋଟି ଟଙ୍କାର ଦୁଇଟି ସାଇବର ଠକେଇ**

## ଦମ୍ପତିଙ୍କ ସମେତ ୩ ଗିରଫ

କଟକ, ୨୭।୨(ସମିସ): ଦୁଇଟି ପୃଥକ୍ ସାଇବର୍ ଠକେଇ ମାମଲାର ପର୍ଦ୍ଦାଫାସ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ସାଇବର୍ ଥାନା ପୁଲିସ। ସେମାନେ ହେଲେ, ହିମାଂଶୁ ପ୍ରସାଦ କର୍ଣ୍ଣ ଏବଂ ତାଙ୍କ ପତ୍ନୀ ଶୈଳେନ୍ଦ୍ରୀ କର୍ଣ୍ଣ (୩୧) ଏବଂ ବିହାରର ବେଗୁସରାଇ ଜିଲ୍ଲା ରତନପୁରରୁ ପ୍ରିନ୍ସ ରାଜ(୩୧)। କର୍ଣ୍ଣ ଦମ୍ପତିଙ୍କୁ ପୁଲିସ ଅନୁଗୋଳରୁ ଗିରଫ କରିଛି। ଅଧିକ ଲାଭର ପ୍ରଲୋଭନ ଦେଖାଇ ଏମାନେ ମୋଟ ୩ କୋଟି ୬୧ଲକ୍ଷ ୭୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା।

କ୍ରାଇମବ୍ରାଞ୍ଚର ସୂଚନାନୁସାରେ, ମାଗଣା ଷ୍ଟକ୍ ମାର୍କେଟ୍ ପରାମର୍ଶ ଦେବା ନାଁରେ ପ୍ରିନ୍ସ ନିଜକୁ ଏକ ନାମୀ କମ୍ପାନୀର ଫଣ୍ଡ ମ୍ୟାନେଜର୍ ବୋଲି ପରିଚୟ ଦେଇ ଗତ ୨୦୨୪ ଡିସେମ୍ବର ୨୩ରେ ଜଣେ ଯୁବକଙ୍କଠାରୁ ୨.୦୬ କୋଟି ଟଙ୍କା ଠକିଥିଲା। ଟ୍ରେଡିଂ ଓ ନିବେଶ କରି ଅଳ୍ପ ଦିନରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ମାତ୍ର ୩ ମାସ ଭିତରେ ଯୁବକଙ୍କଠାରୁ ୫୪ଟି କାରବାର ମାଧ୍ୟମରେ ମୋଟ ୨କୋଟି ୬ ଲକ୍ଷ ୭ ହଜାର ୫୦୦ଟଙ୍କା ଲୁଟି ନେଇଥିଲା। ଅଭିଯୋଗ ପାଇ ଇନ୍ସପେକ୍ଟର୍ ତପନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଏହାର ତଦନ୍ତ କରି ବିହାରର ବେଗୁସରାଇ ଜିଲ୍ଲା ରତନପୁରରୁ ଏହି ଠକେଇର ମାଷ୍ଟରମାଇଣ୍ଡ ପ୍ରିନ୍ସକୁ ଗିରଫ କରିଛି। ତା' ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଜବତ ହୋଇଛି। ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଥିବା ଜଣାଯାଇଛି।

ସେହିଭଳି, ଅନ୍ୟ ଏକ ଅନଲାଇନ୍ ଟ୍ରେଡିଂ ଠକେଇ ମାମଲାରେ ଅନୁଗୋଳରୁ ଅଭିଯୁକ୍ତ ହିମାଂଶୁ ପ୍ରସାଦ କର୍ଣ୍ଣ ଏବଂ ତାଙ୍କ ପତ୍ନୀ ଶୈଳେନ୍ଦ୍ରୀ କର୍ଣ୍ଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। କର୍ଣ୍ଣ ଦମ୍ପତି ମଧ ସମାନ ଉପାୟରେ ଜଣେ ଯୁବକଙ୍କଠାରୁ ୧ କୋଟି ୫୫ଲକ୍ଷ ୬୬ହଜାର ଟଙ୍କା ଠକିଥିଲେ। ଇନ୍ସପେକ୍ଟର୍ ନମିତା ସାହୁଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ୧୭ଟି ଚେକ୍ ବୁକ୍, ୧୦ଟି ବ୍ୟାଙ୍କ ପାସବୁକ୍ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରି ସେମାନଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟକୁ ଚାଲାଣ କରିଛି।

## ୨୨ ବର୍ଷ ପରେ ବହିଷ୍କୃତ ସିପାହୀଙ୍କୁ ନ୍ୟାୟ

**ପେନ୍ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କଟକ,୨୭।୨(ସମିସ): ଜଣେ ସିପାହୀଙ୍କ ବିରୋଧରେ ନିଆଯାଇଥିବା କଠୋର ଦଣ୍ଡାଦେଶକୁ କୋହଳ କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଓଡ଼ିଶା ହାଇକୋର୍ଟ। ୨୨ବର୍ଷ ତଳେ ଚାକିରିରୁ ବହିଷ୍କୃତ ହୋଇଥିବା ସିପାହୀ ରୋହିତ କୁମାର ସାହୁଙ୍କୁ ଏବେ ପେନସନ ଓ ସମସ୍ତ ଅବସରକାଳୀନ ସୁବିଧା ମିଳିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସାହୁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ସିପାହୀଙ୍କର ୧୫ବର୍ଷର କାର୍ଯ୍ୟକାଳ ମଧ୍ୟରେ କୌଣସି ଦାଗ ନଥିଲା। ମାତ୍ର ଗୋଟିଏ ଭୁଲ ପାଇଁ ଚାକିରିରୁ ବହିଷ୍କାର ଭଳି କଠୋର ଦଣ୍ଡାଦେଶ ଅତ୍ୟନ୍ତ ଅସଙ୍ଗତ। ଦଣ୍ଡାଦେଶ ଏମିତି ହେବା ଉଚିତ, ଯାହା ଅଭିଯୋଗ ସହିତ ସମାନ ହେଉଥିବ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ସିପାହୀଙ୍କୁ ଦିଆଯାଇଥିବା 'ବହିଷ୍କାର' ଦଣ୍ଡକୁ 'ବାଧ୍ୟତାମୂଳକ ଅବସର'ରେ ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ। ଗତ ୨୦୦୪ ଜୁନ୍ ୭ତାରିଖରୁ ଏହି ପରିବର୍ତ୍ତିତ ଦଣ୍ଡାଦେଶ ଲାଗୁ ହେବ, ଯାହାଫଳରେ ସେ ତାଙ୍କର ୧୫ ବର୍ଷର ଚାକିରି ପାଇଁ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ପୁଲିସ ବିଭାଗକୁ ୩ ମାସ ମଧ୍ୟରେ ଆବେଦନକାରୀଙ୍କର ସମସ୍ତ ପେନସନ୍ ଏବଂ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୧୯୮୯ ମସିହାରେ ଓଡ଼ିଶା ପୁଲିସର ଚତୁର୍ଥ ବାଟାଲିୟନରେ ଜଣେ ସିପାହୀ ଭାବେ ନିଯୁକ୍ତି ପାଇଥିଲେ। ୨୦୦୩ ମସିହାରେ ତାଙ୍କୁ ବଡ଼ବିଲ ଥାନାକୁ ଡେପୁଟେସନ୍‌ରେ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ସମୟରେ ସେ ସିପାହୀ ସଂଘ ସମ୍ପାଦକ ଥିବାରୁ ଏବଂ ମୁଖ୍ୟାଳୟରେ ରହିବା ନିୟମ ଥିବାରୁ ଡେପୁଟେସନ୍‌ରେ ଯିବା ନିର୍ଦ୍ଦେଶକୁ ବିରୋଧ କରିଥିଲେ। ତେବେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା କରିବା ଏବଂ 'କମାଣ୍ଡ ସାର୍ଟିଫିକେଟ୍' ଗ୍ରହଣ ନ କରିବା ଅଭିଯୋଗରେ ୨୦୦୪ ମସିହାରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା।

**ଦେଢ଼ ବର୍ଷ ପରେ ହୀରାକୁଦ ସ୍ଥିତି ପରଖିଲେ ଟ୍ରିବ୍ୟୁନାଲ**

## ନ୍ୟାୟ ପାଇବ ତ ମହାନଦୀ?

ସମ୍ବଲପୁର, ୨୭।୨ (ସମିସ): ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ହୀରାକୁଦରେ ସ୍ଥିତି ପରଖିବା ପାଇଁ ଗତକାଲି ସମ୍ବଲପୁରରେ ପହଞ୍ଚିଛନ୍ତି। ଏହି ଟିମ୍‌ରେ ଟ୍ରିବ୍ୟୁନାଲର ଚେୟାରମ୍ୟାନ୍ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ସଭ୍ୟ ଜଷ୍ଟିସ୍ ଡ. ରବି ରଞ୍ଜନ ଓ ଜଷ୍ଟିସ ଇନ୍ଦରମିତ୍ କୌର କୋଚର୍‌ଙ୍କ ସହ ଉଭୟ ଓଡ଼ିଶା ଓ ଛତିଶଗଡ଼ର ଆଡଭୋକେଟ ଜେନେରାଲ ଓ ଜଳସମ୍ପଦ ବିଭାଗ ସଚିବ ରହିଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅବଧି ଆସନ୍ତା ୧୩ ଏପ୍ରିଲ ୨୦୨୬ରେ ଶେଷ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନାରେ ଏହି ସମସ୍ୟାର ସମାଧାନ ହେବ। ଯଦି ଏପରି ହୋଇପାରିବ, ତେବେ ଟ୍ରିବ୍ୟୁନାଲର ଅବଧିକୁ କାହିଁକି ଆଉ ୯ ମାସ ପାଇଁ ବୃଦ୍ଧି କରାଯାଉଛି। ଏଭଳି ସ୍ଥିତିରେ ମହାନଦୀକୁ ନ୍ୟାୟ ମିଳିପାରିବ ତ? ଏହି ପ୍ରଶ୍ନ ଏବେ ଓଡ଼ିଶାବାସୀଙ୍କ ମନରେ ଉଙ୍କି ମାରୁଛି।

ଗତକାଲି ଟ୍ରିବ୍ୟୁନାଲ ଦଳ ଦିଲ୍ଲୀରୁ ବିମାନ ଯୋଗେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଅଶୋକ ନିବାସରେ ଅବସ୍ଥାନ କରିଛନ୍ତି। ତିନି ଜଣିଆ ଟ୍ରିବ୍ୟୁନାଲ ଦଳ ସହ ଓଡ଼ିଶା ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା,



ଛତିଶଗଡ଼ ଜଳସମ୍ପଦ ବିଭାଗ ସଚିବ ରାଜେଶ ସୁକୁମାର ଟପ୍ପୋ ଏବଂ ଛତିଶଗଡ଼ ଆଡଭୋକେଟ ଜେନେରାଲ ବିବେକ ଶର୍ମା ମଧ ଉପସ୍ଥିତ ରହିଛନ୍ତି। ଆଜି ସକାଳେ ସେମାନେ ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ଓ ବୈଷୟିକ ଅଧିକାରୀଙ୍କ ସହ ବିଭିନ୍ନ ଦିଗ ବିଷୟରେ ସମୀକ୍ଷା ଓ ଆଲୋଚନା କରିଥିଲେ। ଏଠାରେ ମହାନଦୀ ଓ ହୀରାକୁଦ ଡ୍ୟାମ୍‌କୁ ନେଇ ଏକ ପାୱାର୍-ପଏଣ୍ଟ ଉପସ୍ଥାପନା ଦିଆଯାଇଥିଲା। ପରେ ସେମାନେ ହୀରାକୁଦ ଡ୍ୟାମ୍ ଓ ବୁର୍ଲା ପାୱାର ହାଉସ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଭିନ୍ନ ସ୍ଥାନରେ ବୈଷୟିକ ଦଳ ସେମାନଙ୍କୁ ତଥ୍ୟ ସହ ଅବଗତ କରାଇଥିଲେ।

ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଅଣ-ମୌସୁମୀ ସମୟରେ ହୀରାକୁଦରେ ଜଳର ସ୍ଥିତି ଏବଂ ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟାକୁ ଟ୍ରିବ୍ୟୁନାଲ ନିଜ ଆଖିରେ ଦେଖିବା ଦ୍ୱାରା ଓଡ଼ିଶାର ପକ୍ଷ ଅଧିକ ମଜଭୁତ ହୋଇଛି। ପୂର୍ବରୁ ଏହି ବିବାଦ କେବଳ ଆଇନଗତ ଓ ରାଜନୈତିକସ୍ତରରେ ଅଟକି ରହିଥିବା ବେଳେ ବର୍ତ୍ତମାନ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟ ଆପୋଷ ବୁଝାମଣା ଜରିଆରେ ଏହାର ସମାଧାନ ପାଇଁ ରାଜି ହୋଇଛନ୍ତି। ବିଶେଷକରି, ଜୁଲାଇ ୨୦୨୫ ପରଠାରୁ ହୋଇଥିବା ବିଭିନ୍ନ ପର୍ଯ୍ୟାୟ ଶୁଣାଣିରେ ସକାରାତ୍ମକ ଦିଗ ସାମ୍ନାକୁ ଆସିଛି। ଆଜି ଟ୍ରିବ୍ୟୁନାଲ ବାସ୍ତବ ଚିତ୍ର ଦେଖିବା ପରେ ଏହାର ଏକ ସମାଧାନର ବାଟ ବାହାରୁଛି। ବିଶେଷକରି ୩୦ ହଜାର କୋଟି ଟଙ୍କାର 'ଇବ୍' ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଚାଷୀମାନେ ଉପକୃତ ହେବେ। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଆସନ୍ତା ୧୩ ଏପ୍ରିଲରେ ଶେଷ ହେବାକୁ ଥିବା ବେଳେ ଏହି ସମୟ ମଧ୍ୟରେ ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିବାକୁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି।

ଆଜି ରାତିରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଡେବ୍ରିଗଡ଼ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ସହ ସେଠାରେ ରାତିରେ ଅବସ୍ଥାନ କରିବେ। ଆସନ୍ତାକାଲି ସକାଳେ ଟ୍ରିବ୍ୟୁନାଲ ଦଳ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ଅପରାହ୍ଣରେ ଏମ୍‌ସିଏଲ୍ ହେଲିପ୍ୟାଡ୍‌ରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।


10001/94/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଇଞ୍ଜେକ୍ସନ୍

ହିତାଧିକାରୀଙ୍କ ପାଇଁ ସୂଚନା

- ନିରାପଦ, ଦୀର୍ଘକାଳୀନ ତଥା ପ୍ରଭାବଶାଳୀ ଗର୍ଭନିରୋଧକ
- ୪ ସପ୍ତାହର ଗ୍ରେସ୍ ପିରିୟଡ୍ ସହିତ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ
- ବ୍ୟବହାର ପୂର୍ବରୁ ପେଲ୍‌ଭିକ୍ ପରୀକ୍ଷାର ଆବଶ୍ୟକ ନାହିଁ
- ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଉପଯୁକ୍ତ (ପ୍ରସବର ୬ ସପ୍ତାହ ପରେ)
- ସ୍ତନ୍ୟପାନକୁ ପ୍ରଭାବିତ କରେନାହିଁ
- ସୁବିଧାଜନକ ଏବଂ ବ୍ୟବହାର କରିବାକୁ ସହଜ

ଯଦି, ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଗ୍ରହଣକରିଥିବା ମହିଳାଙ୍କ କ୍ଷେତ୍ରରେ ଅନିୟନ୍ତ୍ରିତ ରକ୍ତସ୍ରାବ କିମ୍ବା ଆମେନୋରିଆ (ଋତୁସ୍ରାବ ବନ୍ଦ), ଅସ୍ୱାଭାବିକ ଓଜନ ବୃଦ୍ଧି, ଅଧିକ ମୁଣ୍ଡବିନ୍ଧା କିମ୍ବା ଚିଡ଼ିଚିଡ଼ା ଭାବ ଦେଖାଦିଏ ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

OIPR-10001/10003/2/25-26/0021

ବିଭିନ୍ନ ଗର୍ଭନିରୋଧକ ପଦ୍ଧତି

ଇଞ୍ଜେକସନ୍ ଏମ.ପି.ଏ. | ଜରୁରୀକାଳୀନ ଗର୍ଭନିରୋଧକ ବଟିକା | ଗର୍ଭନିରୋଧକ ବଟିକା | କପର-ଟି ଆଇ.ୟୁ.ସି.ଡି ୩୭୫ ଆଇ.ୟୁ.ସି.ଡି ୩୮୦ ଖି | କଣ୍ଡୋମ | ପୁରୁଷ ବନ୍ଧ୍ୟାକରଣ | ମହିଳା ବନ୍ଧ୍ୟାକରଣ

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ

ଏହି ସେବା ପାଇବା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

● ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷଙ୍କ ଗିରଫଦାରୀର ପ୍ରତିବାଦ

# ରାୟଗଡ଼ାରେ ଯୁବ କଂଗ୍ରେସର ବିକ୍ଷୋଭ




ରାୟଗଡ଼ା,୨୭।୨(ସମିସ): ଦିଲ୍ଲୀରେ ଆୟୋଜିତ ଏଆଇ ସମ୍ମିଳନୀରେ ବିରୋଧ ପ୍ରଦର୍ଶନ ବେଳେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ଉଦୟ ଭାନୁ ଚିବ୍‌ଙ୍କ ଗିରଫଦାରୀକୁ ନେଇ ଏବେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆଜି ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା ସହର ସ୍ଥିତ କପିଳାସ ଛକରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିରୋଧରେ ବିକ୍ଷୋଭ କରାଯାଇଛି। ଦିଲ୍ଲୀରେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ଉଦୟ ଭାନୁ ଚିବ୍‌ଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଛି ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ। ଓଡିଶା ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତଙ୍କ ନେତୃତରେ ହୋଇଥିବା ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଫଟୋଚିତ୍ରକୁ ନିଆଁ ଲଗାଇ ବିକ୍ଷୋଭକାରୀମାନେ ବିକ୍ଷୋଭ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଓଡିଶା ଯୁଥ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ରାୟଗଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ଉପ ସଭାପତି ଅଶୋକ ପୁଆଲା, ରାୟଗଡା ବ୍ଲକ ବିଧାୟକ ପ୍ରତିନିଧି ସତ୍ୟବାନ ମଣ୍ଡାଙ୍ଗି, ସଭ୍ୟ ରାଜେନ୍ଦ୍ର ପାଲାକା, ସୁରେନ୍ଦ୍ର ପାଲାକା ଓ ସୀମାଦ୍ରୀ ପାଲାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଲକାନଗିରି ବ୍ଲକ୍‌ରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ




ମାଲକାନଗିରି, ୨୭।୨(ସମିସ): ୫୫ଗୋଟି ନୂତନ ପାଠ୍ୟ ପୁସ୍ତକ ତଥା ଓଡ଼ିଶା ପାଠ୍ୟକ୍ରମ ରୂପରେଖ, ଜାତୀୟ ଶିକ୍ଷାନୀତିର ମୌଳିକ ନୀତି ଓ ଲକ୍ଷ୍ୟ କୁ ନେଇ ମାଲକାନଗିରି ବ୍ଲକରେ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ପାଞ୍ଚଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଭାଗିରଥୀ ବେହେରା ଓ ବ୍ଲକ ଶିକ୍ଷା ଅଧିକାରୀ ମମତା ସଏଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ ପରିଚାଳନା କରିଥିଲା ବେଳେ ସାଧନ କର୍ମୀ ସୁକାନ୍ତ କୁମାର ସାହୁ, ପ୍ରମୋଦ କୁମାର ସେନାପତି, ରାମ ପ୍ରସାଦ ପାଢ଼ୀ ଓ ବିଜୟ କୁମାର ମିସ୍ତ୍ରୀ ତାଲିମ ପ୍ରଦାନ କରିଥିଲେ। ପ୍ରତି ପର୍ଯ୍ୟାୟରେ ୧୦୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ଜିଲ୍ଲା ସଦରର ସ୍ଥାନୀୟ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରଶିକ୍ଷାର୍ଥି ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଯାଏଁ ୫୦୦ ଜଣ ଏହି ତାଲିମ ନେଇଥିବା ବେଳେ ବାର୍ଷିକ ପରୀକ୍ଷା ପରେ ଆସନ୍ତା ମାର୍ଚ୍ଚ ୧୬ ତାରିଖଠାରୁ ବଳକା ୨୦୦ ଜଣ ଏହି ତାଲିମ ନେବାର କାର୍ଯ୍ୟକ୍ରମ ରହିଛି।

# ଆମ ପୁଲିସ ସମିତି ବୈଠକ




କୋରାପୁଟ,୨୭।୨(ସମିସ): କୋରାପୁଟ ଟାଉନ ଥାନା ପକ୍ଷରୁ ସଦର ବ୍ଲକ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ଚୈତନ୍ୟ ଜାନି, ପଞ୍ଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟାଉନ ଥାନା ପକ୍ଷରୁ ପ୍ରଥମ ଥର ପାଇଁ ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ ଆୟୋଜନ କରା ଯାଇଥିବାରୁ ଥାନା ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଆଜିର ବୈଠକରେ ମୁଖ୍ୟତଃ ବାଲ୍ୟ ବିବାହ, ଶିଶୁ ଯୌନ ନିର୍ଯାତନା(ପୋକସୋ), ନାବାଳକ ବାଇକ୍ ଚାଳକ ବନ୍ଦ ଉପରେ ଆଲୋଚନା ହୋଇଥିବା ବେଳେ ଅପରାଧ ନିୟନ୍ତ୍ରଣ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ପରିଚାଳନା ନିମନ୍ତେ ଜନ ସାଧାରଣ ପୁଲିସକୁ ସହାୟତା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ସହ ପଦ୍ମପୁର ଓ ଅନ୍ୟାନ୍ୟ ଗ୍ରାମର ଲୋକେ ବୈଠକରେ ଉପସ୍ଥିତ ଥିଲେ। ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ମାନେ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

## ଗଞ୍ଜେଇ ତେଲ ଜବତ ଘଟଣା

# ୫ ସଂଦିଗ୍ଧଙ୍କୁ କାବୁକରିଛି ପାଡୁଆ ପୁଲିସ!



ନନ୍ଦପୁର,୨୭।୨ (ସମିସ): ଗଞ୍ଜେଇ ତେଲ ଜବତ ଘଟଣାରେ ପଡୁଆ ପୁଲିସକୁ ମିଳିଛଇ ବଡ଼ ସଫଳତା । ଏହି ତେଲ ପ୍ରସ୍ତୁତିରେ ସମ୍ପୃକ୍ତ ୫ ଜଣ ସଂଦିଗ୍ଧଙ୍କୁ ପୁଲିସ କାବୁକରି ତଦନ୍ତ କରୁଥିବା କୁହାଯାଉଛି। ଗତ ଗୁରୁବାର ଠାରୁ ଜଳବନ୍ଧୀ ଘେରା ପରଜା ବଡ଼ପଡ଼ା ଗ୍ରାମପଞ୍ଚାୟତ ର ଜଙ୍ଗଲ ମଧ୍ୟରେ ବଡ଼ଧରଣର ଅପରେସନ ଆରମ୍ଭ କରି ଗଞ୍ଜେଇ ସହ ଗଞ୍ଜେଇ ତେଲ ଜବତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନରେ ସର୍ଚ୍ଚ ଅପରେସନ କରି ବଡ଼ ସଫଳତା ମିଳିଛି। ମିଳିଥିବା ଖବର ଅନୁସାରେ ଦ୍ୱିତୀୟ ଦିନ ଅପରେସନ ଆରମ୍ଭ କରି ତିନିରୁ ଅଧିକ ସଂଦିଗ୍ଧଙ୍କୁ ଧରି ପୁଲିସ ପଚରା ଉଚରା କରୁଛି। ତେବେ ପାଡୁଆ ପୁଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆ ଯାଉନାହିଁ। ଜଣେ ସଦିଗ୍ଧଙ୍କୁ ଗତ ଗୁରୁବାର ଠାରୁ ଅଟକ ରଖି ତଦନ୍ତ ଆଗକୁ ଦିଆଯାଉଥିବା ଆଲୋଚନା ହେଉଛି। ମିଳିଥିବା ଖବର ଅନୁସାରେ ଗଞ୍ଜେଇ ମାଫିଆ ମାନେ ବାହାର ରାଜ୍ୟରେ ରହିଥିବାରୁ ପୁଲିସ କିଭଳି ପଦକ୍ଷେପ ନେଉଛି ତାହାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ପ୍ରସବ ଯନ୍ତ୍ରଣାରେ ଛଟପଟ ଗାଈର ଜୀବନ ବଞ୍ଚାଇଲେ ଲୋକେ

ଗୁଣୁପୁର,୨୭।୨(ସମିସ): ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରଲ୍ ପରେ ପ୍ରସବ ଯନ୍ତ୍ରଣାରେ ଛଟପଟ ଏକ ଗାଈର ଜୀବନ ବଞ୍ଚାଇଛନ୍ତି ଲୋକେ। ଦୁଇଦିନ ପୂର୍ବେ ଗୁଣୁପୁର କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ଏକ ଗାଈ ପ୍ରସବ କରିବା ପରେ ଯନ୍ତ୍ରଣାରେ ଛଟପଟ ହେଉଥିଲା। ଏହି ଦୃଶ୍ୟ ସେହି ରାସ୍ତାରେ ଯାଉଥିବା କିଛି ଯୁବକ ଉତ୍ତୋଳନ କରି ଗାଈର ଜୀବନ ବଞ୍ଚାଇବା ପାଇଁ ଭିଡିଓ ଭାଇରଲ କରିଥିଲେ। ଭିଡିଓ ଭାଇରଲ ପରେ ସ୍ଥାନୀୟ ଯୁବକ, ବିଜେପି ନେତା ଅମର ସାହୁ ଓ ପ୍ରାଣୀ ଚିକିତ୍ସା ବିଭାଗର ରାଧେ ଶ୍ୟାମ ଦାସ ପହଞ୍ଚି ଗାଈର ଚିକିତ୍ସା କରିଥିଲେ। ଦୀର୍ଘ ସମୟର ଚିକିତ୍ସା ପରେ ଗାଈର ଜିବନ ବଞ୍ଚିଯାଇଥିଲା। ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

● ଏଥର ଖେଳିବା ପ୍ରାକୃତିକ ରଙ୍ଗର ହୋଲି

# ଖୋଲିଲା ବିଭିନ୍ନ ରଙ୍ଗ ବେରଙ୍ଗର ଫଗୁ ଷ୍ଟଲ୍



କୋରାପୁଟ,୨୭।୨(ସମିସ): ରଙ୍ଗର ପର୍ବ ହୋଲି ଉତ୍ସବ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ କୋରାପୁଟ ସହରରେ ଖୋଲାଯାଇଛି ପନିପରିବାରୁ ପ୍ରସ୍ତୁତ ବିଭିନ୍ନ ରଙ୍ଗ ବେରଙ୍ଗର ଫଗୁ। କୋରାପୁଟ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଫଗୁ ଷ୍ଟଲ ଖୋଲାଯାଇଛି। ଡୁମୁରିପୁଟର ମା ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ପନିପରିବାରୁ ବିଭିନ୍ନ ରଙ୍ଗର ଫଗୁ ପ୍ରସ୍ତୁତ କରୁଛନ୍ତି। ଓରମାସ ପକ୍ଷରୁ ମହିଳା ମାନଙ୍କୁ ସହାୟତା କରାଯାଇଥିବା ଜଣାପଡିଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ପ୍ରାକୃତିକ ରଙ୍ଗର ହୋଲି ଖେଳିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଓରମାସ ର ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ଉମା ମହେଶ ଯୋଗଦେଇ ପରିଚାଳନା କରିଥିଲେ। ସମୟ ଅଛି ଭଲ ବ୍ୟବସାୟ ହେବ ବୋଲି ସେ କହିଛନ୍ତି।

# ୭୩ ଏସ୍‌ଏଚ୍‌ଜିକୁ ୩ କୋଟି ୭୫ ଲକ୍ଷ ଟଙ୍କାର ଋଣ ପ୍ରଦାନ

ପୋଡ଼ାଗଡ଼, ୨୭।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଆଜି ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଓଏଲ୍‌ଏମ୍ ସଂଯୋଜକ ଫିରଜ ଲିମା ଙ୍କ ଦ୍ୱାରା ଏହାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଡିଓ ସିଦ୍ଧେଶ୍ୱର ନାୟକ ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାୟକ, ସିଡିପିଓ କବିତା ନାଗ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଅତିଥି ମାନେ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଋଣ ଟଙ୍କା ନେଲା ପରେ, କିଭଳି ଆର୍ଥିକ ରୋଜଗାର କରି ଲକ୍ଷ ପତି ଦିଦି ହୋଇ ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ ଋଣ ମଧ୍ୟ ଠିକ୍ ସମୟରେ ଯେଭଳି ପରିଶୋଧ କରିବେ ସେ ସମ୍ପର୍କରେ ବୁଝାଇ କହିଥିଲେ। ଏଥିରେ ଦଶମନ୍ତପୁର ଷ୍ଟେଟ୍ ବ୍ୟାଙ୍କ ଓ ଜିବି ବ୍ୟାଙ୍କ, ପୋଡ଼ା ଗଡ଼ ଏବଂ ଏ ମାଲକାନଗିରିରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ମାନେ ଉପସ୍ଥିତ ରହି ପୂର୍ବରେ ଚୟନ କରିଥିବା ୭୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ୪ଟି ବ୍ୟାଙ୍କରୁ ମୋଟ ୩ କୋଟି ୭୫ ଲକ୍ଷ ଟଙ୍କାର ଋଣ ରାଶି ପ୍ରଦାନ କରାଯିବ ବୋଲି କହିଥିଲେ। ଆଜି ବିଭିନ୍ନ ପଞ୍ଚାୟତରୁ ଆସିଥିବା ସିଂହ ଦ୍ୱାର, ରାଣୀ ଚୂଆ, ସାଲମ ଏସ୍‌ଏଚ୍‌ଜ ଭଳି କେତେକ ଏସ୍‌ଏଚ୍‌ଜିକୁ ଡେମ ଚେକ୍ ପ୍ରଦାନ କରିଥିଲେ। ମିଶନ ଶକ୍ତି ସଂଯୋଜକ ରଜତ କୁମାର ବିଡିକା ଏହାକୁ ପରିଚାଳନା କରିଥିବା ବେଳେ ବ୍ୟାଙ୍କ ମିତ୍ର, ଏମ୍‌ବିକେ, ସିଆର୍‌ପି ଏବଂ ୭୩ ଗୋଟି ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।

# ପଣ୍ଡି ଘାଟରେ ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ




କୋରାପୁଟ,୨୭।୨(ସମିସ) ସ୍ଥାନୀୟ ପଣ୍ଡି ଘାଟରେ କୋରାପୁଟ ସାମ୍ବାଦିକ ମାନଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଡିଜିଟାଲ ମିଡିଆ ସଭାପତି ସିଏଚ୍ ଭଗବତୀ ଆଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ଗଣ ମାଧ୍ୟମ ସଂସ୍ଥା ସହ ଡିଜିଟାଲ ଓ ସାମାଜିକ ଗଣମଧାମର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। କୌଣସି ସଂଘ କିମ୍ବା ସଂଗଠନର ବ୍ୟାନର ନଥାଇ ରାଜନୈତିକ ଅଭିସନ୍ଧି ଠାରୁ ଦୂରରେ ରହି କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କର ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଆଲୋଚନା ମାଧ୍ୟମରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁହାଯାଇଛି। କଂଗ୍ରେସର ଯୁବ ନେତା ରୂପକ ତୁରୁକ, ବ୍ୟବସାୟୀ ଅମିତ ପାତ୍ର, ଟୁବୁଲି ବେହେରା ଓ ବିଜୁ ଦଲେଇଙ୍କ ସମେତ ଜିଲ୍ଲାର ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ।

# ଜିଲ୍ଲାରେ ନିଶାମୁକ୍ତ ଭାରତ ଅଭିଯାନ

ରାୟଗଡ଼ା,୨୭।୨(ସମିସ): ଜିଲ୍ଲାକୁ ନିଶାମୁକ୍ତ ଓ ଅବୈଧ ଚାଲାଣ ରୋକିବା ନିମନ୍ତେ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହଯୋଗରେ ଜିଲ୍ଲାର ୫ଟି ବିଦ୍ୟାଳୟରେ ଶୁକ୍ରବାର ଦିନ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସଦର ମହକୁମାସ୍ଥିତ ଇନ୍ଦିରା ନଗର, ଶାସ୍ତ୍ରୀ ନଗର, ଫରେଷ୍ଟ କଲୋନୀ, ରେଭେନ୍ୟୁ କଲୋନୀ ଓ ଗାନ୍ଧୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ସମାଜରେ ନିଶା ସେବନ ଓ ମାଦକ ଦ୍ରବ୍ୟର ବ୍ୟବହାର ଦିନକୁ ଦିନ ବଢିବାରେ ଲାଗିଛି। ଏଥିପାଇଁ ହତ୍ୟା, ନାରୀ ନିର୍ଯାତନା, ଚୋରି ଆଦି ବଢିବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ନିଶା ମୁକ୍ତ ଭାରତ ଗଠନ ନିମନ୍ତେ ବିଦ୍ୟାଳୟ ସ୍ତରରେ ଶିଶୁଙ୍କୁ ନିଶା ଓ ମାଦକ ଦ୍ରବ୍ୟ ସେବନର କୁପରିଣାମ ଓ ଅପକାରିତା ବିଷୟରେ ଅବଗତ କରାଇବା ସହିତ ଯୁବବର୍ଗଙ୍କୁ ଏଥିରୁ ଦୂରେଇ ରଖିବା ନିମନ୍ତେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ବଜେଟ୍ ଉପରେ ଆଲୋଚନାଚକ୍ର

କୋରାପୁଟ,୨୭।୨(ସମିସ): ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ଉପରେ କୋରାପୁଟ ଜିଲ୍ଲା ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଲୋଚନାଚକ୍ରରେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବଜେଟ ଏକ ଐତିହାସିକ ଜନ ମଙ୍ଗଳ ବଜେଟ ଅଟେ ବୋଲି ସେ କହିଛନ୍ତି। ପେନସନ ହିତାଧୀକାରୀଙ୍କୁ ୬୦ ବର୍ଷରେ ପେନସନ ପ୍ରଦାନ କରାଯିବ। ଏଥିରେ ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତିର ଗରିବ ଲୋକମାନେ ଅଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚଳିତ ବଜେଟର ଆକାର ବୃଦ୍ଧି ପାଇଛି। ଏହି ବଜେଟରେ ମହିଳା,କୃଷକ ,ଛାତ୍ରଛାତ୍ରୀ ଏବଂ ଅନ୍ୟ ବର୍ଗର ଲୋକଙ୍କ ପାଇଁ ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି। ଆଲୋଚନା ଚକ୍ରରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଜଳନ୍ଧର ଖିଲ,ଜିଲ୍ଲା ସଭାପତି ଶିବ ମୁଦୁଲି, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସାହେବ ଖିଲ,ଜିଲ୍ଲା ବିଜେପି ସାଧାରଣ ସଂପାଦକ ଚୈତନ୍ୟ ହନ୍ତାଲ,ପୂର୍ବତନ ସଭାପତି ଜୟରାମ ଗରଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ପ୍ରତିଯୋଗିତା



ଜୟପୁର,୨୭।୨(ସମିସ): କୋରାପୁଟ ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ଜୟପୁର ସ୍ଥିତ ସ୍ପୋର୍ଟସ କମ୍ପେଲକ୍ସ ଠାରେ ଆଜି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୪ଟି ବ୍ଲକ ୪ଟି ପୌରାଞ୍ଚଳ ୨୬୦ ଭିନ୍ନକ୍ଷମ ଖେଳାଳି ମାନେ ଯୋଗ ଦେଇଥିଲେ। ଏଥିରେ ସଟପୁଟ, ଜାଭିଲିନ ଥ୍ରୋ, ଡିସକୋସ, ହୁଇଲ ଚେୟାର, ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଇତ୍ୟାଦି ପ୍ରତିଯୋଗିତାରେ ଖେଳାଳି ମାନେ ଭାଗ ନେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ ଅଧକ୍ଷା ତିଳତ୍ତମା ମୁଦୁଲି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ଖେଳ ପ୍ରତିଯୋଗିତା ପ୍ରାରମ୍ଭରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ବାହିନୀପତି କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ଖେଳ ମନୋବୃତ୍ତି ନେଇ ଖେଳିବା ପାଇଁ ଶୃଙ୍ଖଳା ଓ ଅନୁଶାସନ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମଟି ପୌର ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ବାପି ମହାପାତ୍ର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ବିମାନରେ ରାଧାକୃଷ୍ଣଙ୍କ ପ୍ରତିମା

# ସହର ପରିକ୍ରମା କରି ଦେଉଛନ୍ତି ଦର୍ଶନ



ବିଷମ କଟକ,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ଦୋଳ ପୂର୍ଣ୍ଣମୀ ଉତ୍ସବ ଜୋରସୋରରେ ଚାଲିଛି। ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣମୀ ଯାତ୍ରା ପାଞ୍ଚଦିନ ଧରି ଆୟୋଜନ ହୋଇଥାଏ। ଦଶମୀ ଆରମ୍ଭରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଧାକୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ବିମାନରେ ବିଜେ କରାଇ ଗୋପାଳ ବାଳକ ମାନେ ମନ୍ଦିର ସେବାୟତକୁ ନେଇ ନଗର ପରିକ୍ରମା କରୁଛନ୍ତି। ସହରର ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶେଷ ଦେବ ଏହି ତିନି ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ବାହାରି ସହର ବିଜେ କରୁଛନ୍ତି। ଯାହାକୁ ନେଇ ବିଷମ କଟକ ସହର ଉତ୍ସବ ମୁଖର ହୋଇପଡିଛି। ରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା ସମୟରେ ନଗରବାସୀ ଧୂପ ଦୀପ, ଭୋଗ ଦେଇ ପୂଜା କରି ଆର୍ଶୀବାଦ ପ୍ରାର୍ଥନା କରନ୍ତି। ପ୍ରତ୍ୟକ ବର୍ଷ ପୂର୍ଣ୍ଣିମା ପୂର୍ବଦିନ ଚତୁର୍ଦ୍ଦଶୀ ତିଥିରେ ରାଧା କୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ସହର ବିଜେ କରିବା ସହ ଶ୍ମଶାନରେ ମଗା ପୁଡା ଅର୍ଥାତ ରାଜାଗ୍ନୀ ପର୍ବ ପାଳିତ ହୋଇଥାଏ। ପ୍ରତ୍ୟେକ ବର୍ଷ ଚତୁର୍ଦ୍ଦଶୀରେ ରାଜାଗ୍ନୀ ପୂଜା ପାଳନ କରିବା ପ୍ରଥା କାହିଁ କେଉଁ କାଳରୁ ବିଷମ କଟକ ଅଞ୍ଚଳରେ ପରମ୍ପରା ରହିଆସିଛି। ଏହି ତିଥିରେ ଶ୍ମଶାନରେ ପୁରୋହିତଙ୍କ ଦ୍ୱାରା ରାଜାଗ୍ନୀ ପୂଜା ହୋଇ ଥାଏ। ରାଜାଗ୍ନୀ ନିଆଁର ଚାରି ଦିଗରେ ରାଧାକୃଷ୍ଣ ଯୁଗଳ ଚଳନ୍ତି ପ୍ରତିମା ବିମାନରେ ପରିକ୍ରମା କରିଥାନ୍ତି। ପୂର୍ଣ୍ଣମୀ ଦିନ ଜଳନ୍ତା ନିଆଁକୁ ସହରରେ ବଣ୍ଟା ଯାଇଥାଏ। ଏହି ନିଆଁରେ ନୂତନ କରି ଉତ୍ପାଦନ ହୋଇଥିବା କାନ୍ଦୁଲକୁ ଭାଜିବା ପରେ ନୂଆ କାନ୍ଦୁଲ ଖାଇଥାନ୍ତି। ଏହା ସହ ନୂଆ ଆମ୍ବ, ନୂଆ ମହୁଲ ମଧ୍ୟ ଖାଇବା ଅଞ୍ଚଳରେ ବିଧାନ ରହିଛି। ରାଜା ରାଜୁଡା ଅମଳରୁ ଏହି ପ୍ରଥା ଆଉ ପରମ୍ପରା ନେଇ ବିଷମ କଟକ ସହରରେ ଏହି ପୂଜା ମହାଆଡମ୍ବରରେ ପାଳନ କାରାଯାଇଥାଏ। ରାଧା କୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ଦଶମୀରୁ ବିଜେ କରିବା ପରେ ଦୋଳ ପୂର୍ଣ୍ଣିମା ଦିନ ରାଧା କୃଷ୍ଣଙ୍କ ଯୁଗୋଳ ଚଳନ୍ତି ପ୍ରତିମା ଦୋଳ ମଣ୍ଡପ ଠାରେ ପୂଜା ପାଇବେ ବୋଲି ପୂଜକ ରାମ ରଥ, ବିଶ୍ୱନାଥ ରଥ, ଶଙ୍କର ରଥ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିକଶିତ ଭାରତ ଓ ଯୁବ ସଂସଦ କାର୍ଯ୍ୟକ୍ରମ




କୋରାପୁଟ,୨୭।୨(ସମିସ): କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲତିକା ମିଶ୍ର, ନାରାୟଣପାଟଣା ତହସିଲଦାର ସୁଶ୍ରୀ ପ୍ରଭାତି ଖେଡିଆ ଓ କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ। ଏହା ପରେ ପରେ 'ଜରୁରୀ କାଳୀନ ପରିସ୍ଥିତିର ୫୦ ବର୍ଷ ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା" ପ୍ରସଙ୍ଗରେ ୧୮ରୁ ୨୫ ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତା ନିମନ୍ତେ 'ମାଇଁଭାରତ ପୋର୍ଟାଲ'ରେ କୋରାପୁଟ ଜିଲ୍ଲାର ୧୬୧ ଜଣ ନାମ ପଞ୍ଜୀକରଣ କରିଥିଲେ। ବିଚାରକ ଭାବରେ ଡ. ଲହରୀ ବେହେରା, ଡ. ମନୋରଞ୍ଜନ ପ୍ରଧାନ, ଡ. ଲତିକା ମିଶ୍ର , ସୁଶ୍ରୀ ପ୍ରଭାତି ଖେଡିଆ ଓ ମନୋଜ କୁମାର ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଡ ପ୍ରୀତିଧାରା ସାମଲ, ଡ ସୈରିନ୍ଧ୍ରୀ ମହାରଣା, କାଞ୍ଚନ ତାଣ୍ଡି, ଓ ପ୍ରଶାନ୍ତ ସାନ୍ତରା ପରିଚାଳନା କରିଥିବା ବେଳେ ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଶୁଭମ ସାହୁ , ଦିଲୀପ କୁମାର ସାହୁ, ଶିବରାମ ବଡରାଇତା ପ୍ରମୁଖ ସହାୟତା କରିଥିଲେ। ନମନ କୁମାର ଦୋରା, ମାନସୀ ରାଣୀ ମହାନ୍ତି, ଅମିତାଭ ବାହିନୀପତି, ପାପୁନି ମାଣ୍ଡି, ଓ ସ୍ୱୟମ୍ ସମ୍ପୂର୍ଣ୍ଣା ସେନାପତି ଜିଲ୍ଲାସ୍ତରରେ କୃତକାର୍ଯ୍ୟ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। କୋରାପୁଟ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ବାହାରୁ ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅଙ୍ଗନବାଡି ଗୃହ ନିର୍ମାଣ ଟଙ୍କା ମିଳୁନି

# ତାଲା ପକାଇବାକୁ ଠିକାଦାରଙ୍କ ଧମକ



ଖଇରପୁଟ,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ପ୍ରଶାସନ ପୁଣିଥରେ ବିବାଦରେ ଛନ୍ଦି ହୋଇଛନ୍ତି । ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ମିଳିଥିବା ଅନୁଦାନର ଟଙ୍କା ସମୟରେ ଦେଇପାରିନଥିବାରୁ ଠିକାଦାରମାନେ ପ୍ରାପ୍ୟ ପାଇଁ ହଇରାଣ ହେଉଛନ୍ତି । କେତେକ ସ୍ଥାନରେ ଅଙ୍ଗନବାଡି କେନ୍ଦ୍ରକୁ ତାଲା ପକାଇବାକୁ ଧମକ ଦେଇଛନ୍ତି । ସରକାରୀ ନିୟମ ଅନୁଯାୟୀ ପ୍ରତିଟି ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ୧୨ ଲକ୍ଷ ଟଙ୍କା ଅନୁଦାନ ନିର୍ଦ୍ଧାରିତ ଥିଲା । ଏଥିରୁ ୨ ଲକ୍ଷ ଟଙ୍କା ବ୍ଲକ ପ୍ରଶାସନ, ୨ଲକ୍ଷ ପଞ୍ଚାୟତ ପ୍ରଶାସନ ଓ ବାକି ୮ଲକ୍ଷ ମନରେଗା ଅଧୀନରେ ଦେବାକୁ ନିୟମ ରହିଛି । ଏହି ଯୋଜନା ଅନୁସାରେ ଖଇରପୁଟ ବ୍ଲକରେ ୫ଟି ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା । କିଛି କେନ୍ଦ୍ରର ଗୃହ ନିର୍ମାଣ କାମ ଶେଷ ହୋଇଥିବାବେଳେ ଅନ୍ୟ କିଛି ଅଧପନ୍ତରିଆ ଅବସ୍ଥାରେ ରହିଛି । କିନ୍ତୁ ଯେଉଁ କେନ୍ଦ୍ରଗୁଡ଼ିକର କାମ ଶେଷ ହୋଇସାରିଛି, ସେଠାରେ ମଧ୍ୟ ଠିକାଦାରମାନେ ତାଙ୍କ ପ୍ରାପ୍ୟ ଟଙ୍କା ପାଇନାହାନ୍ତି । ମନରେଗା ଅଧୀନର ଅନୁଦାନ ଦେଇପାରିନଥିବାରୁ ଏହି ସମସ୍ୟା ଉଭବ ହୋଇଛି ବୋଲି ଅଭିଯୋଗ ହେଉଛି । ଗୋବିନ୍ଦପାଲି ପଞ୍ଚାୟତରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର

### ନୀରବଦ୍ରଷ୍ଟା ଖଇରପୁଟ ବ୍ଲକ୍ ପ୍ରଶାସନ

ଗୃହ ନିର୍ମାଣ କାମ ଶେଷ ହୋଇଛି ଓ ତାହାରୁ ଗୋଟିଏ କେନ୍ଦ୍ର କାର୍ଯ୍ୟକ୍ଷମ ମଧ୍ୟ ହୋଇପାରିଛି । ତଥାପି ସମ୍ବନ୍ଧିତ ଠିକାଦାର ତାଙ୍କ ପ୍ରାପ୍ୟ ଟଙ୍କା ପାଇନାହାନ୍ତି । ଦୁଇଟି କେନ୍ଦ୍ରରେ କ୍ରମଶଃ ୩,୯୪,୫୮୫ ଟଙ୍କା ଓ ୩,୯୮,୩୫୧ ଟଙ୍କା ବକେୟା ରହିଥିବା ଜଣାପଡ଼ିଛି । ବ୍ଲକର ଅନ୍ୟ ୩ଟି କେନ୍ଦ୍ରର ଅବସ୍ଥା ମଧ୍ୟ ଏକେଇ ରହିଛି । ପ୍ରାପ୍ୟ ଟଙ୍କା ଦିଆଯାଇନଥିବାରୁ କ୍ଷୁବ୍ଧ ଠିକାଦାରମାନେ କାର୍ଯ୍ୟକ୍ଷମ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ତାଲା ପକାଇବାକୁ ଧମକ ଦେଇଥିବାରୁ ଅଞ୍ଚଳରେ ଚିନ୍ତା ବ୍ୟାପିଛି । ଏପଟେ ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁଁ ମନରେଗା ଟଙ୍କା ସମୟରେ ମୁକ୍ତି ନ ହେବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି । ଯଦି ସତ୍ୱରେ ସମସ୍ୟାର ସମାଧାନ ହେଉନାହିଁ, ତେବେ ଶିଶୁମାନଙ୍କ ସେବା ପାଇଁ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ହେବାର ସଙ୍କଟ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି ।

● ଖବର ପ୍ରକାଶ ପରେ ତତ୍ପରତା

# କଙ୍କ୍ରିଟ୍ ପକାଇ ରାସ୍ତା ଗାତ ପୋତିଲେ

ଏମ୍‌ଭି-୭୯,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା ଏମଭି-୭୯ ମୁଖ୍ୟ ଛକରେ ଜାତୀୟ ରାଜପଥ ମଝିରେ ସୃଷ୍ଟି ହୋଇଥିବା ଭୟଙ୍କର ଗାତ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ତତ୍କାଳ ତତ୍ପରତା ଦେଖାଯାଇଛି । ଗୁରୁବାର ଏନ୍‌ଏଚ୍ ସର୍ଭେଲାନ୍ସ ଗାଡ଼ି ଯୋଗେ କିଛି ଶ୍ରମିକ ଆସି ଘଟଣାସ୍ଥଳରେ କଙ୍କ୍ରିଟ୍ ପ୍ରସ୍ତୁତ କରି ଗାତକୁ ପୋତିଦେଇଛନ୍ତି । କିନ୍ତୁ ଏହି କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପୂର୍ବରୁ ପ୍ରକାଶିତ ଖବରରେ ଉଲ୍ଲେଖ ହୋଇଥିଲା ଯେ ଗାତ ତଳେ ପାନୀୟ ଜଳ ଯୋଗାଣ ପାଇପ୍ ଲାଇନ୍ ଫାଟିଯାଇଥିବାରୁ ବାରମ୍ବାର ପାଣି ଜମି ରାସ୍ତା ଧସିଯାଉଛି । ଏହି ମୂଳ ସମସ୍ୟାକୁ ସମାଧାନ ନ କରି ସେଥିରେ ସିଧାସଳଖ କଙ୍କ୍ରିଟ୍ ପକାଇବାକୁ ସ୍ଥାନୀୟ ଲୋକେ "ଲୋକଦେଖାଣିଆ ତତ୍ପରତା' ବୋଲି ଅଭିଯୋଗ କରିଛନ୍ତି ।



ବଜାର ମଝିରେ ଥିବା ଏହି ମୁଖ୍ୟ ଛକରେ ଦିନକୁ ଦିନ ଭାରିଯାନ ଚଳାଚଳ କରୁଥିବାରୁ ଦୀର୍ଘସ୍ଥାୟୀ ମରାମତି ଆବଶ୍ୟକ ବୋଲି

### ଲୋକଦେଖାଣିଆ କାମ ବୋଲି ଅଭିଯୋଗ

ସ୍ଥାନୀୟ ବୁଦ୍ଧିଜୀବୀ ମହଲ ମତ ପ୍ରକାଶ କରିଛନ୍ତି । ପାଣି ଲିକେଜ୍ ଚାଲିଥିବା ସ୍ଥିତିରେ ଉପରୁ କଙ୍କ୍ରିଟ୍ ପକାଇଦେଲେ ଅଳ୍ପ ସମୟ ମଧ୍ୟରେ ପୁନଃ ପୂର୍ବ ଅବସ୍ଥା ଫେରିଆସିବା ସମ୍ଭାବନା ରହିଛି ବୋଲି ଅଭିମତ ଦିଆଯାଇଛି । ସ୍ଥାନୀୟମାନଙ୍କ ଦାବି, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଥମେ ଫାଟିଥିବା ପାଇପ୍ ଲାଇନ୍‌ର ସଠିକ୍ ମରାମତି କରାଯାଇ, ପରେ ଯାନଚଳାଚଳ ଭାରକୁ ଧ୍ୟାନରେ ରଖି ରାସ୍ତା ପୁନର୍ନିର୍ମାଣ କରାଯିବା ଉଚିତ୍ । ଛକ ବଜାର ପରି ସମ୍ବେଦନଶୀଳ ଅଞ୍ଚଳରେ ଏପରି ଯେନତେନ ପ୍ରକାରେ କାମ କରାଯାଇଥିବାରୁ ଅନ୍ୟ ସ୍ଥାନରେ ବିଭାଗ କିପରି କାମ କରୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଯଦି ସ୍ଥାୟୀ ସମାଧାନ ନ ହୁଏ, ଆସନ୍ତା କିଛି ଦିନରେ ପୁନର୍ବାର ଗାତ ସୃଷ୍ଟି ହୋଇ ଯାତ୍ରୀମାନଙ୍କ ସମସ୍ୟା ବଢ଼ିବା ଆଶଙ୍କା ବ୍ୟକ୍ତ କରାଯାଇଛି । ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

● ଜିଲ୍ଲାପାଳଙ୍କ ନନ୍ଦପୁର ବ୍ଲକ୍ ପରିଦର୍ଶନ

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ନନ୍ଦପୁର,୨୭।୨(ସମିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ନନ୍ଦପୁର ମାରାଥନ୍ ଗସ୍ତ କରି ସ୍କୁଲ, କଲେଜ, ମେଗା ପ୍ରକଳ୍ପ, ନିର୍ମାଣାଧୀନ ମେଡିକାଲ ଓ ବତ୍ରିଶ ସିଂହାସନ ସମେତ ନନ୍ଦପୁର ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତ ପରିଦର୍ଶନ କରି ଫେରିଛନ୍ତି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ । ପ୍ରଥମେ ଜିଲ୍ଲାପାଳ ଶ୍ରୀ ମହାଜନ ନନ୍ଦପୁର ସର୍ବେଶ୍ୱର୍ ମନ୍ଦିରରେ ପହଞ୍ଚି ସେଠାରେ ନିର୍ମାଣ କୋଠା ବୁଲି ଦେଖିବା ପରେ ସରକାରୀ ଉଚ୍ଚ ବିଦ୍ୟାଳୟ, ପରେ ନନ୍ଦପୁର ସିଦ୍ଧେଦେବୀ ମହାବିଦ୍ୟାଳୟ , ମେଗା ପାନୀୟ ଜଳ ପ୍ରକଳ୍ପ ତଦାରଖ ପରେ ନନ୍ଦପୁର ବ୍ରତିଶ ସିଂହାସନରେ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା ପରେ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ନିର୍ମାଣର ତଦାରଖ, ସେଠାରୁ ରାଇଙ୍ଗି ପଞ୍ଚାୟତର ଦେବଶଣ୍ଡଗୁଡା ଗ୍ରାମକୁ ପହଞ୍ଚି ଗ୍ରାମବାସୀଙ୍କ ରାସ୍ତା ସମସ୍ୟା ଉପରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଶ୍ରୀ ମହାଜନ ବାସୁକି ନଦୀ ପାରି ହୋଇ ଗ୍ରାମରେ ପହଞ୍ଚି ଥିଲେ । ଜିଲାପାଳଙ୍କ ଆସିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା । ଜିଲ୍ଲାର ପ୍ରଥମ ଜିଲ୍ଲାପାଳ ଶ୍ରୀ ମହାଜନ ଦେବ ଶଣ୍ଡ ଗୁଡାକୁ ପହଞ୍ଚି ଗ୍ରାମବାସୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଶେଷରେ ପାତୁଆ କଫି ୟୁନିଟ ବୁଲି ଦେଖିବା ପରେ କୋରାପୁଟ ଫେରିଛନ୍ତି । ଜିଲାପାଳଙ୍କ ଗସ୍ତ ସମୟରେ କୋରାପୁଟ ସିଡିଓ ବେଣୁଧର ଶବର ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରାଙ୍କ ସମେତ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ । ଦୀର୍ଘ ଦିନ ଧରି ମନ୍ଥର ଗତିରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ସହ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ।

## ପରୀକ୍ଷା ହଲ ଅଭାବ, ଅନ୍ୟତ୍ର ପରୀକ୍ଷା ଦେବେ + ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀ

# ଡ.ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟର ଦୟନୀୟ ଅବସ୍ଥା

ଏମ୍‌ଭି-୭୯,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି୭୯ ଅଞ୍ଚଳରେ ଅବସ୍ଥିତ ଡ. ଶ୍ୟାମା ପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟରେ ପରୀକ୍ଷା ହଲ୍‌ର ଅଭାବ ଯୋଗୁଁ +୩ ପ୍ରଥମ ବର୍ଷ ପରୀକ୍ଷା ଅନ୍ୟତ୍ର ଆୟୋଜିତ ହୋଇଛି । କଲେଜର ଅବସ୍ଥା ଦୁର୍ବଳ ଥିବାରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଯୁକ୍ତ ଦୁଇ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ପଡ଼ିଛି । ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି କଲେଜଟି ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଚାଲିଆସୁଛି । ବର୍ଷା ଋତୁରେ ଶ୍ରେଣୀ କକ୍ଷ ଛାତରୁ ପାଣି ଝରିବା, ପର୍ଯ୍ୟାପ୍ତ ବିଦ୍ୟୁତ୍ ସୁବିଧା ଓ ପଙ୍ଖାର ଅଭାବ, ସହିତ ଭଲ ବେଞ୍ଚଡେସ୍କର ଅନୁପସ୍ଥିତି ଯୋଗୁଁ ଛାତ୍ରଛାତ୍ରୀମାନେ ନିୟମିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ଅଣଦେଖା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବାର ଅଭିଯୋଗ ଉଠିଛି । ଯୁକ୍ତ ତିନି ଅଧକ୍ଷା ପ୍ରଭାସିନୀ ମହାପାତ୍ର କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ପରୀକ୍ଷା ପାଇଁ ପର୍ଯ୍ୟାପ୍ତ ହଲ୍ ବ୍ୟବସ୍ଥା କରିବା ସମ୍ଭବ ହୋଇନଥିଲା । ଯୁକ୍ତ ଦୁଇ କଲେଜ ଅଧକ୍ଷ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ସହଯୋଗରେ ଏବଂ ଉଭୟ ପକ୍ଷର କର୍ମଚାରୀଙ୍କ ସମନ୍ୱୟରେ ପରୀକ୍ଷା ସୂଚାରୁ ଭାବେ ସମ୍ପନ୍ନ ହୋଇଥିବା ସେ ସୂଚନା ଦେଇଛନ୍ତି । ଅନ୍ୟପଟେ, କିଛି ଛାତ୍ରଛାତ୍ରୀ ନାମ ଗୋପନ ରଖି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଅନ୍ୟତ୍ର ବ୍ୟବସ୍ଥା ହୋଇଥିବା ପରୀକ୍ଷା ହଲ୍‌ର ପରିବେଶ ତାଙ୍କ ନିଜ କଲେଜଠାରୁ ଅଧିକ ଭଲ ଥିଲା । ସେମାନଙ୍କ ମତାନୁସାରେ, କଲେଜରେ କେବଳ ଜାଗା ସଂକଟ ନୁହେଁ, ବରଂ ବର୍ଷା ଦିନରେ ପାଣି ଝରିବା, ବିଦ୍ୟୁତ୍ ଓ ପଙ୍ଖାର ଅଭାବ ଏବଂ ଅପର୍ଯ୍ୟାପ୍ତ ବେଞ୍ଚ ଯୋଗୁଁ ପରୀକ୍ଷା ଦେବାରେ ବହୁତ ସମସ୍ୟା ସୃଷ୍ଟି ହୁଏ । ଏଥର ସୁବିଧାଜନକ ପରିବେଶରେ ପରୀକ୍ଷା ଦେଇପାରିଥିବାରୁ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ଉଲ୍ଲେଖ୍ୟ, ଏହି ଯୁକ୍ତ ତିନି ଡିଗ୍ରୀ କଲେଜଟି ବର୍ତ୍ତମାନ ଜୟପୁରର ବିକ୍ରମ ଦେବ ମହାବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଛି । ତଥାପି କଲେଜ ଉନ୍ନତି ପ୍ରତି ଯଥେଷ୍ଟ ପଦକ୍ଷେପ ଗ୍ରହଣ ନ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । କଲେଜର ସ୍ଥାୟୀ ଭବନ ଓ ପରୀକ୍ଷା ହଲ୍‌ର ସୁବିଧା ଶୀଘ୍ର ସୁନିଶ୍ଚିତ କରାଯିବାକୁ ଅଭିଭାବକ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।



● ତାଣ୍ଡାବାଇ ପଞ୍ଚାୟତର ମହା ଦୁର୍ନୀତି

# ପୁରୁଣା କାମର ହେଉଛି ଏନଏମ୍‌ଏମ୍‌ଏସ୍

ଏମିଭି-୭୯,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ତାଣ୍ଡାବାଇ ପଞ୍ଚାୟତରେ ଏକ ଫିଲ୍ଡ ଚ୍ୟାନେଲ କାମ ସରି ଯାଇଥିବା ବେଳେ ଏହାକୁ କାର୍ଯ୍ୟଜାରୀ ଦର୍ଶାଇ ନିକଟରେ ହେଉଛି ଏହାର ଏନଏମ୍‌ଏମ୍‌ଏସ୍ । ସୂଚନା ମୁତାବକ, ଉକ୍ତ ଫିଲ୍ଡ ଚାନେଲ ଯାହାର କୋଡ୍ ନମ୍ବର ୨୪୩୧୦୧୪/ ଆଇସି/୧୦୬୩୨୯୩୨ ହୋଇଥିବା ବେଳେ ଏହି କାମରେ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ଦର୍ଶାଇ ଏନଏମଏମଏସ ଆପରେ ୧୩ ଫେବୃଆରୀରେ ଅପଲୋଡ଼ ହୋଇଛି । ମନରେଗା ଯୋଜନାରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେଲେ କାର୍ଯ୍ୟ ଜାରି ଥିବା ସମୟରେ ଫୋଟୋ ଅପଲୋଡ଼ କରିବା କଥା ଏବଂ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମ ଏମଏସ କରାଯାଏ । ଏନଏମଏସ୍‌ଏସ ଅର୍ଥ ହେଉଛି ନେସନାଲ ମେଫିଂ ସିଷ୍ଟମ । ଏହା ଦ୍ୱାରା କାର୍ଯ୍ୟରତ ଶ୍ରମିକଙ୍କ ନାମ ଓ କାଯ୍ୟସ୍ଥଳୀରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ଅପଲୋଡ଼ କରାଗଲେ ପ୍ରକୃତରେ କାର୍ଯ୍ୟରେ କେତେ ଶ୍ରମିକ ନିୟୋଜିତ ହେଇଛନ୍ତି ଏବଂ କାର୍ଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହେଇଥାଏ । କିନ୍ତୁ ଏହାର ବିପରୀତ ଚିତ୍ର ଦେଖିବା ପାଇଁ ମିଳିଛି ତାଣ୍ଡାବାଇ ପଞ୍ଚାୟତରେ । ତେବେ ଦେଖିବା ପାଇଁ ବାକି ରହିଲା ଏହାର ତଦନ୍ତ କିପରି ହେଉଛି ଓ କିପରି ପୂର୍ବରୁ ହୋଇଥିବା କାର୍ଯ୍ୟର ଟଙ୍କା ବର୍ତ୍ତମାନ ପୈଠ ହେଉଛି ତାହାର ସତ୍ୟତା କେବେ ସାମ୍ନାକୁ ଆସୁଛି ତାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି ।

● ମିଟ୍ସ ଗ୍ରୁପ୍‌ରେ ଗ୍ରାଜୁଏସନ୍ ଡେ' ପାଳିତ

# ୨୫୦ ସ୍ନାତକ ସମ୍ମାନିତ




ରାୟଗଡ଼ା,୨୭।୨(ସମିସ): ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ ) ଗ୍ରୁପ୍, ରାୟଗଡ଼ାର ଗ୍ରାଜୁଏସନ୍ ଡେ ୨୦୨୬ ଶୁକ୍ରବାରରେ କଲେଜର ବସନ୍ତ ଅଡିଟୋରିୟମ୍‌ରେ ଆୟୋଜିତ ହୋଇଥିଲା । ଏହି ଅବସରରେ ମିଟ୍ସ ଗ୍ରୁପ୍‌ର ବିଭିନ୍ନ ପାଠ୍ୟକ୍ରମରୁ ସ୍ନାତକୋତ୍ତୀର୍ଣ୍ଣ ହୋଇଥିବା ୨୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍ ଭାବେ ପରିଚିତ ହୋଇପାରିଛି ବୋଲି କୁହାଯାଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅମିତାଭ ସିଂଘଲ, ଡିଭିଜନାଲ୍ ରେଲୱେ ମ୍ୟାନେଜର, ରାୟଗଡା ଡିଭିଜନ, ଇଷ୍ଟ କୋଷ୍ଟ ରେଲବାଇ ଓ ସମ୍ମାନିତ ଅତିଥି ବିଶିଷ୍ଟ ପ୍ରଫେସର ଡ଼ଃ ବି. ବି. ମଙ୍ଗରାଜ, ଡାଇରେକ୍ଟର (ପରୀକ୍ଷା), ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି), ରାଉରକେଲାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମିଟ୍ସ ଗ୍ରୁପ୍‌ର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ଏମ୍‌ଆଇପିଏସ୍ ଡିନ୍ ଡ. ସନ୍ତାନୁ ମହାନ୍ତି, ମିଟ୍ସ ଡାଇରେକ୍ଟର ଡ. ସି.ଭି. ଗୋପୀନାଥ ଏବଂ ମିଟ୍ସ ପ୍ରିନ୍ସିପାଲ୍ ପ୍ରଫେସର ରାମାନୁଜ ନାୟକ ଉପସ୍ଥିତ ଥିଲେ । ଅନୁଷ୍ଠାନରେ ମିଟ୍ସ ଓ ଏମ୍‌ଆଇପିଏସ୍ ଅନୁଷ୍ଠାନର ବିଟେକ୍, ବିସିଏ, ବିଏସ୍‌ସି, (କୃଷି, ବାୟୋଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି) ଏବଂ ଏମ୍‌ଏସ୍‌ସି ପାଠ୍ୟକ୍ରମର ୨୫୦ରୁ ଅଧିକ ସ୍ନାତକଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଓ ଅତିଥି ମାନେ ମୂଳ ଡିଗ୍ରୀ ପ୍ରମାଣପତ୍ର ବଣ୍ଟନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସିଂଘଲ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇଥିବା ସହ ୟୁପିଏସ୍‌ସି ଓ ଇଞ୍ଜିନିୟରିଂ ସର୍ଭିସେସ୍ (ଆଇଇଏସ ) ପରି ପ୍ରତିଷ୍ଠିତ ପ୍ରତିଯୋଗୀତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରି ଉଚ୍ଚ ସଫଳତା ହାସଲ କରିବାକୁ ଏବଂ ନିଷ୍ଠାପୂର୍ଣ୍ଣ ସାର୍ବଜନୀନ ସେବା ମାଧ୍ୟମରେ ଦେଶ ଗଠନରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ । ବିଶିଷ୍ଟ ପ୍ରଫେସର ଡ. ବି.ବି.ମଙ୍ଗରାଜ କେବଳ ଡିଗ୍ରୀ ଅର୍ଜନ କରିବା ଓ ଜୀବନକୁ ସାର୍ଥକ ଓ ସୁଖମୟ ଭାବେ ବଞ୍ଚିବା ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ମିଟ୍ସ ଗ୍ରୁପ୍‌ର ଉପାଧ୍ୟକ୍ଷ ଶ୍ରୀ ପଣ୍ଡା, ଏମ୍‌ଆଇପିଏସ୍ ଡିନ୍ ଡ. ସନ୍ତାନୁ ମହାନ୍ତି ଏବଂ ମିଟ୍ସ ଡାଇରେକ୍ଟର ଡ. ସି. ଭି. ଗୋପୀନାଥ ସ୍ନାତକମାନଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ, ଏକାଡେମିକ୍ ଟପ୍ପରମାନଙ୍କୁ ପଦକ ପ୍ରଦାନ ଏବଂ ଗ୍ରାଜୁଏସନ୍ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀମତୀ ସୁସ୍ମିତା ସଂଚାଳନା କରିଥିବା ବେଳେ ମିଟ୍ସ ପ୍ରିନ୍ସିପାଲ୍ ପ୍ରଫେସର ରାମାନୁଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁଲୁଣ୍ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ




ରାମନାଗୁଡ଼ା,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୁଲୁଣ୍ଡି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ମହୋତ୍ସବ ଧୁମ୍‌ଧାମ ପାଳିତ ହୋଇଯାଇଛି । ଏହି ଅବସରରେ ନିମନ୍ତ୍ରିତ ଅତିଥି ମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପାରମ୍ପରିକ ବାଦ୍ୟଯନ୍ତ୍ର ମାଧ୍ୟମରେ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର କୈବର୍ତ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଗୁଲୁଣ୍ଡି ମଣ୍ଡଳ ସାଧନ ସଂଯୋଜକ ରଂଜିତ ଶବର ଯୋଗ ଦେଇଥିଲେ । ସେହିପରି ସ୍ୱତନ୍ତ୍ର ଅତିଥି ଭାବରେ ରାମନାଗୁଡ଼ା ବ୍ଲକର ତତ୍କାଳୀନ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ତଥା କଲ୍ୟାଣସିଂହପୁର ଜିପିଡିଓ ପଦ୍ମନ ସାହୁ, ସମ୍ମାନିତ ଅତିଥି ଭାବରେ ଗୁଲୁଣ୍ଡି ସରପଞ୍ଚ ମାଝୀଗୌରୀ କଣ୍ଡାଗରୀ, ମଙ୍ଗଳ ବିଭାଗ କର୍ମଚାରୀ ସନ୍ତୋଷ ବେହେରା, ପାରିକ୍ଷିତି ପଞ୍ଚାୟତ ଗ୍ରାମ୍ୟ ରୋଜଗାର ସେବକ ସଂଗ୍ରାମ ବ୍ରହ୍ମା, ଗୁଲୁଣ୍ଡି ୱାର୍ଡ ସଭ୍ୟା କୁନ୍ତୀ ଗୌଡ଼, ବିଦ୍ୟାଳୟ ପରିଚାଳନା ସଭାପତି ମାଧବ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ଓ ସଫଳତା ସମ୍ପର୍କରେ ଅଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ନାଟକ ଓ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ମୁଗ୍ଧ କରିଥିଲେ । ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ହସ୍ତରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୈବର୍ତ୍ତ, ସହକାରୀ ଶିକ୍ଷକ ଦେବେନ୍ଦ୍ର ଶବର, ନବୀନ ଶବର, ଦୀନବନ୍ଧୁ ଶବର, ଅତିଥି ଶିକ୍ଷୟିତ୍ରୀ ସୁକାନ୍ତି ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିବା ବେଳେ ମାଟ୍ରୋନ୍, ଏଲସିସିଏଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ରାୟଗଡ଼ାରେ ବିକଳ ସ୍ୱାସ୍ଥ୍ୟସେବା

# ୪୫୯ ପଦବୀରୁ ଅଛନ୍ତି ୧୫୧ ଡାକ୍ତର

ରାୟଗଡ଼ା,୨୭।୨(ସମିସ): ରାୟଗଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଆଜି ଗମ୍ଭୀର ସଙ୍କଟରେ ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ କରି ଉପଖଣ୍ଡ ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ରାମୀଣ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଲାବୋଟେରୀ ଟ୍ୟାକ୍ନିସିଆନ ଭଳି ପାରା ମେଡିକଲ କର୍ମଚାରୀଙ୍କ ଅଭାବ ଗୁରୁତର ଆକାର ନେଇଛି । ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ,ଗୁଣପୁର ଉପଖଣ୍ଡ ହସ୍ପିଟାଲ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିରହିଛି । ଫଳରେ ରୋଗୀସେବା ନାମମାତ୍ର ହୋଇ ରହିଯାଇଛି । ଜିଲ୍ଲାରେ ପ୍ରସୂତି ସେବା, ଆପାତକାଳୀନ ଚିକିତ୍ସା, ବିଶେଷଜ୍ଞ ସେବା ସବୁଠାରେ ଅଭାବର ଚିତ୍ର ସ୍ପଷ୍ଟ ହେଉଛି । ଡାକ୍ତର ପଦବୀ ପୂରଣ ହେଉ ନ ଥିବାରୁ ଗରିବ ଓ ଆଦିବାସୀ ରୋଗୀମାନେ ଦୂର ଜିଲ୍ଲା ତଥା ରାଜ୍ୟ ବାହାରକୁ ଉଚ୍ଚ ଚିକିତ୍ସା ନିମନ୍ତେ ଧାଉଁଛନ୍ତି ଏବଂ ଅନେକ ସମୟରେ ଅଧାବାଟରେ ଜୀବନ ଝୁଲୁଛି । ଏପରିକି ଆବଶ୍ୟକ ଔଷଧ ଓ ଯନ୍ତ୍ରପାତିର ଅଭାବ ଏହି ସଙ୍କଟକୁ ଆହୁରି ଗଭୀର କରୁଛି । ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଓ ଖାଲିପଡିଥିବା ଏଲୋପ୍ୟାଥିକ, ଆୟୁଷ ଓ ହୋମଓପାଥି ଡାକ୍ତର ପଦବୀ, ନର୍ସ ଅଫିସର, ସ୍ୱାସ୍ଥ୍ୟକର୍ମୀ ଭଳି ଅନ୍ୟ ପଦବୀ ସଂଖ୍ୟା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ ଚଳିତ ମାସ ଗତ ୨୩ ତାରିଖରେ ଅଣତାରକା ପ୍ରଶ୍ନ ସଂଖ୍ୟା୧୪୫୬ରେ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ରାୟଗଡ଼ା ଜିଲ୍ଲାରେ ମୋଟ ୪୫୯ଗୋଟି ଏଲୋପାଥିକ୍ ଡାକ୍ତର ମଞ୍ଜୁର ପଦବୀ ରହିଥିବା ବେଳେ ଚଳିତ ମାସ ଫେବୃଆରୀ ୧୫ ତାରିଖ ସୁଦ୍ଧା ମିଳିଥିବା ରିପୋର୍ଟ ପ୍ରକାରେ ୧୫୧ଜଣ ଡାକ୍ତର ନିଯୁକ୍ତ ହୋଇଛନ୍ତି ଏବଂ ଏହା ବିପକ୍ଷରେ ୩୦୮ ଗୋଟି ପଦବୀ ଖାଲି ପଡିଛି । ସେହିପରି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨୮ ମଂଜୁରୀ ପଦବୀରୁ ୩୮ଜଣ ନିଯୁକ୍ତ ହୋଇଥିବା ବେଳେ ୯୦ଟି ପଦବୀ ଏବଂ ଗୁଣପୁର ଉପଖଣ୍ଡରେ ମଧ୍ୟ ୫୪ଜଣ ନିଯୁକ୍ତି ବିପକ୍ଷରେ ୧୫ଜଣ ଡାକ୍ତର ଥିବା ବେଳେ ବଳକା ୩୯ଟି ପଦବୀ ଦୀର୍ଘ ଦିନ ଧରି ଖାଲିପଡିଛି । ଜିଲ୍ଲାରେ ୪୪ଟି ଆୟୁଷ ଓ ହୋମିଓ ଡାକ୍ତରଙ୍କ ମଂଜୁରୀ ପଦବୀ ରହିଥିବା ବେଳେ ୨୪ଜଣ ନିଯୁକ୍ତ ଅଛନ୍ତି ଏବଂ ୩୨ଟି ପଦବୀ ଖାଲି ପଡିଛି । ସେହିପରି ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଏଲ-୧ ମଂଜୁର ପଦବୀ ୯୯ଟି ଥିବା ବେଳେ ଏଥିରେ ୬୦ଜଣ ଓ ଏଲ-୨ରେ ୨୦୫ଟି ମଂଜୁର ପଦବୀରୁ ୭୦ଜଣ ନିଯୁକ୍ତ ଥିବା ବେଳେ ଉଭୟରେ ମୋଟ ୧୭୪ଟି ପଦବୀ ଖାଲି ପଡିଛି । ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ୩୧୯ଟି ମଂଜୁର ପଦବୀରୁ ୨୯୪ଜଣ ନିଯୁକ୍ତ ଥିବା ବେଳେ ୨୫ଟି ପଦବୀ ଖାଲି ପଡିଛି ।

> ➤ ଡିଏଚଏଚରେ ୧୨୮ ସ୍ଥାନରେ ୩୮, ୯୦ ଖାଲି ପଡିଛି
> ➤ ଗୁଣପୁରରେ ୫୪ ସ୍ଥାନରେ ୧୫

ସେହିପରି ନର୍ସ ଅଫିସର ୩୬୪ଟି ମଂଜୁର ପଦବୀରୁ ୨୭୨ଜଣ ନିଯୁକ୍ତ ଓ ୯୨ଟି ଖାଲି ପଡିଥିବା ବେଳେ ଫର୍ମାସିଷ୍ଟ ୮୯ଟି ପଦବୀରୁ ୫୧ଟି ପୂରଣ ଓ ୩୮ଟି ଖାଲି ପଡିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ତଥ୍ୟ ପ୍ରକାରେ ଉତ୍ତର ପ୍ରକାଶ କରିଛନ୍ତି । ଜିଲ୍ଲାରେ ଲାବୋରେଟରୀ ଟେକ୍ନିସିଆନ ବିଭାଗରେ ଏମ୍‌ଏଲଟିରେ ୨୫ଟି ମଂଜୁରୀ ପଦବୀରୁ ୧୦ଜଣ ନିଯୁକ୍ତ ଥିବା ବେଳେ ୧୫ଟି ଖାଲି ପଡିଛି ଏବଂ ଏମଏଲଟି ଏଲ-୨ରେ ୧୫ଟି ମଂଜୁରୀ ପଦବୀରୁ ୬ଜଣ ନିଯୁକ୍ତ ଥିବା ବେଳେ ୯ଟି ପଦବୀ ଖାଲି ପଡିଛି ବୋଲି ତଥ୍ୟରୁ ଜଣାପଡିଛି । ଜିଲ୍ଲାର ଜେମାଦେଇପେଣ୍ଠ ସିଏଚସିରେ ଏଲୋପାଥିକ ମଂଜୁରୀ ପଦବୀ ୨୭ରୁ ୧୫ଟି ପଦବୀ ଖାଲି ପଡିଥିବା ବେଳେ ସିଏଚସି କୋଲନରା ଓ କଲ୍ୟାଣସିଙ୍ଗପୁରରେ ଉଭୟ ସିଏଚସିରେ ୨୫ଟି ଲେଖାଁଏ ମଂଜୁରୀ ପଦବୀରୁ ୧୭ଟି ଲେଖାଁଏ ଖାଲି ପଡିଥିବା ବେଳେ ସିଏଚସି କାଶିପୁରରେ ୨୮ରୁ ୧୯ଟି, ଚନ୍ଦ୍ରପୁର ସିଏଚସିରେ ୨୪ରୁ ୧୫ଟି, ବିଷମକଟକ ସିଏଚସିରେ ୨୬ରୁ ୧୯ଟି, ମୁନିଗୁଡା ସିଏଚସିରେ ୨୬ରୁ ୧୫ଟି, ରାମନାଗୁଡା ସିଏଚସିରେ ୨୪ରୁ ୧୩ଟି, ପଦ୍ମପୁର ସିଏଚସିରେ ୨୪ରୁ ୧୫ଟି, ଜଗନ୍ନାଥପୁର ସିଏଚସିରେ ୨୪ରୁ ୧୬ଟି ଏବଂ ଗୁଡାରୀ ସିଏଚସିରେ ୨୪ଟି ମଞ୍ଜୁର ପଦବୀରୁ ୧୮ଟି ପଦବୀ ଖାଲି ପଡିଛି ବୋଲି ମନ୍ତ୍ରୀ ଡ.ମହାଲିଙ୍ଗ ବିଧାୟକ ଶ୍ରୀ କାଡ୍ରକାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି । ଏଥିସହ ଚଳିତ ବର୍ଷ ଖାଲିଥିବା ରାଜ୍ୟର ୫୨୪୮ଟି ଡାକ୍ତର ପଦବୀ ପୂରଣ ନିମନ୍ତେ ଚୟନ କରିବା ପାଇଁ ସରକାରଙ୍କ ଚିଠି ସଂଖ୍ୟା ୪୫୭୯/୧୨/୦୨/୨୦୨୫ରେ ଓଡିଶା ଲୋକସେବା ଆୟୋଗଙ୍କୁ ନିବେଦନ କରିଛନ୍ତି ଏବଂ ଚୟନ ପ୍ରକ୍ରିୟା ଜାରି ରହିଛି । ଓଡିଶା ଲୋକସେବା ଆୟୋଗଙ୍କ ସୁପାରିସ ପରେ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ଦିଆଯିବ ଏବଂ ଖାଲି ପଡିଥିବା ପାରା ମେଡିକଲ ପଦବୀଗୁଡିକୁ ପୂରଣ ନିମନ୍ତେ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉତ୍ତରରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ଉପରେ ଦୀର୍ଘ ଦିନ ଧରି ଅଭିଯୋଗ ଆସୁଥିଲେ ମଧ୍ୟ ଜିଲ୍ଲା ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଅନ୍ୟାନ୍ୟ ପ୍ରଶାସନିକ ବରିଷ୍ଠ ଅଧିକାରୀମାନଙ୍କ ପକ୍ଷରୁ ଶୁଣିବାକୁ ମିଳୁଛି କେବଳ ପ୍ରତିଶୃତି । "ଶୀଘ୍ର ନିଯୁକ୍ତି' ହେବ ସେବାରେ ସୁଧାର ଆସିବ ଭଳି ଏମିତି ଘୋଷଣାର କେବଳ ପୁନରାବୃତି ହେଉଛି । କିନ୍ତୁ ଗ୍ରାଉଣ୍ଡ ଜିରୋ ସ୍ତରରେ ପରିବର୍ତ୍ତନ ଦେଖାଯାଉନାହିଁ । ନିଯୁକ୍ତି ପ୍ରକ୍ରିୟାର ଧୀରଗତି ଓ ପ୍ରଶାସନିକ ଉଦାସନୀତା ଜିଲ୍ଲାବାସୀଙ୍କୁ ନିରାଶ କରୁଛି । ଓଡିଶା ସରକାର ଯଦି ପ୍ରକୃତରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ଚିନ୍ତ କରୁଥାନ୍ତି, ତେବେ ରାୟଗଡ଼ା ପରି ଦୁର୍ଗମ ଜିଲ୍ଲାରେ ତୁରନ୍ତ ଖାଲି ପଡିଥିବା ପଦବୀର ପୂରଣ, ପ୍ରୋତ୍ସାହନମୂଳକ ନିଯୁକ୍ତି ଓ ଆଧୁନିକ ସାଧନ ସଜ୍ଜା ଆବଶ୍ୟକ । ନଚେତ ପ୍ରତିଶୃତିର ଶବ୍ଦ ଭିଡ ମଧ୍ୟରେ ରୋଗୀଙ୍କ ଜୀବନ ଅନାଦରିତ ହୋଇ ରହିବ ବୋଲି ବୁଦ୍ଧିଜୀବିମାନେ ମତ ରଖିଛନ୍ତି ।

# ସମ୍ପାଦକୀୟ



ଜଳ ମୋ ଜୀବନ, ମୋ ଖୁସି ଓ ମୋ ଶିକ୍ଷକ।
-ରାଜେନ୍ଦ୍ର ସିଂହ (ଭାରତର ଜଳପୁରୁଷ)

ସକାଳ
THE SAKALA

## ପୁରୁଣା ବହିରେ ନୂଆ ମଲାଟ

ଆମେରିକା ସୁପ୍ରିମକୋର୍ଟ ରାୟ ପରେ ମଧ୍ୟ ଟ୍ରମ୍ପଙ୍କ ଟାରିଫ ବା ଶୁଳ୍କ ତାତି କମିନାହିଁ। ସେ ଏହି ବହିଃଶୁଳ୍କ ୧୦ ରୁ ୧୫ ପ୍ରତିଶତ ସାର୍ବଜନିକ ଭାବେ ଲାଗୁ ହେବ ବୋଲି କରିଥିବା ଘୋଷଣାରୁ ପୁଣି ଓହରି ଯାଇଛନ୍ତି। ଉତ୍ପାଦକଙ୍କୁ ରପ୍ତାନୀକାରୀ ରାଷ୍ଟ୍ର ଅନୁଚିତ ରିହାତି ଦେଉଥିବା ଦର୍ଶାଇ ଭାରତ, ଇଣ୍ଡୋନେସିଆ ଓ ଲାଓସ ସୌରପ୍ୟାନେଲ ଉପରେ ଯଥାକ୍ରମେ ୧୨୬, ୧୪୩ ଓ ୮୧ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହାଫଳରେ ଆମେରିକୀୟ ବଜାରରେ ସୌରପ୍ୟାନେଲର ମୂଲ୍ୟ ଦୁଇଗୁଣ ବଢ଼ିଯିବ। ଆମକୁ ଏଠାରେ କହିବାକୁ ପଡୁଛି ଯେ କୃଷି ଉତ୍ପାଦନ ଉପରେ ଆମେରିକା ସରକାର ୫୦ ପ୍ରତିଶତକୁ ଅଧିକ ରିହାତି ଦେଉଥିବାବେଳେ ତାହା ଭାରତୀୟ ବଜାରରେ ଶୂନ୍ୟ ଶୁଳ୍କରେ କିପରି ଉପଲବ୍ଧ ହେବ? ହେଲେ ଏହି ପ୍ରଶ୍ନର କିଛି ଠୋସ୍ ଉତ୍ତର ଆମେରିକା ନିକଟରେ ନାହିଁ।

ଭାରତ – ଆମେରିକା ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ଏପ୍ରକାର ଘୋଷଣା ଅନେକଙ୍କୁ ହତୋତ୍ସାହିତ କରିଛି। ପରିବର୍ତ୍ତିତ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ବିଚାରବିମର୍ଶକୁ ମଧ୍ୟ କିଛିଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଆମେ ଏଠାରେ ଅନ୍ୟ ଗୋଟିଏ ଦିଗ ସଂପର୍କରେ ଦୃଷ୍ଟି ଆକର୍ଷଣ କରିବାକୁ ଉଚିତ ମନେକରୁଛୁ। ପ୍ରଧାନମନ୍ତ୍ରୀଙ୍କ ମଧ୍ୟପ୍ରାଚ୍ୟରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇସ୍ରାଏଲ ଗସ୍ତ ଏବଂ ଆମେରିକା ଇସ୍ରାଏଲ ଓ ମିଳିତ ଆରବ ଏମିରଟ୍ସ ତ୍ରିକୋଣୀୟ ସଂପର୍କରେ ଭାରତକୁ ଅନ୍ୟତମ ଅଂଶୀଦାର ରୂପେ ମାନ୍ୟତା ଦେବାର ଯେଉଁ ସୂଚନା ମିଳିଛି, ତାହା ଆମର ଟାରିଫ ସମସ୍ୟା ସମାଧାନରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଏବେ ଆମେ ଆସିବା ସୌରପ୍ୟାନେଲ ପ୍ରସଙ୍ଗକୁ। ସରକାରୀ ରିହାତି ଅପେକ୍ଷା ଚୀନରେ ପ୍ରସ୍ତୁତ ସୌରପ୍ୟାନେଲ ଭାରତ ସମେତ ଏହି ତିନି ରାଷ୍ଟ୍ରରେ କମ୍ପାନୀ ନିଜ ଉତ୍ପାଦ କହି ଆମେରିକା ପଠାଉଥିବାର ଅଭିଯୋଗ ହୋଇଛି। ଚୀନ ଉତ୍ପାଦର ଏହି ପରୋକ୍ଷ ବେପାର ନେଇ ଟ୍ରମ୍ପ କ୍ଷୁବ୍ଧ। ଆମେରିକା ପକ୍ଷରୁ ଆରମ୍ଭ ହୋଇଥିବା ଯାଞ୍ଚକୁ ଭିତ୍ତିକରି ଜୁଲାଇ ୬ ରେ ଆବଶ୍ୟକ ହେଲେ ଏହି ଅତିରିକ୍ତ ଶୁଳ୍କ ବ୍ୟବସ୍ଥା ସ୍ଥାୟୀଭାବେ ଲାଗୁ କରାଯିବ। ଏଠାରେ ଉଲ୍ଲେଖ କରାଯାଇପାରେ କି ଚୀନରେ ଉତ୍ପାଦନ ଖର୍ଚ୍ଚ ଅପେକ୍ଷାକୃତ କମ ହୋଇଥିବାରୁ ବିଦ୍ୟୁତ୍ ବିଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଭାରତୀୟ କମ୍ପାନୀ ବରାଦ ମୁତାବକ ସଂଗ୍ରହ କରି ନିଜ ବ୍ରାଣ୍ଡ ନାଁରେ ବିକ୍ରି କରୁଛନ୍ତି। ତେଣୁ ଆମେରିକା ବଜାରରେ ଉପଲବ୍ଧ ଭାରତୀୟ ସୌରପ୍ୟାନେଲ ଯେ ଚୀନରୁ ସଂଗ୍ରହ କରାଯାଇନଥିବ ଏକଥା କିଏ କହିବ? ପ୍ରଧାନମନ୍ତ୍ରୀଙ୍କ ସୂର୍ଯ୍ୟଘର ଯୋଜନା ପ୍ରତି ଲୋକଙ୍କୁ ଆକର୍ଷିତ କରିବା ଓ ବିଦ୍ୟୁତ ଖର୍ଚ୍ଚ ହ୍ରାସ ସକାଶେ ସରକାର ରିହାତି ଦେଉଛନ୍ତି। ତେଣୁ ସୌର ପ୍ୟାନେଲ ଉତ୍ପାଦନକୁ ପ୍ରୋତ୍ସାହିତ କରିବାରେ ସରକାରଙ୍କ ଅବଦାନ ସ୍ୱରୂପ ରିହାତି ପ୍ରଦାନ କିଛି ବିଚିତ୍ର କଥା ନୁହେଁ। ଆମେରିକା ନିଜ ଦେଶର କୃଷି ଉତ୍ପାଦନକୁ ରିହାତି ପ୍ରଦାନ କରି ଆନ୍ତର୍ଜାତିକ ବଜାରରେ ଉତ୍ପାଦକଙ୍କୁ ପ୍ରତିଯୋଗୀକ୍ଷମ କରି ଆସିଛନ୍ତି। ସେହିଭଳି ସୌରପ୍ୟାନେଲ ଉତ୍ପାଦନ କରୁଥିବା ଘରୋଇ କମ୍ପାନୀକୁ ରିହାତି ଦେବାରେ କିଛି ଅସୁବିଧା ନାହିଁ। ତୁଳନାତ୍ମକ ଭାବେ ସେଠାରେ ଉତ୍ପାଦନ ଖର୍ଚ୍ଚ ଆମ ଅପେକ୍ଷା ଅଧିକ ହେବ। ଏହାର ଅର୍ଥ ନୁହେଁ ଅତିରିକ୍ତ ଶୁଳ୍କ ଲାଗୁ କରି ରପ୍ତାନିକାରୀଙ୍କୁ ବଜାରରୁ ହଟାଇ ଦିଆଯିବ। ଏକ୍ଷେତ୍ରରେ କେବଳ ମୂଲ୍ୟ ନୁହେଁ ଗୁଣାତ୍ମକ ମାନ ନିର୍ଣ୍ଣୟ ସକାଶେ ଉପଭୋକ୍ତାଙ୍କୁ ସୁଯୋଗ ଦେବା ଉଚିତ।

ଏବେ ଆସିବା କୂଟନୈତିକ ସ୍ତରରେ ଆମେରିକା ବିଶେଷ କରି ଟ୍ରମ୍ପଙ୍କ ସହ ସୁସଂପର୍କ ପ୍ରତିଷ୍ଠା ସକାଶେ ଆରମ୍ଭ ହୋଇଥିବା ଉଦ୍ୟମରେ ଇସ୍ରାଏଲର ଏ କଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାହା ୨୦୧୭ ରେ ମୋଦି – ଟ୍ରମ୍ପ ସଂପର୍କକୁ ଦୃଢ଼ କରିଥିଲା। ତାହାର ବିବାଦୀୟ ପୃଷ୍ଠଭୂମି ଓ ଅନ୍ୟ କୌଣସି ଦିଗକୁ ବାଦଦେଇ ଭାରତ-ଆମେରିକା ସଂପର୍କ କିଭଳି ସ୍ୱାଭାବିକ ହେବ ସେ ସଂପର୍କରେ ଆଲୋଚନା କରାଯାଇପାରେ। ମଧ୍ୟ ପ୍ରାଚ୍ୟରେ ଆରବ ରାଷ୍ଟ୍ରଙ୍କ ସହ ଆମେରିକାର ସୁସଂପର୍କ କେବଳ ନିଜର ତୈଳ ବେପାରରେ ସୀମିତ। ଅସଲରେ ଇସ୍ରାଏଲ ହିଁ ହେଉଛି ଆମେରିକାର ନିକଟତମ ବନ୍ଧୁ ଓ ସହଯୋଗୀ। ଗାଜା ପଟ୍ଟିରେ ହମାସଙ୍କୁ ନିପାତ କରିବାରେ ଆମେରିକା ସବୁପ୍ରକାର ସହଯୋଗ ଯୋଗାଇଆସିଛି। ସମଗ୍ର ବିଶ୍ୱ ଗାଜାରେ ଚାଲିଥିବା ଗଣହତ୍ୟା ପାଇଁ ଇସ୍ରାଏଲର ସହଯୋଗ ଯୋଗାଇ ଆସଛି। ସମଗ୍ର ବିଶ୍ୱ ଗାଜାରେ ଚାଲିଥିବା ଗଣହତ୍ୟା ପାଇଁ ଇସ୍ରାଏଲରୁ ମୁହଁ ଫେରାଇଥିବା ବେଳେ ଆମେରିକାର ବନ୍ଧୁତା ଅତୁଟ ରହିଛି। ସେହିଭଳି ଆରବ ରାଷ୍ଟ୍ରଙ୍କ ମଧ୍ୟରୁ କେବଳ ମିଳିତ ଆରବ ଏମିରେଟ୍ସ ହିଁ ଇସ୍ରାଏଲ ଅନ୍ୟତମ ବନ୍ଧୁରାଷ୍ଟ୍ର। ଆମେ ଏଠାରେ ସ୍ୱତନ୍ତ୍ର ଭାବେ ଏମିରେଟ୍ ପ୍ରସଙ୍ଗ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଗତ ଜାନୁଆରୀ ୧୮ ରେ ମାତ୍ର ୩ଘଣ୍ଟା ପାଇଁ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଯାୟେଦଙ୍କ ଭାରତ ଗସ୍ତ ସହ ସଂଶ୍ଳିଷ୍ଟ କିଛି ଗୋପନ କୂଟନୈତିକ ବାର୍ତ୍ତାବିନିମୟକୁ ଉଜାଗର କରିବା। ତାଙ୍କୁ ବିମାନଘାଟୀରୁ ପାଛୋଟି ନେଇ ସ୍ୱତନ୍ତ୍ର ଅତିଥିର ମର୍ଯ୍ୟାଦା ଦେବା କିଛି ଛୋଟ କଥା ନୁହେଁ। ବ୍ୟକ୍ତିଗତ ସଂପର୍କ ଓ ଆଲୋଚନା ମାଧ୍ୟମରେ ସେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସ୍ୱତନ୍ତ୍ର ଦୂତ ରୂପେ କିଛି ବାର୍ତ୍ତା ପ୍ରଦାନ କରିଥିବାର ଅନୁମାନ କରାଯାଇଛି। ତଥ୍ୟାଭିଜ୍ଞ ମହଲ ମନେ କରନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଇସ୍ରାଏଲ ଗସ୍ତକୁ ସେହି ବାର୍ତ୍ତା ନିରୂପିତ କରିଥିଲା।

ଇସଲାମକ ଚରମ ପନ୍ଥୀ ଏବଂ ଆତଙ୍କବାଦୀଙ୍କ କାର୍ଯ୍ୟକଳାପକୁ ରୋକିବା ସକାଶେ ନେତାନ୍ୟାହୁଙ୍କ ପ୍ରସ୍ତାବିତ ଆଞ୍ଚଳିକ ସୁରକ୍ଷା ମେଣ୍ଟ (ହେକ୍ସାଗନ୍) ରେ ଭାରତ ସମେତ ୬ଟି ରାଷ୍ଟ୍ରଙ୍କ ଅଂଶଗ୍ରହଣର ସୂଚନା ମିଳିଛି। ଏହା ପାକିସ୍ତାନ ସକାଶେ ମୁଣ୍ଡବ୍ୟଥାର କାରଣ ହୋଇପାରେ। ତେବେ ଏହି ମେଣ୍ଟ ଆଢୁଆଳରେ ଇସ୍ରାଏଲ ମାଧ୍ୟମରେ ଭାରତ କିଭଳି ଆମେରିକାର ନିକଟବର୍ତ୍ତୀ ହୋଇପାରିବ ତାହାର ଖସଡ଼ା ପ୍ରସ୍ତୁତ ହୋଇଥିବାର ସୂଚନା ମିଳିଛି। ଏହା ସୁଦୃଢ଼ କୂଟନୈତିକ ସଂପର୍କ ପ୍ରତିଷ୍ଠା ସହିତ ବାଣିଜ୍ୟିକ ପାଣିପାଗକୁ ଆଗାମୀ ଦିନରେ ସୁଧାରିବ ବୋଲି ଆଶା କରାଯାଉଛି। କହିବାକୁ ଗଲେ, କୂଟନୀତିର ପୁରୁଣା ବହିରେ ନୂଆ ମଲାଟ ଲଗାଇଛନ୍ତି।

## ବିବାଦରେ ଏନ୍‌ସିଇଆରଟି

ଶିକ୍ଷାର ମୂଳାଧାର ରୂପେ ପରିଚିତ ଓ ବିବେଚିତ ବିଦ୍ୟାଳୟ ଶିକ୍ଷା ପାଇଁ ସର୍ବଭାରତୀୟସ୍ତରରେ ପ୍ରଚଳିତ 'ଏନ୍‌ସିଇଆରଟି' (ଜାତୀୟ ଶିକ୍ଷା, ତାଲିମ୍ ଓ ଗବେଷଣା ପରିଷଦ) ପାଠ୍ୟପୁସ୍ତକର ବିଷୟବସ୍ତୁକୁ ନେଇ ଗତକିଛି ମାସ ହେଲା ବିବାଦ ଓ ବିରୋଧାଭାସ ଉଠିଥିବା ବେଳେ ଏବେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଯେଉଁ ମାନସିକତାର ପ୍ରତିଫଳନ ହୋଇଛି ତାହା ଅକ୍ଷମଣୀୟ ପଦବାଚ୍ୟ। 'ଜାତୀୟ ଶିକ୍ଷା ନୀତି ୨୦୨୦' ଏବଂ 'ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ୨୦୨୩' ଅଧୀନରେ ଏନ୍‌ସିଇଆରଟି ପକ୍ଷରୁ ବିଦ୍ୟାଳୟସ୍ତରୀୟ ପାଠ୍ୟପୁସ୍ତକଗୁଡ଼ିକୁ ବ୍ୟାପକ ପରିବର୍ତ୍ତନ କରାଯାଉଛି। ଏହିକ୍ରମରେ ଏଭଳି ଅନେକ ଉପାଦେୟ ବିଷୟ ବାଦ୍ ପଡ଼ିଥିବା ବେଳେ ଅନେକ ଅବାଞ୍ଛିତ ଅସୂୟା ସୃଷ୍ଟିକାରୀ ବିଷୟବସ୍ତୁକୁ ସାମିଲ୍ କରାଯାଉଥିବା ଅଭିଯୋଗ ହୋଇଆସୁଛି।

୨୦୨୩ ଏପ୍ରିଲ୍ ମାସରେ ଦଶମଶ୍ରେଣୀ ପାଠ୍ୟପୁସ୍ତକରୁ ବହୁବର୍ଷ ଧରି ପ୍ରଚଳିତ ଡାରୱିନ୍‌ଙ୍କ ବିବର୍ତ୍ତନ ତତ୍ତ୍ୱକୁ ବାଦ୍ ଦିଆଯିବା ପରେ ପ୍ରଥମ ଥର ପାଇଁ 'ଏନ୍‌ସିଇଆରଟି' ବିତର୍କର ବଳୟକୁ ଆସିଲା। ଏହାପରଠାରୁ କ୍ରମାଗତ ବିଭିନ୍ନ ସମୟରେ ବିଭିନ୍ନ ବିଷୟବସ୍ତୁକୁ ନେଇ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଏହି ବିଶ୍ୱସନୀୟ ଶୈକ୍ଷିକ ସଂସ୍ଥା ବିବାଦୀୟ ହୋଇଆସିଛି। ଗତବର୍ଷ ଉକ୍ତ ସଂସ୍ଥା ଦ୍ୱାରା ପ୍ରକାଶିତ ଇଂରାଜୀ ମାଧ୍ୟମ ଶିକ୍ଷାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ପାଠ୍ୟପୁସ୍ତକର ନାମ 'ମୃଦଙ୍ଗ' ଏବଂ ଗଣିତ ବିଷୟ ବହିକୁ 'ଜୟଫୁଲ୍ ମ୍ୟାଥମେଟକ୍ସ', ତୃତୀୟ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ପାଠ୍ୟପୁସ୍ତକର ନାମ 'ସନ୍ତୁର', ଗଣିତ ପୁସ୍ତକର ନାମ 'ମାଥ ମେଳା', ହିନ୍ଦୀ ପାଠ୍ୟପୁସ୍ତକର ନାମ 'ବୀଣା', ଉର୍ଦ୍ଦୁ ପାଠ୍ୟପୁସ୍ତକର ନାମ 'ସୀତାର', ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇଂରାଜୀ ବହିର ନାମ 'ପୁରବୀ' ଓ କଳା ବହିର ନାମ 'କୀର୍ତ୍ତି' ରଖାଯାଇ ପ୍ରକାଶିତ ହେବା ପରେ ଅଭିଭାବକ, ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରୁ ସମାଲୋଚନା ଓ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଥିଲା। ଏଥିସହିତ ଗତବର୍ଷ 'ଏନ୍‌ସିଇଆରଟି' ଦ୍ୱାରା ପ୍ରକାଶିତ ସପ୍ତମ ଶ୍ରେଣୀର ସାମାଜିକ ବିଜ୍ଞାନ ଓ ଇତିହାସ ବହିରୁ କେତେକ ନାମ ଓ ବିଷୟକୁ ବାଛି ବାଛି ବାଦ୍ ଦିଆଯାଇଥିବା ଏବଂ ନୂଆ ନାମ ଓ ଅଧ୍ୟାୟ ସାମିଲ୍ କରାଯାଇଥିବା ଅଭିଯୋଗ ହେଲା। ବିଶେଷକରି ମୋଗଲ୍ ଶାସନ କାଳର ଗୁରୁତ୍ୱପୂର୍ଣ୍ଣ ନାମ ଓ ଘଟଣାବଳୀ ଏପରିକି ମହାତ୍ମା ଗାନ୍ଧୀଙ୍କ ହତ୍ୟା ସହିତ ଜଡ଼ିତ ଘଟଣାବଳୀକୁ ମଧ୍ୟ ବିକୃତ ଓ ବିବାଦୀୟ କରାଯାଇଥିବା ଐତିହାସିକ ଓ ଶିକ୍ଷାବିତ୍‌ମାନେ ଅଭିଯୋଗ ଆଣିଲେ ଏବଂ ଏହାକୁ 'ଇତିହାସର ସଂଶୋଧନ' ନାମରେ 'ଇତିହାସର ନକାରାତ୍ମକକରଣ' ବୋଲି ମଧ୍ୟ ମତ ଦେଲେ। କିନ୍ତୁ ସଂସ୍ଥାର ଏକଚାଟିଆ ମାନସିକତା ଆଗରେ ସବୁ ଆପତ୍ତି ଓ ଅଭିଯୋଗର ସ୍ୱର ମଉଳି ଗଲା।

ବିରୋଧୀଦଳ, ବିଶେଷକରି ଅଣଏନ୍‌ଡିଏ ଶାସିତ ରାଜ୍ୟ ସମେତ ଧର୍ମନିରପେକ୍ଷତା ସପକ୍ଷବାଦୀ ବୁଦ୍ଧିଜୀବୀଙ୍କ ମତାନୁଯାୟୀ ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ବିଦ୍ୟାଳୟ ପାଠ୍ୟକ୍ରମରେ ତ୍ରିଭାଷୀ ଶିକ୍ଷା ଆଳରେ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରିବା ପାଇଁ ଜାତୀୟସ୍ତରରେ ଯେଉଁ ପ୍ରୟାସ ଚାଲିଛି ସେହିକ୍ରମରେ ଇଂରାଜୀ ମାଧ୍ୟମ ପାଇଁ ପ୍ରଚଳିତ 'ଏନ୍‌ସିଇଆରଟି' ପାଠ୍ୟକ୍ରମର ବିଷୟବସ୍ତୁ ଓ ପାଠ୍ୟପୁସ୍ତକ ମଧ୍ୟ ବାଦ୍ ପଡ଼ିନାହିଁ। ସମଗ୍ର ଭାରତରେ ହିନ୍ଦୀ ଭାଷା ଓ ଅଞ୍ଚଳର କର୍ତ୍ତୃତ୍ୱ ଜାହିର କରିବାର ଏହା ଏକ ଅପପ୍ରୟାସ ବୋଲି ସେମାନେ ଗୁରୁତର ଅଭିଯୋଗ ଆଣୁଛନ୍ତି ଏବଂ ଶିକ୍ଷାର ଏଭଳି ରାଜନୀତିକରଣରୁ କୋମଳମତି ଶିକ୍ଷାର୍ଥୀମାନଙ୍କୁ ଯଥାସମ୍ଭବ ଦୂରେଇ ରଖିବା ଉଚିତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ସେ ସମ୍ପର୍କରେ ଏନ୍‌ସିଇଆରଟି କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ଥିଲା ଯେ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଭାରତୀୟ ସଂସ୍କୃତି ଓ ମୌଳିକ ଜ୍ଞାନ ସମ୍ପର୍କରେ ଧାରଣା ସୁଦୃଢ଼ କରିବା ପାଇଁ ଏଭଳି ନାମକରଣ ଯଥାର୍ଥ। ଏହି ନାମଗୁଡ଼ିକ ହିନ୍ଦୀ ଭାଷା ନୁହେଁ ବରଂ ଭାରତୀୟ ମୂଳ ଭାଷା ବା ସଂସ୍କୃତର ପ୍ରତିନିଧିତ୍ୱ କରୁଛି।

ପ୍ରବୀଣ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ହୋଇ ମାନବ ସଭ୍ୟତା, ବସତି ସ୍ଥାପନ ଓ ଉତ୍ତରଣ ଉଲ୍ଲେଖ କରିବା ବେଳେ ଯଦି ଏହାର କ୍ରମବିକାଶର ଆଧାର, ସାମାଜିକ-ଅର୍ଥନୈତିକ ପ୍ରକ୍ରିୟା, ମଙ୍ଗଧର, ନେତୃତ୍ୱକୁ ଅଣଦେଖା କରାଯାଏ ତେବେ ପିଲାମାନେ ମହାନ ଭାରତୀୟ ସଭ୍ୟତା ବିଷୟରେ ମୌଳିକ ଧାରଣା ପାଇବେ କେମିତି? ଉଦାହରଣ ସ୍ୱରୂପ ଇତିହାସରୁ ଦିଲ୍ଲୀ ସଲତନତ୍ ଓ ମୋଗଲ୍ ରାଜତ୍ୱ କାଳକୁ ବାଦ୍ ଦିଆଯାଇଛି। ଯଦି ଲାଲକିଲ୍ଲା, କୁତବ୍‌ମୀନାର କିମ୍ବା ତାଜମହଲ ବିଷୟରେ ପିଲାଙ୍କୁ ପଢ଼ାଯିବ ଅଥଚ ତାହାର ନିର୍ମାତା ଓ ନିର୍ମାଣ ସମୟକୁ ପାଠ୍ୟକ୍ରମରୁ ବାଦ୍ ଦିଆଯିବ ଏବଂ ଏ ବିଷୟରେ ପିଲାମାନଙ୍କ ପ୍ରଶ୍ନକୁ ଶିକ୍ଷକ/ଶିକ୍ଷୟିତ୍ରୀମାନେ ବାଧ୍ୟବାଧକତା ବା ଚାପରେ ଏଡ଼ାଇ ଯିବେ ତେବେ ତାହା ବିଶ୍ୱଗୁରୁ ଦିଗରେ ଧାବମାନ ଭାରତୀୟମାନଙ୍କର ବର୍ତ୍ତମାନର ପିଢ଼ିର ସମ୍ପୂର୍ଣ୍ଣ ଜ୍ଞାନଅର୍ଜନରେ ସହାୟକ ହେବ କେମିତି? ଏହା କେବଳ ଏକ ଉଦାହରଣ ମାତ୍ର।

ଏବେ କିନ୍ତୁ ଯେଉଁ ବିବାଦରେ ଏନ୍‌ସିଇଆରଟି ଛନ୍ଦି ହୋଇଯାଇଛି ତାହା ଅତ୍ୟନ୍ତ ସ୍ପର୍ଶକାତର। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସାମାଜିକ ବିଜ୍ଞାନ ବହିରେ ଗଣତନ୍ତ୍ରର ମର୍ଯ୍ୟାଦାଜନକ ଓ ଦାୟିତ୍ୱନିଷ୍ଠ ସ୍ତମ୍ଭ ନ୍ୟାୟପାଳିକାରେ ଦୁର୍ନୀତି ଓ ମାମଲା ବୋଝ ବିଷୟ ଉଲ୍ଲେଖ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ଅସନ୍ତୋଷ ଏବଂ ବିଭିନ୍ନ ମହଲରୁ ପ୍ରବଳ ସମାଲୋଚନା ପରେ କର୍ତ୍ତୃପକ୍ଷ ପୁସ୍ତକଗୁଡ଼ିକୁ ପ୍ରତ୍ୟାହାର କରିନେଇଛନ୍ତି। କିନ୍ତୁ ଯେଉଁ କେତେକ ବହି ଅଦ୍ୟାବଧି ବିକ୍ରି ହୋଇସାରିଛି ତାହା ପ୍ରମାଦ ସୃଷ୍ଟି କରିବ ନାହିଁ କି? ଏହି ସ୍ପର୍ଶକାତର ପ୍ରସଙ୍ଗରେ ଯେଉଁ ସମ୍ବେଦନଶୀଳ ପ୍ରଶ୍ନଟି ସ୍ୱତଃ ଉଠିଛି ତାହା ହେଉଛି ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ଅଧିକାରୀ ବା ଶିକ୍ଷାବିତ୍ ନିଜ ସମ୍ପୂର୍ଣ୍ଣ ଜ୍ଞାତସାରରେ ଏଭଳି ଅକ୍ଷମଣୀୟ ତ୍ରୁଟି କରିପାରିଲେ କିଭଳି? ଏଥିପାଇଁ ତାଙ୍କ ଉପରେ ଆଉ ଚାପ ସୃଷ୍ଟି ହୋଇନାହିଁ ତ? ସ୍ୱାଧୀନ ଭାରତର ନ୍ୟାୟିକ ଭାବମୂର୍ତ୍ତିକୁ ନିନ୍ଦିତ କରିବାର ଉପରୋକ୍ତ ଅପପ୍ରୟାସ ଘଟଣାର ଯେଉଁ ତଦନ୍ତ ଆରମ୍ଭ ହେବାକୁ ଯାଉଛି ସେଥିରେ ପ୍ରଚ୍ଛଦପଟର ଇଙ୍ଗିତ ସାମ୍ନାକୁ ଆସିବ ତ?

ପ୍ରତ୍ୟାହୃତ ଏହି ବିବାଦୀୟ ପୁସ୍ତକରେ ଆହୁରି ମଧ୍ୟ ବିଭାଜନ ସମୟର ହିଂସା ବିଷୟରେ ଉଲ୍ଲେଖ କରାଯାଇଛି। ୧୯୪୬ ଅଗଷ୍ଟ ମାସରେ ମୁସ୍‌ଲିମ୍ ଲିଗ୍ ଦ୍ୱାରା ନାମିତ 'ଡାଇରେକ୍ଟ ଆକ୍ସନ୍ ଡେ' ବିଷୟରେ ପୂର୍ବପ୍ରଚଳିତ ପାଠ୍ୟପୁସ୍ତକରେ କେବଳ ହିଂସା ସୃଷ୍ଟି ହୋଇଥିବା ଉଲ୍ଲେଖ ଥିବା ବେଳେ ସଦ୍ୟତମ ସଂସ୍କରଣରେ ମୁସ୍‌ଲିମ୍ ମାନେ ହିନ୍ଦୁଙ୍କ ଉପରକୁ ଆକ୍ରମଣ କରିଥିବା ଉଲ୍ଲେଖ ରହିଥିଲା। ନ୍ୟାୟିକ ଦୁର୍ନୀତି ବିଷୟକୁ ବାଦ୍ ଦେଇ ପୁଣି ଥରେ ପ୍ରଣୟନ ହେବାକୁ ଥିବା ପୁସ୍ତକରେ ଯଦି କଲିକତାର ଦଙ୍ଗା ବିଷୟରେ ଥିବା ଶବ୍ଦକୁ ସଂଶୋଧନ କରା ନ ଯାଏ ତେବେ ତାହା ଧର୍ମାନ୍ଧତା ଜନିତ ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରି ଭାରତର ସଂହତି ଓ ଏକତା ବ୍ୟାହତ କରିବ ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

'ଏନ୍‌ସିଇଆରଟି'ର ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ଅଧିକାରୀ/ଶିକ୍ଷାବିତ୍‌ମାନଙ୍କର ନିଷ୍ଠା ଓ ଦାୟିତ୍ୱ କେତେ ସେ ବିଷୟରେ ଆଉ ଟିକେ ଆଲୋଚନା କରାଯାଉ। ଗତ ବର୍ଷ ଜୁଲାଇ ମାସରେ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗ ପ୍ରକାଶ ପାଇବା ପରେ ମଧ୍ୟ ଅନେକ ବିବାଦ ଉଠିଥିଲା। ଉଦାହରଣସ୍ୱରୂପ ଓଡ଼ିଶାର ପାଇକ ବିଦ୍ରୋହକୁ ଭାରତର ବ୍ରିଟିଶ୍ ବିରୋଧୀ ପ୍ରଥମ ସଶସ୍ତ୍ର ସଂଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ବହୁବର୍ଷ ହେଲା ଦାବି ଓ ଉଦ୍ୟମ ହୋଇଆସୁଥିଲେ ହେଁ ମାନ୍ୟତା ମିଳିବା ଦୂରେ ଥାଉ ଏନ୍‌ସିଇଆରଟି ପୁସ୍ତକରୁ ପାଇକ ବିଦ୍ରୋହ ସମ୍ପର୍କିତ ବିଷୟକୁ ହିଁ ବାଦ୍ ଦିଆଗଲା। ଅଥଚ ପଶ୍ଚିମବଙ୍ଗର 'ସନ୍ନ୍ୟାସୀ ବିଦ୍ରୋହ', ବିହାରର 'କୋଲ୍ ବିଦ୍ରୋହ' ଆଦି ସ୍ଥାନିତ ହେଲା। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ଶେଷରେ ଏନ୍‌ସିଆରଟି ସାମାଜିକ ବିଜ୍ଞାନର ଦ୍ୱିତୀୟ ଭାଗରେ ସ୍ଥାନିତ ହୋଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ରହିଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ 'ଆଞ୍ଚଳିକ' ବର୍ଗରେ ସୀମିତ କରି ଦିଆଯାଇଛି।

ତେଣୁ ଏନ୍‌ସିଇଆରଟିର ଏତାଦୃଶ ପାଠ୍ୟକ୍ରମ ନୀତି 'ପାଠ୍ୟକ୍ରମର ରାଜନୈତିକକରଣ' ଅଭିଯୋଗରୁ ମୁକ୍ତ ହୋଇପାରୁନାହିଁ। ଯଦି ଏହି ଅଭିଯୋଗରେ କିଛି ମାତ୍ରାରେ ସତ୍ୟତା ଥାଏ ତେବେ ନ୍ୟାୟପାଳିକାରେ ଦୁର୍ନୀତି ସମ୍ପର୍କିତ ପାଠ୍ୟକ୍ରମ ପ୍ରସଙ୍ଗରେ କେବଳ ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ଅଧିକାରୀ/ ଶିକ୍ଷାବିତ୍ ହିଁ ଦୋଷୀ ହେବେ କେମିତି ଏବଂ ଦଣ୍ଡିତ ହେବେ କାହିଁକି?

(ସକାଳ ମିଡିଆ ସର୍ଭିସ୍)

## ସାମାଜିକ-ଆର୍ଥିକ ବିକାଶରେ ସମବାୟ

ପ୍ରତାପ ଚନ୍ଦ୍ର ସାମଲ

'ସମବାୟ' ଏକ ଉପଲବ୍ଧ। ଏକ ଅନୁପମ ଅନୁଭବ। ଏହା ପରିବାରରୁ ଆରମ୍ଭ ହୁଏ। ପରିବାର ଭିତରେ ଆମେ ମିଳିମିଶି ଚଳିବା ଶିଖୁ। ଖାଇବା ଜିନିଷକୁ ନିଜ ନିଜ ମଧ୍ୟରେ ଭାଗ ବାଣ୍ଟିକରି ଖାଉ। ଅନ୍ୟର ଖୁସିରେ ନିଜେ ଖୁସି ହେଉ। ବାହାରେ ପରିଚୟ ଦେଉ ଯେ, ଆମେ ସମସ୍ତେ ଗୋଟିଏ ବାପାଙ୍କର ପୁଅ ଝିଅ ବୋଲି। ଗୋଟିଏ ହାଣ୍ଡିରୁ ଭାତ ଖାଇ, ଗୋଟିଏ କୂଅର ପାଣି ପିଇ ବଢ଼ିଛୁ। ଦୁଃଖ ବେଳେ ପରସ୍ପର ପାଖରେ ଠିଆ ହୋଇଛୁ। ପରିବାରର ବୃତ୍ତିକୁ ଟିକେ ବଢ଼ାଇ ଆମେ ସମାଜ ପାଖରେ ପହଞ୍ଚୁ। ଆମେ ଗୋଟିଏ ସ୍କୁଲର ଛାତ୍ର, ତା'ପରେ ଗୋଟିଏ ଅଞ୍ଚଳର। ପରେ ଆଉ ଟିକିଏ ବୃହତ୍ତର ପରିସରରେ ଆମେ ଅମୁକ ପ୍ରଦେଶ ବା ଭାରତୀୟ ଭାବରେ ନିଜର ବୈଶିଷ୍ଟ୍ୟ ନେଇ ପହଞ୍ଚିଥାଉ। ଆର୍ଯ୍ୟ ଋଷିର ଉଦାର କଣ୍ଠ ଦିନେ ଉଚ୍ଚାରଣ କରିଥିଲା ଆମେ ସବୁ ପୃଥିବୀ ମାତାର ପୁଅ ଝିଅ ବୋଲି। ଯୁଗ ଯୁଗ ଧରି ପ୍ରତ୍ୟେକ ଧର୍ମ ଏହି ଏକତା ଓ ସହଂତିର କଥା କୁହେ।

ସମବାୟ କଥାଟି କିନ୍ତୁ ଟିକେ ଭିନ୍ନ। ଏହା ଗୋଟିଏ ସାଧାରଣ ଲକ୍ଷ୍ୟ ନେଇ ଏକତ୍ର ହୋଇଥିବା ମଣିଷମାନଙ୍କର ସମବେତ ଆଗ୍ରହର କଥା କୁହେ। ସମବାୟ ଧନହୀନ, ଅଭାବୀ ମଣିଷର ମନରେ ସାହସ ଜୁଟାଏ, ଅଣ୍ଟାରେ ବି ବଳ ଦିଏ। ସାଧାରଣ ମଣିଷଟି ସମବାୟର ସାହାଯ୍ୟ ପାଇଲେ ଅଣ୍ଟା ସଳଖି ଛିଡ଼ାହୁଏ। ଆକାଶକୁ ଚାହିଁ ନିଜର ଉଚ୍ଚତା କଳନା କରିପାରେ ଏବଂ ଶୁଖିଲା ମୁହଁରେ ହସ ଫୁଟାଇଥାଏ। ଗାଉଁଲି ମଣିଷଟି ବୁଝେନାହିଁ ତାହାର ସାମର୍ଥ୍ୟ। ମୁଷ୍ଟିମେୟ ଚତୁର ମଣିଷମାନେ ଗାଉଁଲି ମଣିଷମାନଙ୍କର ସରଳତାର ସୁଯୋଗ ନେଇ ନିଜ ନିଜର ଆର୍ଥିକ ମାନଦଣ୍ଡରେ ଉନ୍ନତି କରନ୍ତି। କିନ୍ତୁ ପ୍ରକୃତରେ ଯାହା ହାତର କୁହୁକରେ ସାଧାରଣ ଜିନିଷଟିଏ ଅସାଧାରଣ କାରୁକାର୍ଯ୍ୟ ମଣ୍ଡିତ ଦ୍ରବ୍ୟରେ ରୂପାନ୍ତରିତ ହୋଇପାରେ, ସେହି ମଣିଷ ବୁଝିପାରେ ନାହିଁ ତା'ର ହସ୍ତରେ ନିର୍ମିତ ସେହି ଜିନିଷଟି ବଜାରରେ ବା ଅନ୍ୟ ଦେଶରେ କେତେ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସେ ଖଲି ପତ୍ର ସିଲେଇ କରି, ସଞ୍ଜ ସଳିତା ବଳି, ତନ୍ତରେ ଲୁଗା ବୁଣି, ପାପୋଛ ତିଆରି କରି, ପାମ୍ପଡ଼, ବଡ଼ି, ଆଚାର ତିଆରି କରି ସୁନା ରୁପାର ତାରକସି କାମରେ ଗହଣା ତିଆରି କରି, ବିଭିନ୍ନ ମସଲା ତିଆରି କରି, ହାତ ଘଣାରେ ତେଲ ପେଡ଼ି, ପଟ୍ଟଚିତ୍ର କରି, କାନ୍ଥରେ ଚିତ୍ର କରି, ରୁଟି ତିଆରି କରି, ବାରମଜା ତିଆରି କରି, ମୁଢ଼ି କିମ୍ବା ଚୁଡ଼ା ଭାଜି ପଲିଥିନିରେ ପ୍ୟାକେଟ୍ କରି, ଆରିସା ପିଠା କରି, ପ୍ଲାଷ୍ଟିକ୍ ଖେଳଣା ତିଆରି କରି ବଜାରରେ ବିକ୍ରି କଲେ ମଧ୍ୟ ତା'ର ଅଭାବ ମେଣ୍ଟେ ନାହିଁ, ଯଦିଓ ସେ ପ୍ରସ୍ତୁତ କରୁଥିବା ଜିନିଷଗୁଡ଼ିକର ବଜାର ଚାହିଦା ବଢ଼ିଯାଇଥାଏ। ସେଥିରୁ ମଧ୍ୟସ୍ଥି ସାଜିଥିବା ବ୍ୟକ୍ତିମାନେ ଲାଭର ସିଂହ ଭାଗ ପାଇ ଧନୀରେ ପରିଗଣିତ ହେଉଥିଲା ବେଳେ ସାଧାରଣ ମଣିଷଟି ସେହି ଅଭାବ ଅନଟନରେ ନିଜ ଗୁଜୁରାଣ ମେଣ୍ଟାଇଥାଏ, ଦୁଇଓଳି ଗଣ୍ଡେ ଖାଇ, ଖଣ୍ଡିଏ ବସ୍ତ୍ର ପିନ୍ଧି ସମାଜରେ ବଞ୍ଚିବା ପାଇଁ।

ଏପରିକି ଦେଶ ବିଦେଶରେ ତା' ହାତ ତିଆରି ଜିନିଷ ପାଇଁ ଖୁବ୍ ବିତ୍ତଶାଳୀ ଲୋକମାନେ ଅପେକ୍ଷା କରିଥାନ୍ତି କିଣିବା ପାଇଁ। ଏ ସମୟରେ ସମବାୟ ହିଁ କେବଳ ଗୋଟିଏ ସଂସ୍ଥା ଯିଏକି ସହଯୋଗର ହାତ ବଢ଼ାଇଦିଏ। ବିଭିନ୍ନ କର୍ମକୁଶଳୀ ମଣିଷମାନଙ୍କର ହାତରେ କଳାତ୍ମକ ଉପଯୋଗରେ ପ୍ରସ୍ତୁତ ପଦାର୍ଥ ସବୁ ବିକ୍ରି ପାଇଁ ସମବାୟ ସମିତିମାନ ଗଠିତ ହୋଇଅଛି। ବ୍ୟବସାୟରେ ଲାଭ କରି ସେଥିରୁ କିସ୍ତିରେ ଋଣ ସୁଝିବା ପାଇଁ ବିନା ସୁଧରେ କିମ୍ବା ଅଳ୍ପ ସୁଧରେ ସେମାନଙ୍କୁ ମୂଳଧନ ଯୋଗାଇ ଦିଆଯାଏ। କେତେକ କ୍ଷେତ୍ରରେ ସରକାର ସୁଧ ବାବଦ ଦେୟ ବ୍ୟାଙ୍କକୁ ସୁଝିଥା'ନ୍ତି।

ଲୋକମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ସମବାୟ ସର୍ବଦା ଜାଗ୍ରତ ଥାଏ। ସମବାୟ ସମିତିମାନ ଗଠିତ ହୋଇ ବିଭିନ୍ନ ଦ୍ରବ୍ୟ ଏକତ୍ର କରି ବିକ୍ରିର ସୁଯୋଗ ସୃଷ୍ଟି କରେ। ଓରମାସ୍ ଭଳି ସଂସ୍ଥା ଏତାଦୃଶ ଦ୍ରବ୍ୟର ବିପଣନ କରି କରି ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତିରେ ସୁନାମ ଅର୍ଜନ କରିଛନ୍ତି। ଏହା ମହିଳାମାନଙ୍କର ଆର୍ଥିକ ଉନ୍ନତି କରିବା ସହିତ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହେଉଥିବା ମହିଳାମାନେ ଆର୍ଥିକ ପ୍ରଗତି ପଥର ଯାତ୍ରୀ ହେବା ସହିତ ସାମାଜିକ ପ୍ରଗତିର ସହାୟକ ହୋଇପାରିଛନ୍ତି। ନିପଟ ମଫସଲ ଅଞ୍ଚଳରେ ନାରୀମାନଙ୍କ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିଯାଇଛି। ନାରୀମାନଙ୍କର ବିଚିତ୍ର ବର୍ଣ୍ଣ ଅନୁଭବ ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ବୟନିକା, ସମ୍ବଲପୁରୀ, ଓଡ଼ିଶା ରେଶମ ବସ୍ତ୍ରାଳୟ ଭଳି ସଂସ୍ଥା ହସ୍ତତନ୍ତର ଉନ୍ନତି ଦିଗରେ ସହାୟକ ହୋଇଛି। ଏହଭିଳି ଅନେକ ସମବାୟ ସମିତି ଦେଶର କୋଣ ଅନୁକୋଣରେ ନିଜ ନିଜ ସାମର୍ଥ୍ୟ ନେଇ ଦେଶର ଆର୍ଥିକ ସ୍ଥିତିକୁ ଉନ୍ନତ କରିବାରେ ସହାୟକ ହୋଇଛନ୍ତି। ଦୀର୍ଘଦିନର ଅନ୍ତରାଳେ ସତେଯେପରି ବହୁଦିନରୁ ହଜିଯାଇଥିବା ଚାବି ପେଣ୍ଟାଟି ସେମାନେ ପାଇଯାଇଛନ୍ତି।

ଆସନ୍ତୁ ସମବାୟରେ ସମସ୍ତେ ଏକାଠି ହୋଇ ପରସ୍ପର ସୁଖ ଦୁଃଖରେ ସାମିଲ୍ ହୋଇ ଦାରିଦ୍ର୍ୟର କଷାଘାତରେ ଦାଉ ସାଧୁଥିବା ନିଷ୍ଠୁର ହୃଦୟହୀନ ଲୋକମାନଙ୍କର କବଳରୁ ମୁକ୍ତ ହୋଇ ନିଜର ତଥା ଦେଶର ଅର୍ଥନୈତିକ ବିକାଶରେ ସାମିଲ ହେବା। ଏହା ହିଁ ହେବ ସମବାୟର ମୂଳ ଲକ୍ଷ୍ୟ। ସରକାର ଏ ଦିଗରେ ଯଥେଷ୍ଟ ଯତ୍ନବାନ ହୋଇ ପ୍ରତି ସମବାୟ ସମିତିରେ ଏକ ପାଠାଗାର କରି ସମବାୟ ଭିତ୍ତିକ ବହି, ପତ୍ର ପତ୍ରିକା, ମାଗାଜିନ୍ ସାଇତି ରଖିବା ସହିତ ଏହା ମାଧ୍ୟମରେ ସଭ୍ୟମାନଙ୍କୁ ପଢ଼ିବାର ସୁଯୋଗ ଦେଲେ ସମବାୟ ପ୍ରଚାର ପ୍ରସାର ଦିଗରେ ଯଥେଷ୍ଟ ଅଗ୍ରଗତି କରିପାରିବ।


ବରିଷ୍ଠ ସମବାୟବିତ୍ ଓ ସ୍ତମ୍ଭକାର
ମୋ.: ୯୦୯୦୩୨୫୮୦୨

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ

**ପ୍ରାରମ୍ଭିକ ବୌଦ୍ଧଧର୍ମ ଓ କଳିଙ୍ଗ:** ବୌଦ୍ଧ ଗ୍ରନ୍ଥ 'ବିନୟ ପିଟକର ମହାବଗ୍ଗ', 'ଅଙ୍ଗୁତ୍ତର ନିକାୟ' ଓ 'ଜାତକ' ଅନୁଯାୟୀ ଉକ୍କଳ (ପ୍ରାଚୀନ ଉତ୍କଳ) ର ଦୁଇ ବଣିକ ଭ୍ରାତା ତପସ୍ସୁ ଓ ଭଲ୍ଲିକ ହେଉଛନ୍ତି ଭଗବାନ ବୁଦ୍ଧଙ୍କର ପ୍ରଥମ ସାଧାରଣ ଉପାସକ (ଗୃହୀ ବୌଦ୍ଧ)। ସେହିଭଳି 'ନିକାୟ' ବୌଦ୍ଧଗ୍ରନ୍ଥରେ ଦର୍ଶାଯାଇଛି ଯେ ଉତ୍କଳର ଭସ୍ସ ଓ ଭନ୍ନ ସଂପ୍ରଦାୟର ଲୋକମାନେ ବୁଦ୍ଧଙ୍କର ଉପଦେଶ ତଥା ବାଣୀଗୁଡ଼ିକୁ ଗ୍ରହଣ କରିନେବା ସହ 'ଅହେତୁବାଦ', 'ଅକିରିଆବାଦ' ଓ 'ନାସ୍ତିକବାଦ' ଆଦି ଧର୍ମ ମତ ପ୍ରତି ସେମାନଙ୍କର ପୂର୍ବର ଆସ୍ଥା ଓ ବିଶ୍ୱାସକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ପୁନଶ୍ଚ ଜାତକ ଗଳ୍ପଗୁଡ଼ିକରେ ଉଲ୍ଲେଖ କରାଯାଇଛି ଯେ ଦନ୍ତପୁରର ରାଜା କଳିଙ୍ଗ ସାତଦିନ ଓ ସାତରାତି ଧରି ବୋଧଗୟା ସ୍ଥିତ ବୋଧିଦ୍ରୁମଙ୍କୁ ସମ୍ମାନ ଜଣାଇ ସେଠାରେ ଭକ୍ତିପୂତ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିଭଳି ବୌଦ୍ଧ ଗ୍ରନ୍ଥ 'ଦାଠାବଂଶ' ଓ 'ବୁଦ୍ଧବଂଶ' ଦର୍ଶାଇଛି ଯେ ଭଗବାନ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ଭିକ୍ଷୁ କ୍ଷେମ ତାଙ୍କର ଦନ୍ତ ଧାତୁ ଆଣି କଳିଙ୍ଗର ରାଜା ବ୍ରହ୍ମଦତ୍ତଙ୍କୁ ଅର୍ପଣ କରିଥିଲେ ଏବଂ ଦନ୍ତପୁର ଠାରେ ରାଜା ଏକ ବିଶାଳ ଓ ମନୋରମ ଚୈତ୍ୟ ନିର୍ମାଣ କରାଇ ସେହି ଦନ୍ତଧାତୁଙ୍କୁ ସେଥିରେ ସ୍ଥାପନ କରିଥିଲେ। ଏହିସବୁ ତଥ୍ୟରୁ ଯାହା ଜଣାଯାଉଛି, ବୌଦ୍ଧ ଧର୍ମ ତାହାର ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟ ପ୍ରାଚୀନ କଳିଙ୍ଗ ତଥା ଉତ୍କଳରେ ବିସ୍ତାର ଲାଭ କରିପାରିଥିଲା।

ଓଡ଼ିଶାର ବୌଦ୍ଧ ପରମ୍ପରା



**ଅଶୋକଙ୍କ ପୂର୍ବରୁ ବୌଦ୍ଧ ଧର୍ମ:** ବୁଦ୍ଧଙ୍କ ମହାପରିନିର୍ବାଣର ଦୁଇ ଶତାବ୍ଦୀ ମଧ୍ୟରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ କରି ନିଜର ସ୍ୱତନ୍ତ୍ର ସ୍ଥିତି ଓ ପରିଚିତ ସୃଷ୍ଟି କରିପାରିଥିଲା। ବୁଦ୍ଧଙ୍କ ମହାପରିନିର୍ବାଣ ପରେ ପରେ ଖ୍ରୀ.ପୂ. ୪୮୩ରେ ମଗଧର ରାଜଗୃହଠାରେ ପ୍ରଥମ ବୌଦ୍ଧ ମହାସମ୍ମେଳନ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟତଃ ବୁଦ୍ଧଙ୍କର ଶିକ୍ଷା, ଉପଦେଶ ଓ ବାଣୀ ସବୁକୁ ପ୍ରଥମ କରି ସଂଗୃହୀତ କରାଗଲା ଏବଂ ଏହିସବୁ ମୂଳ ସଂଗ୍ରହ ପରବର୍ତ୍ତୀ କାଳରେ ବୌଦ୍ଧଗ୍ରନ୍ଥ ସବୁର ଆଧାର ସାମଗ୍ରୀ ହୋଇଥିଲା। ମାତ୍ର ଏହି ସମ୍ମେଳନରେ ହିଁ ସଂଘଭେଦର ବୀଜ ଜଣାଯାଉଥିଲା। ଏହିଠାରୁ ହିଁ ଧର୍ମଗୁପ୍ତ, ମହୀଶାସକ, ହୈମବତ ତଥା ଅନ୍ୟ ଗୋଷ୍ଠୀର ସଂରଚନା ଆରମ୍ଭ ହୋଇଯାଇଥିଲା। ଯେତେବେଳେ ଗୋଟିଏ ଶତାବ୍ଦୀ ପରେ ବୈଶାଳୀଠାରେ ଦ୍ୱିତୀୟ ମହାସମ୍ମେଳନ ଅନୁଷ୍ଠିତ ହେଲା ବୌଦ୍ଧ ସଂଘ ଦୁଇଟି ଭାଗରେ ବିଭକ୍ତ ହୋଇଗଲା - ପାଥେୟକ ଓ ପଚିନକ। ପାଥେୟକ ଗୋଷ୍ଠୀରେ ରହିଲେ କୋଶାମ୍ବୀ, ପାଥେୟ ଓ ଅବନ୍ତୀ ଦକ୍ଷିଣାପଥରେ ରହୁଥିବା ଭିକ୍ଷୁଗଣ ଏବଂ ପଚିନକ ଗୋଷ୍ଠୀ ହେଲେ ମୁଖ୍ୟତଃ ପୂର୍ବଭାଗରେ ରହୁଥିବା ଭିକ୍ଷୁମାନେ, ଯେଉଁଥିରେ ବୈଶାଳୀରେ ରହିଥିବା ଭିକ୍ଷୁମାନେ ହେଲେ ପ୍ରମୁଖ। ଏହି ସମ୍ମେଳନରେ ସଂଘରେ ସୃଷ୍ଟି ହୋଇଥିବା ଫାଟକୁ ବନ୍ଦ କରିବା ନିମନ୍ତେ କରାଯାଇଥିବା ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ପଚିନକମାନେ ଗୁରୁତ୍ୱପୂର୍ଣ୍ଣ 'ଦଶବସ୍ତୁନି' ତତ୍ତ୍ୱର ବୈଧତା ଘୋଷଣା କରିବାରୁ ସେମାନଙ୍କୁ ସେଥିରୁ ନିବୃତ୍ତ କରାଇବାରେ ଅନ୍ୟମାନେ ସଫଳ ହୋଇପାରିଲେ ନାହିଁ। ବୈଶାଳୀ ସମ୍ମେଳନ ପରେ ସଂଘ ଭେଦକୁ ରୋକାଯିବା ନିମନ୍ତେ ବହୁ ଉଦ୍ୟମ ସତ୍ତ୍ୱେ ତାହା ମଧ୍ୟ ସଫଳ ହେଲା ନାହିଁ, ବରଂ ବିପକ୍ଷ ଗୋଷ୍ଠୀ ଅଧିକ ସକ୍ରିୟ ହେଲେ। ଅଶୋକ ବୌଦ୍ଧ ଧର୍ମ ଗ୍ରହଣ କରିବା ବେଳକୁ ବୌଦ୍ଧ ସଂଘ ଅନ୍ୟୂନ ୧୮ଠର ଭାଗରେ ବିଭକ୍ତ ହୋଇ ସାରିଥିଲା। ସଂଘ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ ଅଶୋକ ପୂର୍ବସମୟରେ ବୌଦ୍ଧଧର୍ମ ଗୋଟିଏ ଶକ୍ତିଶାଳୀ ଧର୍ମମତ ଭାବେ ସଠିକ୍ ଭାବେ ଆଗେଇ ଚାଲିଥିଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜ୍ୟରେ ୪୦ ହାର୍ଡକୋର୍ ମାଓନେତା

■ ସଫେଇର କଣ୍ଟ ଆଉ ମାତ୍ର ଏକ ମାସ
■ ଆତ୍ମସମର୍ପଣ ନ ହେଲେ ଏସ୍ଓଜି ଅପରେସନ୍ ଜୋର୍‌ଦାର୍: ଡିଜି

ଭୁବନେଶ୍ୱର,୨୭।୨(ସମିସ)

ରାଜ୍ୟରେ ଲାଲ୍‌ଗଡ଼କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ଆଜିକୁ ଆଉ ମାତ୍ର ଏକ ମାସ ବାକି। ଏହି ମାସକ ପରେ ଓଡ଼ିଶାରେ ମାଓବାଦୀଙ୍କୁ ଦେଖିବାକୁ ମିଳିବନି। କେନ୍ଦ୍ର ସରକାରଙ୍କ ଏଭଳି ଏକ କଣ୍ଟକୁ ପୁରଣ କରିବାକୁ ଓଡ଼ିଶା ପୁଲିସ ପ୍ରାଣପଣେ ଚେଷ୍ଟା ଚଳାଇଛି। ହେଲେ ଏବେ ବି ୪୦ ହାର୍ଡକୋର ଜଙ୍ଗଲରେ ଲୁଚି ରହିଛନ୍ତି। ପୁଲିସ ସେମାନଙ୍କୁ ବିଭିନ୍ନ ମାଧ୍ୟମରେ ଆତ୍ମସମର୍ପଣ କରିବାକୁ ବର୍ତ୍ତା ଦେଉଥିଲେ ମଧ୍ୟ ସେମାନେ ଏପର୍ଯ୍ୟନ୍ତ ଆତ୍ମସମର୍ପଣ କରି ନାହାନ୍ତି। ସେମାନେ ଆତ୍ମସମର୍ପଣ ନକଲେ ପୁଲିସ ପାଇଁ ଓଡ଼ିଶାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କଣ୍ଟ ପୂରଣ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିବ। ଏହି ପରିପ୍ରେକ୍ଷୀରେ ମାଓବାଦୀଙ୍କୁ ଆତ୍ମସପର୍ମଣ ପାଇଁ ଶେଷ ଚେତାବନୀ ଦେଇଛନ୍ତି ପୁଲିସ ଡ଼ିଜି। ନ ହେଲେ ଏସଓଜି ଯବାନଙ୍କ ଅପରେସନର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଡ଼ିଜି ସତର୍କ କରାଇଦେବା ସହ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଓଡ଼ିଶା ମାଓମୁକ୍ତ ହେବ ବୋଲି ପୁଲିସ ଡିଜି ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ନକ୍ସଲବାଦକୁ ଦୂର କରିବା ପାଇଁ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ନିକଟତର ହେବା ସହିତ ଓଡ଼ିଶା ପୁଲିସ ମାଓବାଦୀଙ୍କୁ ଅସ୍ତ୍ର ରଖିବା ପାଇଁ ପ୍ରବର୍ତ୍ତାଇବା ପାଇଁ ଶେଷ ପ୍ରୟାସ କରୁଛି। ରେଡିଓ ମାଧ୍ୟମରେ ବାର୍ତ୍ତା ପଠାଇ ପାରମ୍ପରିକ ଉପାୟରେ ଆତ୍ମସମର୍ପଣର ଏକ ତରିକା ଆପଣାଇଛି। ବାମପନ୍ଥୀ ଉଗ୍ରବାଦ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ମଧ୍ୟରେ, ମାଓବାଦୀଙ୍କ ଭୂମିଗତ ଉପସ୍ଥିତି ହ୍ରାସ ପାଇଛି। ୪୦ ଜଣ ଲାଲ ଉଗ୍ରବାଦୀଙ୍କ ମଧ୍ୟରୁ ପଡ଼ୋଶୀ ଛତିଶଗଡ଼ର ଏବଂ ଆତ୍ମସମର୍ପଣ ପାଇଁ ଓଡ଼ିଶା ସରକାରଙ୍କ ବାର୍ତ୍ତା ଗ୍ରହଣ କରିପାରିବେ ନାହିଁ। ତେଣୁ ପୁଲିସ ବାର୍ତ୍ତା ପହଁଞ୍ଚାଇବାକୁ ରେଡିଓକୁ ମାଧ୍ୟମ କରିଛି।

ପ୍ରତିଦିନ ଅତି କମରେ ଛଅଟି ବାର୍ତ୍ତା ତିନୋଟି ଭାଷାରେ ପ୍ରସାରିତ ହେଉଛି। ଓଡ଼ିଆ, ହିନ୍ଦୀ ଏବଂ କୋୟା ଭାଷାରେ ମାଓବାଦୀଙ୍କୁ ବାର୍ତ୍ତା ଦିଆଯାଉଛି। ଏହାକୁ ଅଧିକ ବିଶ୍ୱାସଯୋଗ୍ୟ କରିବା ପାଇଁ, ସିପିଆଇ (ମାଓବାଦୀ)ର ପୂର୍ବତନ ରାଜ୍ୟ କମିଟି ସଦସ୍ୟ ନିରଞ୍ଜନ ରାଉତ ଓରଫ ନିଖିଲ ଭଳି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ବାର୍ତ୍ତା ଆକାଶବାଣୀରେ ପ୍ରସାରିତ କରାଯାଉଛି। ବାର୍ତ୍ତାରେ ନିଖିଲ ଏକ ମୋବାଇଲ୍ ଫୋନ୍ ନମ୍ବର (୯୪୩୭୬୪୩୮୩୯) ମଧ୍ୟ ସେୟାର କରିଛନ୍ତି। ମାଓବାଦୀମାନଙ୍କୁ ସେହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ଯାହା ପରେ ମୁଖ୍ୟସ୍ରୋତକୁ ଫେରିବା ପାଇଁ ବ୍ୟବସ୍ଥା କରାଯିବ।

ସେହିପରି ପୁଲିସ ନୀତୁଙ୍କ ବାର୍ତ୍ତା ମଧ୍ୟ ପ୍ରସାରଣ କରୁଛି। ଯିଏ ଜାନୁଆରୀ ୨୦୨୬ ରେ ଜଗଦଲପୁରରେ ଆଦସମର୍ପଣ କରିଥିବା ପୂର୍ବତନ ବରିଷ୍ଠ ସ୍ୱତନ୍ତ୍ର ଜୋନାଲ୍ କମିଟି ସ୍ତରୀୟ ମହିଳା ମାଓନେତ୍ରୀ ଥିଲେ। ନିଖିଲ, ତାଙ୍କ ପତ୍ନୀ ଅଙ୍କିତା ଓରଫ ରଶ୍ମିତା ଲେଙ୍କା ଫେବୃଆରୀ ୬ ତାରିଖରେ ରାୟଗଡା ପୁଲିସ ସମ୍ମୁଖରେ ଅନ୍ୟ ୧୩ ଜଣଙ୍କ ସହିତ ଆତ୍ମସମର୍ପଣ କରିଥିଲେ।

## ସୁକିନ୍ଦା ନିର୍ବାଚନୀ ଅନିୟମିତତା ମାମଲା ଖାରଜ

କଟକ, ୨୭।୨(ସମିସ): ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ ବଳସାମନ୍ତଙ୍କୁ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୨୪ ସାଧାରଣ ନିର୍ବାଚନରେ ଅନିୟମିତତା ଅଭିଯୋଗରେ ତଥା ଶ୍ରୀ ବଳସାମନ୍ତଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ପୂର୍ବତନ ବିଧାୟକ ତଥା ପରାଜିତ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇ ଦାଖଲ କରିଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ନିର୍ବାଚନୀ ମାମଲାର ପ୍ରତିପକ୍ଷ ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି।

**AFFIDAVIT**

By virtue of an affidavit (No. A/2, date- 19/02/2026) before the Executive Magistrate, Rourkela. I, **Smt. Sonali Nayak**, aged about 29 years, W/o Mihir Kant Nayak, resident of QTR No. B/24, B Jone, PO-Tensa, Dist- Sundargarh, PIN-770042, State: Odisha declare that, after marriage on dtd-15.05.2019 have changed my name from **Sonali Singh** to **Sonali Nayak.** Henceforth, I shall be known as **Sonali Nayak** for official, non-official and all other purposes.
**Sonali Nayak**

**AFFIDAVIT**

By virtue of an affidavit No. 169, Dtd.27.02.2026 before the **Executive Magistrate-cum-Tahasildar, Rayagada**, I, Mariyam Karakaria, W/o- Rabi Karakaria, permanent resident of Vill- Baraja, P.O.- Serigumma, P.S.- Kalyansinghpur, Dist- Rayagada, Odisha, do hereby declare that I have changed my name from "Mariyam Karakaria" to "Mariyam Turuk". Henceforth, I shall be known as **Mariyam Turuk** for all purposes.

**AFFIDAVIT**

I, Anushree Rath C/o Sudhir Kumar Rath, Resident of Panjiaguda, Bamuniput, P/s Jeypore Sadar, Dist - Koraput, Pin- 764005, Odisha declare by this affidavit No-482 dated-20/02/2026 that now onwards I shall be known as **Anushree Padhi** for all future purposes.

**AFFIDAVIT**

By virtue of an affidavit No. 36, Dtd.24.02.2026 before the **Executive Magistrate, Bhubaneswar**, I, Smt. Paramjyoti Rout @ Dutta, W/o Sri Dillip Kumar Dutta, At-Rameswar, P.O.-Dabaradhupatana, P.S.-Bolagarh, Dist- Khordha do hereby declare that after my marriage my surname has been changed from Paramjyoti Rout to Paramjyoti Dutta. Henceforth, I shall be known as **Paramjyoti Dutta** for all purposes.

**AFFIDAVIT**

By virtue of an affidavit No. 3786, Dtd.11.09.2025 sworn before the Executive Magistrate, Jaleswar I, Sumita Behera, W/o. Manamohan Sethi, At./Po. Patharpura, Po./Ps. Jaleswar, Dist. Balasore, Pin: 756032, Odisha declare that I have changed my daughter's name from Bidyaprava Sethi to Manasmita Sethi and change the Date of Birth from 07.07.2015 to 07.07.2017. Henceforth, she shall be known as **Manasmita Sethi** for all purposes.

**AFFIDAVIT**

By virtue of an affidavit no 630, sworn before the notary public swampatana on dtd- 25/02/2026, I **Bhakta Bandhu Mohanta**, aged 72 years, S/o- Krushna Chandra Mohanta, resident of At/Po-Poipani, Ps- Ghatagaon, Dist-Keonjhar, Pin- 758029, State-Odisha, My name in my IDBI Bank account vide A/C No-1010104000032601 is incorrectly is one word maintained **Bhaktabandhu Mohanta** instead of **Bhakta Bandhu Mohanta.** Henceforth, I shall be known as **Bhakta Bandhu Mohanta** for all future purposes.
**Bhakta Bandhu Mohanta**

## କର୍ଣ୍ଣାଟକରେ ଓଡ଼ିଆ ପ୍ରେମୀଯୁଗଳଙ୍କ ମୃତ୍ୟୁ

# ପ୍ରେମିକାର ଶବ ଦେଖି ପ୍ରେମିକର ଆତ୍ମହତ୍ୟା





ଗୁଣୁପୁର, ୨୭।୨(ସମିସ): ପରସ୍ପରକୁ ଭଲ ପାଇ ବିବାହ କରିବା ପରେ ପରିବାର ଅଗୋଚରରେ ସେମାନେ କର୍ଣ୍ଣାଟକ ପଳାଇଥିଲେ। କିନ୍ତୁ, ବିବାହର କେଇଟା ଦିନ ଭିତରେ ସେମାନଙ୍କ ଜୀବନରେ ଏମିତି କି ଝଡ଼ ଆସିଲା ଯେ ଦୁହେଁ ଜୀବନ ହାରିଦେଲେ। କର୍ଣ୍ଣାଟକ ଅନେକାଲ ତାଲୁକ୍ ସୂର୍ଯ୍ୟନଗର ଥାନା ଅଞ୍ଚଳରୁ ଏକ ଓଡ଼ିଆ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ପୁଟାସିଂ ଥାନା ରିଜିଙ୍ଗତାଲ ଗାଁର ମଞ୍ଜୁଳା ଶବର(୨୨) ଓ ଗଜପତି ଜିଲ୍ଲା ଅଡବା ଥାନା ବଟେବା ଗାଁର ଦୀପନ୍ତ ଶବର। ମୃତ୍ୟୁର ଦୁଇ ଦିନ ପରେ ପୁଲିସ ଦୁହିଁଙ୍କ ଗଳିତ ଶବକୁ ଉଦ୍ଧାର କରିଛି। ଅପରପକ୍ଷେ, ଏହାର କିଛି ଭିଡିଓ ଏବେ ଜୋରସୋର୍‌ରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖାଯାଉଛି ଯେ ଦୀପନ୍ତର ନିଦ ଭାଙ୍ଗିବା ବେଳକୁ ମଞ୍ଜୁଳାର ଶବ ସୋଫାରେ ପଡ଼ି ରହିଛି। ଆଉ ଏକ ଭିଡିଓରେ, ମଞ୍ଜୁଳା ମରିବା ପରେ ନିଜକୁ ଅସହାୟ ମନେ କରି ଦୀପନ୍ତ ଜୀବନ ହାରିବା ପାଇଁ କହୁଛି। ଏପରିକି, ସେ ମଞ୍ଜୁଳାର ମୃତଦେହକୁ ଧରି ତା'ର ମଥା ଓ ବେକରେ ନେଲ-ପଲିସ ଲଗାଉଛି। ଦୁହିଁଙ୍କ ମୃତ୍ୟୁ ସନ୍ଦେହଘେରରେ ଥିବା ବେଳେ ଏହା ଏକ ଆତ୍ମହତ୍ୟାଜନିତ ମାମଲା ବୋଲି କୁହାଯାଉଛି। ତେବେ କେଉଁ କାରଣରୁ ଦୁହେଁ, ଏପରି ଚରମ ନିଷ୍ପତ୍ତି ନେଲେ, ସେନେଇ ପୁଲିସ ତଦନ୍ତ ଚଳାଇଛି। ଭିଡିଓରୁ ଜଣାପଡୁଛି ଯେ ୨୦୨୬ ଫେବୃୟାରୀ ୨୫ ତାରିଖ ରାତି ୨ଟା ୨୩ରେ ରେକର୍ଡ ହୋଇଛି।

ସୂଚନାନୁସାରେ, ଦୀପନ୍ତ ରାୟଗଡ଼ା ଜିଲ୍ଲା ଗୁଣପୁରକୁ କାମ ଅନ୍ୱେଷଣରେ ଆସି ରହୁଥିଲେ। ଦିନମଜୁରିଆ ଭାବେ କାମ କରିବା ବେଳେ ମଞ୍ଜୁଳାଙ୍କ ସହ ତାଙ୍କର ଦେଖାସାକ୍ଷାତ ହୋଇଥିଲା। ପରେ ଦୁହେଁ ମନ ଦିଆନିଆ ହୋଇଥିଲେ। ଏପରିକି, ସେମାନେ ଏହି ସଂପର୍କକୁ ବିବାହର ରୂପ ମଧ୍ୟ ଦେଇଥିଲେ। ଦୀପନ୍ତଙ୍କ ପ୍ରଥମ ସ୍ତ୍ରୀ ଥିବାରୁ, କାଳେ କିଏ ଦୁହିଁଙ୍କ ସଂପର୍କରେ କଣ୍ଟା ସାଜିବ, ସେଥିପାଇଁ କର୍ଣ୍ଣାଟକ ପଳାଇ ଯାଇଥିଲେ। ଏପଟେ, ମଞ୍ଜୁଳା ଘରକୁ ନ ଫେରିବାରୁ ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଗତ ଅକ୍ଟୋବରରେ ପୁଟାସିଂ ଥାନାରେ ଅଭିଯୋଗ କରିଥିଲେ।

## ରାଜନଗର ଚାଷୀ ମୃତ୍ୟୁ: ଅପେକ୍ଷା କରି ମୃତ୍ୟୁ ହେବା ଅଗ୍ରହଣୀୟ : ମନ୍ତ୍ରୀ

ଭୁବନେଶ୍ୱର,୨୭।୨(ସମିସ): ରାଜନଗର ଚାଷୀଙ୍କ ମୃତ୍ୟୁ ଘଟଣାକୁ ନେଇ ଅଜବ ଯୁକ୍ତି ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ଚାଷୀଙ୍କ ମୃତ୍ୟୁ ପାଇଁ ମଣ୍ଡି କାରଣ ନୁହେଁ; ତାଙ୍କ ବୟସାଧିକ ହେବା ଦୃଷ୍ଟିରୁ ବା ଅନ୍ୟ କାରଣ ଯୋଗୁଁ ମୃତ୍ୟୁ ହୋଇଥାଇପାରେ ବୋଲି ମନ୍ତ୍ରୀ କହିଛନ୍ତି। ଶୁକ୍ରବାର ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ଯେ ମୃତକ ଜଣଙ୍କ ୬ ଦିନ କାଳ ଅପେକ୍ଷା କରିଥିଲେ। ତେବେ ଅପେକ୍ଷା କରିଥିଲେ ବୋଲି ଜଣେ ମରିଯିବ, ସେ କଥାକୁ ଗ୍ରହଣ କରି ହେବନି। ତାଙ୍କର ବୟସ ହେଲାଣି, ଅନ୍ୟ କିଛି ବେମାର ଥିବ କିମ୍ବା ଘରେ ହୃଦଘାତ ହୋଇଥିବ। ସେଠି ବସିଲେ ବୋଲି କ'ଣ ଜଣେ ମରିଯିବ କି ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଅନେକ ଲୋକ ଅନେକ ପ୍ରକାର କଥା କହିବେ। ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏହାପରେ ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଅଭିଯୋଗ ଅନୁସାରେ କେନ୍ଦ୍ରାପଡ଼ା ରାଜନଗର ବ୍ଲକ୍ ଜୁନଗଡ଼ି ଗାଁର ତ୍ରିଲୋଚନ ନାୟକ ଜାନୁୟାରୀ ୨୨ରୁ ଟୋକନ୍ ପାଇଥିଲେ ବି ଧାନ ବିକ୍ରି ପାଇଁ ୪୦ ଦିନ କାଳ ଦୌଡ଼ି ଦୌଡ଼ି ଅକଥନୀୟ ଯନ୍ତ୍ରଣାରେ ପଡ଼ିଥିଲେ। ଧାନ ନ ଉଠିବାରୁ ସିଧାସଳଖ ମିଲକୁ ଧାନ ନେଇଯିବାକୁ ତାଙ୍କୁ ସମବାୟ ସମିତି ପକ୍ଷରୁ କୁହାଯାଇଥିଲା। ହେଲେ ଉଭୟ ସମ୍ପାଦକ ଓ ମିଲର କ୍ୱିଣ୍ଟାଲ ପିଛା ୬+୩ ହିସାବରେ ୯ କେଜି ଧାନ କାଟି ନେଲା ପରେ ମଧ୍ୟ ମିଲର ଧାନ ଉଠାଇନଥିଲେ। ଏହା ପରେ ୩ ହଜାର ଟଙ୍କା ଲାଞ୍ଚ ଦେଲା ପରେ ତାଙ୍କର ଧାନ ଉଠିଥିଲା। କଟନୀ ଛଟନୀ ସହ ତାଙ୍କୁ ତିନି ଦିନ କାଳ ଖରା କାକରରେ ମାନସିକ ଯନ୍ତ୍ରଣା ତ୍ରିଲୋଚନଙ୍କୁ ଭାରି ବାଧିଥିଲା। ତିନି ଦିନ ଭୋକ ଉପାସ ମାନସିକ ଯନ୍ତ୍ରଣା ସହିଥିବା ତ୍ରିଲୋଚନ ମିଲରେ ଭାଇକୁ ଜଗାଇ ଘରକୁ ଆସିଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପାଖାପାଖି ସପ୍ତାହେ କାଳ ତାଙ୍କୁ ଧାଁ ଧାପଡ଼ କରାଇ ତାଙ୍କ ଠାରୁ ୯ କେଜି କାଟ ଓ ୩ ହଜାର ଟଙ୍କା ଲାଞ୍ଚ ନେଇଥିବା ମିଲର ଓ ସମବାୟ ସଂପାଦକ ତାଙ୍କୁ ମୃତ୍ୟୁର ରାସ୍ତା ଦେଖାଇଦେଲେ। ଏହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରୁଥିବା ବେଳେ ସରକାରଙ୍କ ମଣ୍ଡି ଯନ୍ତ୍ରଣା ଯୋଗୁଁ ଜଣେ କୃଷକଙ୍କ ଜୀବନ ଯାଇଛି ବୋଲି ଅଭିଯୋଗ କରୁଛନ୍ତି। ହେଲେ ମନ୍ତ୍ରୀ ସିଧାସଳଖ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଅନ୍ୟ କୌଣସି କାରଣ ପାଇଁ ତାଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com
Contact
7978386707

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନାବାଳିକାକୁ ଦୁଷ୍କର୍ମ...

ନିକଟ କ୍ଷେତକୁ ଯାଇ ଆଉ ଫେରି ନଥିଲେ। ପରିବାରଲୋକେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ରାତିତମାମ ଖୋଜାଖୋଜି କରିଥିଲା। ଶୁକ୍ରବାର ସକାଳେ ମୃତଦେହ ଉଦ୍ଧାର ହେବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏକାଧିକ ତଦନ୍ତ ଦଳ ଗଠନ କରାଯାଇଥିଲା। ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ହେବା ପରେ ପୁଲିସ ନିଖୋଜ ମାମଲାକୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପରିବର୍ତ୍ତନ କରି ତଦନ୍ତକୁ ଆଗକୁ ବଢ଼ାଇଥିଲା। ପୁଲିସ ଟିମ୍ କ୍ଷେତ, ଜଙ୍ଗଲ ଓ ଜଳାଶୟ ଅଞ୍ଚଳରେ ବ୍ୟାପକ ଅନୁସନ୍ଧାନ କରିଥିଲା। ସାଇଣ୍ଟିଫିକ୍ ଟିମ୍ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଥିଲେ। ଏସ୍‌ପି ଜୈନ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ତଦାରଖ କରିଥିଲେ। ସମସ୍ତ ପ୍ରାମାଣିକ ତଥ୍ୟ ଆଧାରରେ ପୁଲିସ ଆଶିଷଙ୍କୁ ଗିରଫ କରିଛି। ଏସ୍‌ପି ଜୈନ ଏହି ମାମଲାକୁ ସିଧାସଳଖ ନିରୀକ୍ଷଣ କରୁଛନ୍ତି। ଅତିରିକ୍ତ ଏସ୍‌ପି ସମୀର ପଣ୍ଡା ଓ ତାଳଚେର ଏସ୍‌ଡିପିଓଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ସମନ୍ୱୟ ରକ୍ଷା କରି ତଦନ୍ତ କରିଥିଲେ।

### ପାକିସ୍ତାନ-ଆଫଗାନିସ୍ତାନ...

ଦାବି ଭିନ୍ନ ଭିନ୍ନ ରହିଛି। ପାକିସ୍ତାନ ଦାବ କରିଛି ଯେ ଆଫଗାନିସ୍ତାନର ୧୩୩ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି ଏବଂ କାବୁଲ ଓ କାନ୍ଦାହାରରେ ସେନା ମୁଖ୍ୟାଳୟ ଧ୍ୱଂସ ପାଇଛି। ଏଥିସହ ପାକିସ୍ତାନର ୨ ଜଣ ସୈନ୍ୟ ସହିଦ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ଆଫଗାନିସ୍ତାନ ଦାବି କରିଛି ଯେ ୫୫ଜଣ ପାକିସ୍ତାନ ସୈନ୍ୟ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି ଓ କିଛି ବନ୍ଦୀ ହୋଇଛନ୍ତି। ସେହିପରି ୮ ଜଣ ଆଫଗାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୧ଜଣ ଆହତ ହୋଇଛନ୍ତି। ଏଥିସହ ପାକିସ୍ତାନର ୧୯ଟି ସେନା ପୋଷ୍ଟକୁ ଧ୍ୱଂସ କରାଯାଇଛି ଓ ଗୋଟିଏ ଏଫ୍-୧୬ ବିମାନକୁ ମଧ୍ୟ ଖସାଇ ଦିଆଯାଇଛି। ଯୁଦ୍ଧ ଆହୁରି ଭୟାନକ ରୂପ ଧାରଣ କରିବ ବୋଲି ଆଶଙ୍କା କରାଯାଉଥିବା ବେଳେ ସୀମାବର୍ତ୍ତୀ ଗ୍ରାମଗୁଡ଼ିକରୁ ଲୋକମାନେ ଆତଙ୍କିତ ହୋଇ ନିରାପଦ ସ୍ଥାନକୁ ଚାଲିଯାଉଛନ୍ତି। ଉଲ୍ଲେଖଥାଉ କି, ଗତ ଫେବୃଆରୀ ୨୨ରେ ପାକିସ୍ତାନ ପକ୍ଷରୁ ହୋଇଥିବା ଏୟାର ଷ୍ଟ୍ରାଇକ୍‌ର ଜବାବରେ ଆଫଗାନିସ୍ତାନ ଗୁରୁବାର ରାତିରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା। ଏହାପରଠାରୁ ଦୁଇ ଦେଶ ମଧ୍ୟରେ ସଂଘର୍ଷ ତୀବ୍ର ହେବାରେ ଲାଗିଛି। ରମଜାନ ଭଳି ପବିତ୍ର ମାସରେ ଏଭଳି ହିଂସା ଓ ସଂଘର୍ଷକୁ ନେଇ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଅପିଲ କରିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଦୁଇ ଦେଶକୁ ସଂଯମ ରଖି ରାଜନୈତିକ ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବାକୁ ଆହ୍ୱାନ ଦେଇଛନ୍ତି।

### କେଜ୍ରିୱାଲ, ସିସୋଦିଆ...

କେଜ୍ରିୱାଲଙ୍କ ଗୁରୁ ଆନ୍ନା ହଜାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନ୍ୟାୟପାଳିକା ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ ବୋଲି ସେ କହିଛନ୍ତି। ଏଥିସହ ସେ କେଜ୍ରିୱାଲକୁ ପରାମର୍ଶ ଦେଇଛନ୍ତି ଯେ, ସେ କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ନିଜ ସ୍ୱାର୍ଥ ଅପେକ୍ଷା ଦେଶ ଓ ସମାଜର ମଙ୍ଗଳ ପାଇଁ କାମ କରିବା ଉଚିତ୍। ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ସିଂହ ତାଙ୍କର ୬୦୦ ପୃଷ୍ଠାର ଆଦେଶରେ କହିଛନ୍ତି ଯେ, ସିବିଆଇ ଦ୍ୱାର ଉପସ୍ଥାପିତ ପ୍ରମାଣ ଓ ସାକ୍ଷୀଙ୍କ ବୟାନରେ କୌଣସି ସତ୍ୟତା ନାହିଁ। ଏହି ମାମଲାର ବିଚାର ଚଳାଇବା ପାଇଁ ଅତିକମ୍‌ରେ ଯେତିକ ପ୍ରମାଣ ଦରକାର, ତାହା ମଧ୍ୟ ନାହିଁ। କୋର୍ଟ କହିଛନ୍ତି ଯେ, ସିବିଆଇ କେବଳ ଅନୁମାନ ଭିତ୍ତିରେ ଏକ ଷଡ଼ଯନ୍ତ୍ର ତତ୍ତ୍ୱ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥିଲା, ଯାହାର କୌଣସି ଠୋସ୍ ଆଧାର ନାହିଁ। କୋର୍ଟ ସିବିଆଇକୁ ଭର୍ତ୍ସନା କରିବା ସହ ଜଣେ ସରକାରୀ କର୍ମଚାରୀଙ୍କୁ ଅଭିଯୁକ୍ତ କରିଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। କୋର୍ଟର ବାହାରିବା ପରେ କେଜ୍ରିୱାଲ ଗଣମାଧ୍ୟମ ସମ୍ମୁଖରେ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ଏହି ଷଡ଼ଯନ୍ତ୍ର ରଚିବା କାରଣରୁ କ୍ଷମା ମାଗନ୍ତୁ ବୋଲି ସେ କହିଛନ୍ତି। କେଜ୍ରିୱାଲ ବିଜେପିକୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ଯଦି ସେମାନଙ୍କର ସାହସ ଅଛି, ତେବେ ଦିଲ୍ଲୀରେ ନୂଆ ନିର୍ବାଚନ କରନ୍ତୁ। ଯଦି ବିଜେପି ୧୦ରୁ ଅଧିକ ଆସନ ଜିତେ, ତେବେ ସେ ରାଜନୀତି ଛାଡ଼ିଦେବେ।

ଉଲ୍ଲେଖଥାଉ କି, କେଜ୍ରିୱାଲ ୨୦୨୪ ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିଲେ। ଏହାପରେ ୨୦୨୪ ଜୁନ୍ ୨୬ରେ ଜେଲ୍‌ରେ ଥିବା ସମୟରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ୨୦୨୪ ଜୁଲାଇ ୧୨ରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ତାଙ୍କୁ ଇଡ଼ି ମାମଲାରେ ଜାମିନ ମିଳିଥିଲା।

### ସବୁଠି ଅରାଜକତା...

ହୁଅନ୍ତୁ, ରାଜ୍ୟରେ ଆଇନର ଶାସନ ବଜାୟ ରଖନ୍ତୁ ବୋଲି ନବୀନ ଦାବି କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ମହିଳା ବିରୋଧୀ ହିଂସାକୁ ନେଇ ବିରୋଧୀ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ମହିଳା ହିଂସାକୁ ନେଇ ଏକ ଲିଖିତ ଉତ୍ତର ରଖିଥିବା ବେଳେ ଏହା ରାଜ୍ୟରେ ସଂଗୀନ ସ୍ଥିତିକୁ ଦର୍ଶାଉଛି। ରାଜ୍ୟରେ ଗତ ଦେଢ଼ ବର୍ଷ (୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ) ମଧ୍ୟରେ ମୋଟ ୪୮,୭୯୮ ଟି ମହିଳା ବିରୋଧୀ ହିଂସା ସଂଗଠିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଥିଲେ।

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମସ୍ତ କୁନ୍ଦୁଲି ଲ୍ୟାମ୍ପସ୍‌ର ସମସ୍ତ ସଭ୍ୟ ସଭ୍ୟାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ୬.୩.୨୬ ରିଖ ଦିନ କୁନ୍ଦୁଲି ଲ୍ୟାମ୍ପସ୍ ମୁଖ୍ୟ କାର୍ଯ୍ୟାଳୟ ଠାରେ ଦିନ ୧୧ ଘଣ୍ଟିକା ସମୟରେ ବାର୍ଷିକ ସାଧାରଣ ସଭା ୨୦୨୬ - ୨୦୨୭ ଅନୁଷ୍ଠିତ ହେବାକୁ ଯାଉଅଛି। ଏଣୁ ଆପଣମାନଙ୍କୁ ବିନିତ ଅନୁରୋଧ କରାଯାଉଅଛି ଯେ ସମସ୍ତ ସଦସ୍ୟ ସଦସ୍ୟା ଏବଂ ସାଧାରଣ ବର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମବାୟ ସମିତି ର ଉନ୍ନତି ନିମନ୍ତେ ନିଜର ମତ ପ୍ରକାଶ ଦେବେ।

ବି.ସବିତା
ପରିଚାଳନା ନିର୍ଦ୍ଦେଶିକା କୁନ୍ଦୁଲି ଲ୍ୟାମ୍ପସ୍

OFFICE OF THE
MUNICIPALITY, BASUDEVPUR
13001/433/2526
At/P.O.-Basudevpur, Dist.-Bhadrak, Odisha, Pin-756125
Phone/Fax: (06784) 271252, E-mail: -Basudevpurn.hud@nic.in

Letter No-533 | Date -26.02.2026

**QUOTATION CALL NOTICE**

The Executive Officer, Basudevpur Municipality invite sealed quotations from intending reputed regd. Suppliers/Agencies/Firms/Dealer/Distributor/Contractor for Finalization of rate for Interior work of Nilamani Town hall Basudevpur as per the specification mentioned in quotation schedule.

| SL No. | ITEM DETAILS | Unit | RATE |
|---|---|---|---|
| 1 | Cupboard | Sqft. | |
| 2 | Bathroom ceiling and framing door | Sqft. | |
| 3 | WPC door | Sqft. | |
| 4 | Stage paneling design | Sqft. | |
| 5 | Window paneling | Sqft. | |
| 6 | Wall paper design | Sqft. | |
| 7 | UPVC window 2 tracks | Sqft. | |
| 8 | False ceiling pop | Sqft. | |
| 9 | Installation of Echo absorption tiles | Sqft. | |
| 10 | Sound system | | |
| 11 | Installation of Projector | 1 no. | |
| 12 | Silver Screen | Sqft. | |
| 13 | Cotton screen with thread pulling arrangement | 1 each | |

The Quotation, terms & conditions, specification & other necessary documents shall down be loaded from the official Website of Basudevpur Municipality www.basudevpurmunicipality.in w.e.f. from dt-27.02.2026

The downloading of the quotation schedule shall start from dt. -27.02.2026 and close on dt. -05.03.26 at 15.00 Hours. The quotations shall be received in the Office of the Executive Officer, Basudevpur Municipality through Regd. Post & Speed Post only addressed to the "Executive Officer, Basudevpur Municipality, " on or before dt.05.03.2026 at 16.00 Hours. The authority will not be held responsible for the postal delay, if any, in delivery of the documents and non-receipt of the same in time. The sealed quotations will be opened on date dt.06.03.2026 at 11.00 Hours in the Office of the Executive Officer, Basudevpur Municipality in presence of the quotationer / bidder or their authorized representatives, who may be present at the time of opening of the quotations. Basudevpur Municipality does not commit to make any award in respect of the above Quotation Call Notice.

The authority reserves the right to reject any or all the quotations without assigning any reason thereof.

OIPR-13001/13135/1/25-26/0002
Executive Officer
Basudevpur Municipality

OIPR-13001/13196/1/25-26/0001 **NOTICE INVITING TENDER** 13001/430/2526

**OKFICE OF THE NOTIFIED AREA COUNCIL, RANPUR**
**NAYAGARH (ODISHA), PIN-752026**
**e-Mail: eoranpumac.ranpur@gmail.com**
**Tender Call Notice No. 497dt.24.07.2026**
**E- Procurement Notice No.: *RNP NAC- 07/2025-26***

| | |
|---|---|
| Name of the Work | Individual Civil Construction Works as per DTCN |
| No. of Works | 26Nos. |
| Value of Work | As per DTCN |
| Class of Contractor | "D"& "C" |
| Period of Completion | As Per DTCN |
| 1 Date of Publication | 28.02.2026 |
| Date and Time of availability of document in the portal | From Dt.28.02.2026 at 11 AM to Dt.09.03.2025upto5 PM |
| Last Date/Time for receipt of bids in portal | Dt.09.03.2026 up to 5 PM. |
| 1 Date and Time of opening Bid | Dt. 10.03.2026 at 11.30 A.M |
| Name and address of the officer inviting bid | Sd/- Executive officer, NAC Ranpur |

Further details can be seen from e-Procurement portal https://tendersodisha.gov.in

**OFFICE OF THE** 34001/126/2526
**SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA BHUBANESWAR**
E-mail: seec.bbsr2010@gmail.com
**Bid Identification No. S.E.E.C (R&B) 34/2025-26**
No. 781 / Date 25.02.2026

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt. 02.03.2026 at 05.00 P.M. to dt. 11.03.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 12.03.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum / Corrigendum, if required, will be available only in the Website.

OIPR-34001/34006/1/25-26/0022
Sd/- Superintending Engineer
Electrical Circle (R&B), Odisha, BBSR

**OFFICE OF THE MUNICIPAL COUNCIL: RAYAGADA**
DIST–RAYAGADA
PIN CODE – 765001, ODISHA
E-mail ID – raygadam.hud@nic.in, raygadam.hud@gmail.com
Letter No. 821 Date: 25.02.2026
13001/414/2526
**Quotation Call Notice**

Sealed Quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before **Dt. 13.03.2026 by 1.00 P.M.** through speed post / courier or by hand and will be open on same day at 4.00 PM in the presence of Quotationer or their authorized agent if present.The Quotationer should submit the PAN Card & GST registration certificate enclosing with the Quotation paper along with covering letter. The Quotation received after due date and time will not be entertained. The paper cost of Rs. 1000/- (Non-Refundable) and EMD Rs. 10,000/- (Refundable) should be furnished in shape of Bank Draft / Bankers Cheque from any nationalized bank in favour of "Executive Officer, Rayagada Municipality" and attach the same with the quotation paper. This Quotation paper along with annexure available in office website www.rayagadamunicipality.in for wide publication and download.

The undersigned reserves the right to cancel / reject any or all the quotation without assigning any reason thereof.

OIPR-13001/13150/1/25-26/0002
Executive Officer
Rayagada Municipality

Phone No. (06854) 241159 / 232714
Email: ceo@koraputccb.com

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 6964/P&S/2025-26 | Date 27.02.2026

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt.06.03.2026** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **CCTV Camera** on envelop.

The tender will be opened on **Dtd. 07.03.2026** at **3.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Item | Quantity |
|---|---|---|
| 1 | 6MP resolution indoor Starlight Camera, 1CH Built in Mic, With Dual Light (Support Smart IR and Full Color Night Vision, 25fps@6mp, 2.8mm, fixed lens, WDR, 3D DNR, H.265 compression, inbuilt PoE/ 12v DC input, IP67 rating, 24/7 full color imaging, Intelligent Analytics (Brand Make: Sparsh/Prama/Hi-Focus/CP Plus) | 6 Nos. |
| 2 | 6MP (2560*1440 pixel) resolution outdoor metal camera, 20fps@6MP, 2.8mm~12mm motorised varifocal lens, 1CH Audio input, WDR, 3D DNR, H.265 compression, 50m IR distance, inbuilt PoE/ 12v DC input, IP67, Support Smart Analysis (Brand Make: Sparsh/Prama/Hi-Focus/CP Plus) | 2 Nos. |
| 3 | 16 channel network camera input, 16CH after enabling AI, H.265 compression, upto 8mp camera supportable, 2SATA interface support each upto 10TB surveillance hard disk, 192mbps bandwidth, 16ch simultaneous Playback, ONVIF protocol, alarm in/out 8/4, metal case. Support 5000 Face Library for Face Recognition and Artificial Intelligence supported NVR (Brand Make: Sparsh/Prama/Hi-Focus/CP Plus) | 1 No. |
| 4 | POE GIGA Switch (8 Port) (Brand make: Sprash/ Prama / Hi-Focus/CP Plus) | 1 No. |
| 5 | 10TB HDD (Seagate /WD) | 1 No. |
| 6 | Category 6 Cable (Brand make: Honeywell / D-Link /Hi-Focus/CP Plus) | Per Meter Charges |
| 7 | Camera Box | 8 Nos. |
| 8 | Network Rack (4u) | 1 No. |
| 9 | Wireless Mouse (Brand make: Logitech / HP/HCL) | 1 No. |
| 10 | 32-inch Smart TV (Brand make: LG/ Sansui/Samsung/Sony) | 1 No. |
| 11 | Installation Charges (for all the above items) | |

Proposed Installation Sight/Place: Installation sight under all or any Branch bank of the Koraput Central Cooperative Bank Ltd., Jeypore within undivided Koraput District (Place will be mentioned at the time of Work Order supplied).

The above items should be quoted including GST, Transportation, Installation charges and supply at the branch bank sight of the Koraput Central Cooperative Bank Ltd., Jeypore. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
K.C.C Bank Ltd., Jeypore.

## ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ



ନବରଙ୍ଗପୁର,୨୭।୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଦଳେଇଗୁଡା ଠାରେ ଶ୍ରୀରାଧା କୃଷ୍ଣ ମନ୍ଦିରର ୫ ଦିନିଆ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ଦୀକ୍ଷାକରଣ ନୀତି ସହିତ ବନଯାଗ, ମଣ୍ଡଳକରଣ, ଅଙ୍କୁରାରୋପଣ ନୀତି ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପ୍ରଥମେ ସକାଳ ସମୟରେ ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା ଜଳଯାତ୍ରା ଏହାପରେ ଛାୟାମଣ୍ଡପ କର୍ମ, ଦ୍ୱାରତୋରଣାଦି ପୂଜା, ଭୂମ୍ୟର୍ଘ୍ୟ-ଶାଳାସଂସ୍କାର-ପ୍ରବେଶ, ମଣ୍ଡପାଙ୍ଗ ବାସ୍ତୁପୂଜା, ଧାରା-ଦୁଗ୍ଧକୁମ୍ଭ ସଂସ୍କାର, ଧାରାଦାନ-ସୂତ୍ରବେଷ୍ଟନ, ଅଙ୍କୁର ଆନୟନ ସ୍ଥାପନ, ଅନ୍ୟାନ୍ୟ ଘଟ.ମଣ୍ଡଳ-କଳଶ. ସ୍ତମ୍ଭାଦି ପୂଜନ, ଅଗ୍ନି ସ୍ଥାପନ, କାରୁଶାଳା, ଧାନ୍ୟାଧିବାସ ଓ ସଂଧ୍ୟା ଆଳତି ଏବଂ ପୁଷ୍ପାଞ୍ଜଳି ସେହିପରି ତୃତୀୟ ଓ ଚତୁର୍ଥ ଦିବସରେ ଗୋପୂଜା, ସୂର୍ଯ୍ୟପୂଜା ସୂର୍ଯ୍ୟାର୍ଘ୍ୟ, ଶାଳାପ୍ରବେଶ, ଘଟମଣ୍ଡଳାଦି ପୂଜନ, ଅଗ୍ନିସ୍ଥାପନ, ହୋମ, ଇନ୍ଦ୍ରଇନ୍ଦ୍ରାଣୀ ପ୍ରାଣପ୍ରତିଷ୍ଠା ପୂଜନ ହୋମଃ, କାରୁଶାଳା କର୍ମ, ଦେବତାସ୍ନାନ ଏବଂ ଦେବତା ଷୋଡଶନ୍ୟାସ ନୀତି ହୋଇଥିଲା। ସେହିପରି ପଞ୍ଚମ ଅର୍ଥାତ୍ ପ୍ରତିଷ୍ଠା ପୂଜା ନୀତିର ଶେଷ ଦିନରେ ପ୍ରଥମେ ଗୋପୂଜା, ସୂର୍ଯ୍ୟପୂଜା ସୂର୍ଯ୍ୟାର୍ଘ୍ୟ, ଶାଳାପ୍ରବେଶ, ଘଟମଣ୍ଡଳାଦି ପୂଜନ, ହୋମ, ପିଣ୍ଡିକାପ୍ରତିଷ୍ଠା ପ୍ରାଣପ୍ରତିଷ୍ଠା ଏବଂ ହୋମାଦି ପୂର୍ଣ୍ଣାହୁତି ହେବା ପରେ ପ୍ରତିଷ୍ଠା ଉତ୍ସବର ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ହେବ। ଏହି ସମଗ୍ର ପ୍ରତିଷ୍ଠା ଉତ୍ସବରେ ବୁଲୁ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନବରଙ୍ଗପୁର ବରିଷ୍ଠ ପଣ୍ଡିତ ଗୁପ୍ତ ପ୍ରସାଦ ଷଡ଼ଙ୍ଗୀ, ପଣ୍ଡିତ ଶିବ ଶଙ୍କର ମିଶ୍ର , ପଣ୍ଡିତ ଜିଲ୍ଲା ବବୁଲୁ ଦାସଙ୍କ ସମେତ ବହୁ ପୂଜକ ନିୟୋଜିତ ରହି ସମଗ୍ର ପ୍ରତିଷ୍ଠା ନୀତି କାନ୍ତି ତୁଲାଉଛନ୍ତି। ଏହି ପ୍ରତିଷ୍ଠା ଉତ୍ସବ ନବରଙ୍ଗପୁରର ବାବୁ ପାତ୍ରଙ୍କ ସମେତ ଦଳେଇଗୁଡା ଶ୍ରୀ ରାଧା କୃଷ୍ଣ ମନ୍ଦିରର ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ବହୁ ଗ୍ରାମର ମହିଳା ଏବଂ ପୁରୁଷଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା।

### ଗୁଣୁପୁର ପୌର ପରିଷଦରେ ମହା ଦୁର୍ନୀତି, ଚାଷୀ ମାରଣ ନୀତି

# ଶକ୍ତି ପ୍ରଦର୍ଶନ କଲା ବିଜୁ ଜନତା ଦଳ



ଗୁଣୁପୁର,୨୭।୨(ସମିସ): ରାଜନୀତିରେ ପୁଣି ଥରେ ନିଜର ସ୍ଥିତି ଜାହିର କରିବା ସହ ଜନ ସାଧାରଣଙ୍କ ସମସ୍ୟାକୁ ନେଇ ସ୍ୱର ଶାଣିତ କରିଛି ବିଜୁ ଜନତା ଦଳ। ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ସହ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟା ନେଇ ଗୁଣପୁର ନିର୍ବାଚନ ମଣ୍ଡଳୀ ବିଜେଡ଼ି ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ବାଇକ୍ ରାଲି ଓ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଦଳ ପକ୍ଷରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ଆରମ୍ଭ ହୋଇଥିବା ଏହି ବାଇକ୍ ଶୋଭାଯାତ୍ରାରେ ଶହ ଶହ ବିଜେଡି କର୍ମୀ ଓ ନେତା ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ଗୁଣୁପୁର ପୌର ପରିଷଦରେ ମହା ଦୁର୍ନୀତି ଓ ଟେଣ୍ଡର ଫିକ୍ସିଂ ବନ୍ଦ କରାଯିବା ଦାବିରେ ଗୁଣପୁର ଉପଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତତ୍ ପରେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ୍ ଦିଲିପ୍‌ଙ୍କ ଜରିଆରେ ରାୟଗଡା ଜିଲ୍ଲାପାଳଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଗୁଣପୁର ପୌର ପରିଷଦରେ ବ୍ୟାପକ ଦୁର୍ନୀତି ଓ ଟେଣ୍ଡର ଫିକ୍ସିଂ କରାଯାଉଥିବା, ମଣ୍ଡିରେ ବ୍ୟାପକ ପରିମାଣରେ କଟ୍‌ନୀଛଟ୍‌ନୀ ହେଉଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଛି । ଫଳରେ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ଭୋଟ ହାତେଇବା ପାଇଁ ନିର୍ବାଚନ ସମୟରେ ସରକାର ଲୋକଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ଯାଏ କୌଣସି ପ୍ରତିଶ୍ରୁତି ସରକାର ପକ୍ଷରୁ ପୂରଣ କରାଯାଇପାରି ନାହିଁ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ପୂର୍ବତନ ଜନଜାତି ଓ ଆଇନ ମନ୍ତ୍ରୀ ତଥା ରାୟଗଡା ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜଗନ୍ନାଥ ସାରକାଙ୍କ ସମେତ ଗୁଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ମହିଳା ସଭାନେତ୍ରୀ ଅନୁସୂୟା ମାଝୀ, ପୂର୍ବତନ ଜିଲ୍ଲା ସଭାପତି ସୁଧୀର କୁମାର ଦାସ, ଗୁଣୁପୁର ନଗର ସଭାପତି ପୂର୍ଣ୍ଣ ବାଉରି, ବିଜେଡି ନେତା ଅଶ୍ୱିନୀ ଗମାଙ୍ଗ, ମୁନ୍ନା ପାଣି, ଲକ୍ଷ୍ମୀ ମହାପାତ୍ର, ପି ସାଇ କ୍ରିଷ୍ଣା, ଗଗନ ଆଚାର୍ଯ୍ୟ, ଦୁର୍ଗା ସାହୁ, ସନ୍ତୋଷ ମହାନ୍ତି, ଏଏସ୍ ବାବା ପ୍ରସାଦ, ରାମ ପଣ୍ଡା, ସୁଜିତ୍ ଶତପଥୀ, ଶିବ ପାଢ଼ି, ବିଷ୍ଣୁ ପଣ୍ଡା, ଦେବୀ ପ୍ରସାଦ ଆଚାର୍ଯ୍ୟ, ଭାଗୀରଥି ବିଶୋଇ ଓ ଦେବାଶିଷ ଖାଡ଼ାଙ୍ଗାଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହିଥିଲେ।



ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ପାଇଁ ସଚେତନତା କାର୍ଯ୍ୟକ୍ରମ




ନନ୍ଦାହାଣ୍ଡି,୨୭।୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ସୌମ୍ୟ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହ ହିତାଧିକାରୀ ମାନଙ୍କୁ ଗୃହ ନିର୍ମାଣର ବୈଷୟିକ ଦିଗ ଉପରେ ମାର୍ଗଦର୍ଶନ ଦେଇ, ଆବାସ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିନଥିବା ହିତାଧିକାରୀ ମାନଙ୍କୁ ୨୦୨୬ ମାର୍ଚ୍ଚ ୨୬ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମେଣ୍ଟ୍ରି ଗ୍ରାମପଞ୍ଚାୟତ ସରପଞ୍ଚ ବେବୀ ମାଝୀ, ଏସିଡ଼ିଓ ସୁନେଲି ସ୍ୱପ୍ନା ଖୋସଲା, ଯୋଗାଣ ସହାୟକ ସୁଦର୍ଶନ ବିଷୋୟୀ, ଗ୍ରାମପଞ୍ଚାୟତର ସମସ୍ତ ପ୍ରଧାନମନ୍ତ୍ରୀ ଗୃହ ଆବାସ ହିତାଧିକାରୀ, ଗ୍ରାମର ଭଦ୍ରବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଦୋଳ ଉତ୍ସବ; ବିମାନ ଯାତ୍ରା ଆରମ୍ଭ

ନବରଙ୍ଗପୁର,୨୭।୨(ସମିସ): ନବରଙ୍ଗପୁରଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନବରଙ୍ଗପୁର ଶ୍ରୀଜୀଉଙ୍କ ଦୋଳଉତ୍ସବର ବିମାନ ଯାତ୍ରା ନୀତି ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ ହେଉଛି। ପ୍ରତ୍ୟେକ ଦିନ ରାତ୍ର ସମୟରେ ଶ୍ରୀରାଧାକୃଷ୍ଣଙ୍କୁ ଏକ କାଷ୍ଠ ନିର୍ମିତ ବିମାନ ଯୋଗେ ନିଆଯାଇ ପ୍ରଥାନୁସାରେ ପ୍ରଥମେ ରାଜା ଘରେ ଭୋଗ ଖାଇଥାନ୍ତି ଏବଂ ପରେ ଶ୍ରୀରାଧାକୃଷ୍ଣ ରାଜାଘର ଭୋଗ ଖାଇସାରିବା ପରେ ନଗର ପରିକ୍ରମାରେ ବାହାରିଥାନ୍ତି। ଶ୍ରୀ ଜୀଉଙ୍କ ବିମାନ ଯାତ୍ରା ନିୟମାନୁସାରେ ପ୍ରଥମ ଦିନ ପୂଜାରୀ ସାହି ପର୍ଯ୍ୟନ୍ତ ଯାଇଥିବା ବେଳେ ଦ୍ୱିତୀୟ ଦିନରେ ସଂଖାରି ସାହି ଛକ,ତୃତୀୟ ଦିନରେ ଗୌଡ ସାହି ଛକ ପର୍ଯ୍ୟନ୍ତ ଯାଇଥିବା ବେଳେ ବଳକା ଦିନ ଗୁଣ୍ଡିଚା ମନ୍ଦିର ଛକ ପର୍ଯ୍ୟନ୍ତ ନଗର ପରିକ୍ରମା କରିଥାନ୍ତି ଶ୍ରୀଜୀଉ।ଏହି ଦୋଳ ଯାତ୍ରା ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ପର୍ଯ୍ୟନ୍ତ ସମୁଦାୟ ୬ଦିନ ଧରି ଚାଲିଥାଏ। ଏହି ଦୋଳ ଯାତ୍ରା ଆରମ୍ଭ ର ୪ର୍ଥ ଦିନରେ ନବରଙ୍ଗପୁର ସହର ସ୍ଥିତ ଦଶହରା ପଡିଆ ଠାରେ ହଲପଡି ନୀତି ଓ ୫ମ ଦିନରେ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ନବରଙ୍ଗପୁର ରାଜପୁରୋହିତ ଶ୍ରୀ ନରସିଂହ ତ୍ରିପାଠୀ ନୂତନ ପଞ୍ଜିକା ପୂଜାର୍ଚ୍ଚନା କରି ନୂତନ ପଞ୍ଜିକା ପାଠ ନୀତି ହୋଇଥାଏ। ଏହି ଦୋଳ ଉତ୍ସବର ବିମାନ ଯାତ୍ରାରେ ଶ୍ରୀ ଜଗନ୍ନାଥ ମନ୍ଦିର ଶ୍ରୀ ହନୁମାନ ମନ୍ଦିର , ଶ୍ରୀ ଚୈତନ୍ୟ ମନ୍ଦିର , ଶ୍ରୀ ଗୁଣ୍ଡିଚା ମନ୍ଦିର ଏବଂ ବ୍ରାହ୍ମଣକାର୍ଜି ଘର ମିଶି ସମୁଦାୟ ୫ଟି ରାଧାକୃଷ୍ଣଙ୍କ ବିମାନ ସାମିଲ ହୋଇଥାନ୍ତି। ଏହି ଯାତ୍ରାରେ ପ୍ରତ୍ୟେକ ଦିନ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ସମେତ ରଜେନ୍ଦ୍ର ତ୍ରିପାଠୀ, ସୁମିତ ହଡପ,ଚିନୁ ଦାସ, ବୁନୁ ପୂଜାରୀ, ଦାମ ପାତ୍ର, ଶେଷ ବ୍ରହ୍ମା, ଜଗା ବ୍ରହ୍ମା, ଗୌର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଦୁର୍ଗା ତ୍ରିପାଠୀ, ବାବୁଲି ହଡ଼ପ, ଶିବ ଶଙ୍କର ହଡ଼ପ, ଭବାନୀ ଶତପଥୀ, ତ୍ରୟ ନାଥ ତ୍ରିପାଠୀ , କାଳୀ କିଙ୍କର ପଟ୍ଟନାୟକ, ପପୁ ତ୍ରିପାଠୀ, ଭିକି ବାରିକ, ସୁମିତ ପାଲ, ସତ୍ୟ ବେହେରା,ରାଧାମୋହନ ହଡ଼ପ, ନବରଙ୍ଗପୁର ଆରଆଇ ଲମ୍ବୋଦର ପ୍ରଧାନ, ବାବୁ ରାଓ, ଦେବୋତ୍ତର କର୍ମଚାରୀ ଗଣପତି ଗୌଡ, ମିନ ନାୟକ , ଭାଗିରଥି ନାୟକ ପ୍ରମୁଖଙ୍କ ସମେତ ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମସ୍ତ ସଭ୍ୟ,ମାଳି ସମାଜର ବହୁ ସଭ୍ୟ, ଦେବୋତ୍ତର ବିଭାଗ କର୍ମଚାରୀ ଏବଂ ନବରଙ୍ଗପୁର ପୁଲିସ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ ଓ ପରିଚାଳନା କରିଥାନ୍ତି ବୋଲି ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ସମ୍ପାଦକ କୁନା ପାତ୍ର ସୂଚନା ଦେଇଛନ୍ତି।



## ଗଛକୁ ଧକ୍କା ଦେଇ ଓଲଟିଲା ଟ୍ରକ୍, ଚାଳକଙ୍କ ମୃତ୍ୟୁ

ସେମିଳିଗୁଡ଼ା,୨୭।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଗଛକୁ ଧକ୍କା ଦେଇ ଟ୍ରକ୍ ଓଲଟିବା ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁସାରେ ବିଶାଖାପାଟଣାରୁ ମହାରାଷ୍ଟ୍ର ଅଭିମୁଖେ ବୟଲର ପାଉଡର ପରିବହନ କରି ଯାଉଥିବା ଏକ ୧୬ ଚକିଆ ଟ୍ରକ ସେମିଳିଗୁଡା ବିଡ଼ା ଅଫିସ ନିକଟସ୍ଥ ଗେରୁଗୁଡା ଠାରେ ନିୟନ୍ତ୍ରଣ ହରାଇ ଏକ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁର ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆହତ ଚାଳକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ଡ୍ରାଇଭର ଶେଖ୍ ସଲିମ(୩୬) ଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଳକ ଜଣକ ଆନ୍ଧ୍ର ପ୍ରଦେଶର ସାଲୁର ଅଞ୍ଚଳର ହୋଇଥିବା ଖବର ମିଳିଛି।

## ଲାଇବାନପଦର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପାପଡ଼ାହାଣ୍ଡି,୨୭।୨(ସମିସ): ପାପଡ଼ାହାଣ୍ଡି ବ୍ଲକ୍ ଲାଇବାନପଦର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କ୍ଷେମା ଗରଡା ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପୋଣ୍ଡିକୋଟ ସରପଞ୍ଚ ବାବୁଲା ଭତରା, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦତା ବିଶ୍ୱାଳ ଅତିରିକ୍ତ ମଙ୍ଗଳ ଅଧିକାରୀ ଭାରତ ଚନ୍ଦ୍ର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ର ବ୍ରତ ପରିଡ଼ା, ହରିଶ୍ଚନ୍ଦ୍ର ପାଣିଗ୍ରାହୀ,ମଞ୍ଚାସୀନ ହୋଇଥିଲେ। ପ୍ରଧାନଶିକ୍ଷକ କ୍ଷେମା ଗରଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଭଲ ପାଠ ପଢ଼ିବା ସହ ଖେଳକୁଦରେ ନିଜ ବିଦ୍ୟାଳୟ ସହ ଜିଲ୍ଲାର ନାମ ରଖିବାକୁ କହିଥିଲେ । ଏହା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ଗୌଡ଼, ରଶ୍ମିତା ପୃଷ୍ଟି, ଜଗନ୍ନାଥ ଭତରା ଓ ମେଟ୍ରୋନ ବବିତା ପତି ପ୍ରମୁଖ ସହଯୋଗ କରିଥିଲେ।

## କ୍ରୀଡ଼ାର ବିକାଶ ପାଇଁ ଷ୍ଟାଡିୟମ ନିର୍ମାଣ କରାଯିବ : ବିଧାୟକ ବାହିନୀପତି





### ଜୟପୁର ପଞ୍ଚାୟତ ସମିତି ବୈଠକ

ଜୟପୁର,୨୬ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ପଞ୍ଚାୟତ ସମିତିର ସପ୍ତମ ସମିତି ବୈଠକ ଆଜି ବ୍ଲକର ନବନିର୍ମିତ ନୂତନ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା। ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ଜୟପୁର ବ୍ଲକର ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ଏକ ଷ୍ଟାଡିୟମର ଆବଶ୍ୟକତା ରହିଛି। ବ୍ଲକ ପକ୍ଷରୁ ୧୦ରୁ ୧୫ ଏକର ଜମି ଯୋଗାଇଦିଆଗଲେ ଇଡକୋ ଦ୍ୱାରା ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ବୈଠକରେ କହିଥିଲେ। ଏହିପରି ଟଙ୍କାର କୌଣସି ଅଭାବ ନାହିଁ , ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଶିକ୍ଷା, ବନୀକରଣ, ଜଳ ଯୋଗାଣ ଏହିପରି ବିଭିନ୍ନ ଯୋଜନା ଗୁଡିକର ନୂତନ ଉନ୍ନତୀମୂଳକ କାର୍ଯ୍ୟ ନିମନ୍ତେ ବ୍ଲକ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଉ। ଏଥିନେଇ ରାଜ୍ୟ ସରକାର ଏବଂ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହିତ ଚାର ସୃଷ୍ଟି କରିଯିବ ଏବଂ ଉନ୍ନତୀମୂଳକ କାର୍ଯ୍ୟ ନିମନ୍ତେ ଆବଶ୍ୟକ ପାଣ୍ଠି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସେହିପରି ଉପାଧ୍ୟକ୍ଷ ଗଣେଷ ପାଢୀ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରତ୍ୟେକ ସପ୍ତାହରେ ଅଭିଯୋଗ ପ୍ରକୋଷ୍ଠ ବ୍ଲକରେ ରହିଥିବା ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଯାଉନଥିବା ଯୋଗୁଁ ଅନେକ ଅଭିଯୋଗ ଗୁଡିକର ସମାଧାନ ହେଉନାହିଁ। ତେଣୁ ଉକ୍ତ ଅଧିକାରୀ ମାନେ କିଭଳି ଅଭିଯୋଗ ପ୍ରକୋଷ୍ଠକୁ ଯିବେ ସେଥିନେଇ ତାଗିଦ କରିଥିଲେ ଏବଂ ବିଡିଓଙ୍କୁ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ପଞ୍ଚାୟତ ଅଧକ୍ଷା ତିଳତ୍ତୋମା ମୁଦୁଲି, ସାଂସଦ ପ୍ରତିନିଧି କୃଷ୍ଣ ଚନ୍ଦ୍ର ନେପାକ, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଅସ୍ତା ନାୟକ, ରଶ୍ମି ରଥ, ବ୍ଲକ ସହାକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ ଲକ୍ଷ ଟଙ୍କାରେ ପୁରାତନ ଭବନକୁ ମରାମତି କରାଯାଇ ନୂତନ ସମ୍ମିଳନୀ କକ୍ଷର ଉଦଘାଟନ କରାଯିବା ସହିତ ନୂତନ ଭାବେ ୨୫ ଲକ୍ଷ ଟଙ୍କା ବ୍ଲକ କାର୍ଯ୍ୟାଳୟ ଭବନର ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ମୁଖ୍ୟ ଅତିଥି ବିଧାୟ ଶ୍ରୀ ବାହିନୀପତି ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ଏହି ବୈଠକରେ କୃଷି , ଉଦ୍ୟାନ, ବନ,ବିଦ୍ୟୁତ, ପଶୁ ସମ୍ପଦ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମହିଳା ଓ ଶିଶୁ ବିକାଶ, ମୃତ୍ତିକା ସଂରକ୍ଷଣ, ଅନୁସୂଚିତ ଜାତି ଓ ଜନଜାତି, ମଙ୍ଗଳ , ସାମାଜିକ ସୁରକ୍ଷା, ଯୋଗାଣ ବିଭାଗ, ଜଳ ଓ ପରିମଳ ଉନ୍ନୟନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ କାର୍ଯ୍ୟ ପ୍ରତି ଆନ୍ତରିକତା ରଖିଲେ ଜୟପୁର ରାଜ୍ୟର ଏକ ନମ୍ବର ବ୍ଲକ ଭାବେ ପରିଚିତ କରାଇବାକୁ ପ୍ରୟାସ କରାଯିବ ବିଧାୟକ ଶ୍ରୀ ବାହିନୀପତି ଆହ୍ୱାନ କରିଥିଲେ। ଜୟପୁର ସହରର ନିକଟସ୍ଥ ପଣସୁପୁଟ ବାଗ୍ରା ଠାରେ ରହିଥିବା ଦେବୀ ଦକ୍ଷିଣ କାଳୀଙ୍କ ପୀଠ ଦୁର୍ଗା ଡଙ୍ଗର ପାହାଡକୁ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ ନେଇ ୨ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ବୈଠକରେ ବିଡିଓ ଶ୍ରୀ ମହାପାତ୍ର ପ୍ରସ୍ତାବ ପ୍ରଦାନ କରିଥିଲେ।

### ସାମୂହିକ ବିବାହ ସମ୍ପନ୍ନ

# ୫୩ ଜୋଡ଼ା ବର-କନ୍ୟା ବିବାହ ବନ୍ଧନରେ ଆବଦ୍ଧ





ସେମିଳିଗଡ଼ା,୨୭।୨(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଠାରେ ଏକ ବୃହତ୍ ସମୂହ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନର ୫୩ ଜୋଡ଼ା ବର-କନ୍ୟା ପବିତ୍ର ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲେ। ସାମାଜିକ ଏକତା ଓ ସାମୂହିକ ସହଯୋଗକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେମଲିଗୁଡ଼ା, ନାଲ୍‌କୋ ଛକ ସ୍ଥିତ ବେରସେବା ଚର୍ଚ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ଗଣ୍ୟମାନ୍ୟ ଅତିଥି, ଧାର୍ମିକ ନେତୃ ବୃନ୍ଦ ଓ ସମାଜସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ ବେରଶେବା ଚର୍ଚ୍ଚ ସଂସ୍ଥାର ସଭାପତି ରେଭ. ସାଜି ଭାର୍ଗିସ। ତାଙ୍କ ସହ ଉପ-ସଭାପତି ରେଭ, ଦୌଲତ ରାମ, ରେଭ, ଇସ୍ରାଏଲ ଖୋସଲା, ରେଭ. ପି.ଏସ. ନକୁଲଙ୍କ ସହିତ ସମସ୍ତ କୋର୍ଡିନେଟର ନେତୃତ୍ୱ ଓ ବେରଶେବା ଚର୍ଚ୍ଚର ପାଷ୍ଟରମାନେ ଉପସ୍ଥିତ ଥିଲେ। ସୁନାବେଡା ପୌର ପରିଷଦର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଏହି ଅବସରରେ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ସହିଦ୍ ଲକ୍ଷ୍ମଣ ନାୟକ ଆଦିବାସୀ ସେବା ମଞ୍ଚର ସଭାପତି ଏବଂ ସହିଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ରର ଯୁଗ୍ମ ସମ୍ପାଦକ ଭଗବାନ ପେଟିଆ, ସମାଜସେବୀ ଡ.ନବୀନ ଚନ୍ଦ୍ର ଗରଡ଼ା, ପାଷ୍ଟର ଆସୋସିଏସନର ସଭାପତି ରେଭ, ଡାନିଏଲ ଖରା ଓ ସମ୍ପାଦକ ରେଭ, ସୁନୀଲ କ୍ଷେତ୍ରିଅ , ବରିଷ୍ଠ ପାଷ୍ଟର ରେଭ୍ ଭାସ୍କର ଖରା, ରେଭ, ବାବୁଲାଲ ଶ୍ରୀହରିଆ, ରେଭ. ଟିମୋଥି ମୋଦନ, ରେଭ ପ୍ରେମ ପୋଡ଼ାଲ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ରେଭ. ଡ. ପି. ହୋଲେଲ୍ କୁମାର୍, ସେମିଳିଗୁଡ଼ା ଡିଭିଜନ୍ ଆଇଇଟି କୋଆର୍ଡିନେଟର ଦ୍ୱାରା ସୂଚାରୁ ପୂର୍ବକ ଆୟୋଜନ କରାଯାଇଥିଲା ଏବଂ ତାଙ୍କର ମାର୍ଗଦର୍ଶନରେ ଉତ୍ସବଟି ସୁରୁଖୁରୁରେ ଚାଲିଥିଲା। ଯେଉଁଥିରେ ପାରମ୍ପରିକ ରୀତିନୀତି, ଧର୍ମଗୁରୁମାନଙ୍କର ଆଶୀର୍ବାଦ ଏବଂ ସାମୂହିକ ଉତ୍ସବ ଅନ୍ତର୍ଭୁକ୍ତ ଥିଲା। ଅଂଶଗ୍ରହଣକାରୀ ଏବଂ ଉପସ୍ଥିତ ଲୋକମାନେ ଆୟୋଜକମାନଙ୍କୁ ସମାନତା, ଅନ୍ତର୍ଭୁକ୍ତି ଏବଂ ସମାଜ କଲ୍ୟାଣର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶଂସା କରିଥିଲେ। ଏଭଳି ସାମୂହିକ ବିବାହମାନଙ୍କୁ ଅଞ୍ଚଳରେ ବିବାହର ବଢୁଥିବା ଖର୍ଚ୍ଚର ଏକ ବ୍ୟବହାରିକ ସମାଧାନ, ଯେଉଁମାନଙ୍କ ପିତାମାତା ନାହାନ୍ତି କିମ୍ବା ବିବାହ ନିମନ୍ତେ ଆର୍ଥିକ ଅଭାବରେ ବିବାହ କରି ପାରୁ ନାହାନ୍ତି, ବେରଶେବା ଚର୍ଚ୍ଚ ଭଳି ସଂଗଠନମାନେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରନ୍ତି ଏବଂ ସାମାଜିକ ବନ୍ଧନକୁ ମଜବୁତ୍ କରନ୍ତି।

## ବେଲକୋଣା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




କଲ୍ୟାଣସିଂହପୁର,୨୭।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର ବେଲକୋଣା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ ଅନୀଲ କୁମାର ବୈଠକରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡି ଆଇ ଶ୍ୟାମଘନ ଭୂୟାଁ ,ମୁଖ୍ୟବକ୍ତା ରୂପେ ଶିରିପୁର ଏସଏସଡି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କୁମାରୀ ନୟନୀ ରଇତ, କୁଟୁଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପରିଚ୍ଛା, ଆଞ୍ଚଳିକ ଶିକ୍ଷା ଅଧିକାରୀ (ସିଆରସିସି) ଉମାଶଙ୍କର ବେହେରା, ବିଦ୍ୟାଳୟ ପରିଚନା କମିଟିର ସଭାପତି ମାଝୀ କୁମାର ଅତିଥି ଭାବେ ମଞ୍ଚାସିନ ରହିଥିଲେ। ଅନ୍ୟତମ ଶିକ୍ଷକଙ୍କ ମଧ୍ୟରେ କାଣସୁର ବାଳିକା ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଧଳ, ପୂର୍ବତନ ପ୍ରଧାନ ଶିକ୍ଷକ ସୁନନ୍ଦ ଜେନା ଉପସ୍ଥିତ ରହି ଥିଲେ ।ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ ଅନୀଲ କୁମାର ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିଙ୍କ ଅଭିଭାଷଣରେ କିଭଳି ଛାତ୍ରଛାତ୍ରୀ ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିପାରିବେ, ତାହାକୁ ଅତି ସରଳ ଭାଷାରେ ଅତିଥି ମାନେ ବୁଝାଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ୧୪ ଇଭେଣ୍ଟରେ ୮୦ ଜଣ ଭାଗ ନେଇଥିଲେ। ୪୨ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକରପାଇ କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗୌରୀପ୍ରିୟା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଏହାକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଗୌରୀପ୍ରିୟା ପାଢୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦାଦନ ଦୁଃଖ

# ଘର ଆଗରେ ଶବ ଛାଡ଼ି ମାଲିକ ଫେରାର



କାଳିମେଳା,୨୭।୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଶୁକ୍ରବାର ଦିନ ଭୋର ସାଢେ ୪ଟା ସମୟରେ ଆମ୍ବାଗୁଡ଼ା ଗ୍ରାମର ପଦିଆ ମାଢ଼ିଙ୍କ ଶବକୁ ଘର ଆଗରେ ଫୋପାଡି ଦେଇ ମାଲିକ ଫେରାର ହୋଇଯାଇଥିବାର ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ମୁତାବକ ଆମ୍ବାଗୁଡା ଗ୍ରାମର ପଦିଆ ମାଢ଼ି (୫୦) ୪ ମାସ ତଳେ କର୍ଣ୍ଣାଟକର ଏକ ବୋରୱେଲ କମ୍ପାନୀରେ ଶ୍ରମିକ ଭାବରେ କାମ କରିବାକୁ ଯାଇଥିଲେ। ପଦିଆଙ୍କ ସହ ଗ୍ରାମର ଅନ୍ୟ ଦୁଇଜଣ ଲୋକ ମଧ୍ୟ ଏହି କମ୍ପାନୀରେ କାମ କରୁଥିଲେ। ଗୁରୁବାର ଦିନ କାମ କରୁଥିବା ସମୟରେ କୌଣସି କାରଣରୁ ପଦିଆ ଗାଡିରୁ ଖସି ପଡିବାରୁ ଛାତିରେ ଲୁହା ରଡ଼ ପଶି ଯାଇ ମୃତ୍ୟୁବରଣ କରିଥିଲେ। ହେଲେ କମ୍ପାନୀ ପକ୍ଷରୁ ପରିବାରକୁ କୌଣସି ଆଗୁଆ ସୂଚନା ନ ଦେଇ ଶୁକ୍ରବାର ଦିନ ଭୋର ସମୟରେ ଘର ଆଗରେ ମୃତ ପଦିଆଙ୍କର ଶବ ପକାଇ ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାଲିକଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ତେବେ ଘର ଚଳାଇବା ପାଇଁ ଦାଦନ ଖଟିବାକୁ ଯାଇଥିବା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ



ମାଲକାନଗିରି,୨୭ ।୨(ସମିସ) : ଜିଲ୍ଲାପାଳ ତଥା ପ୍ରିନ୍ସିପାଲ୍ ସେନସସ୍ ଅଫିସର ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ମଡେଲ ଡିଗ୍ରୀ କଲେଜ ଠାରେ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଆଗାମୀ ଅପ୍ରିଲ ୧୬ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୂଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ। ଏଥି ନିମନ୍ତେ ଅପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ସ୍ୱଗଣନା କରାଯିବ। ଯେଉଁଥିରେ ସେନ୍‌ସସ ପୋର୍ଟାଲ ବ୍ୟବହାର କରି ଯେକୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ କରିପାରିବେ। ଯଦିଓ ଜନଗଣନା ଭାରତରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ହେବା କଥା। ମାତ୍ର ଏହା ୨୦୧୧ ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ ଜଣେ ସଚେତନ ନାଗରିକ ହିସାବରେ ନିଜର ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଉପଦେଶ ଦେଇଛନ୍ତି। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଜୟକୃଷ୍ଣ ଭୋଇ ଟ୍ରେନିଂ ଅଫିସର ଭାବେ ଜନଗଣନାକୁ ସୂଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣରେ ଜନଗଣନା ନିର୍ଦ୍ଦେଶାଳୟର କର୍ମଚାରୀ ମାନେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ ସିଏମଏମଏସର ବ୍ୟବହାର, ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ତଥ୍ୟ ସଂଗ୍ରହ, ଡାଟାର ସଠିକତା ଓ ସମୟୋପଯୋଗୀ ରିପୋର୍ଟ ଉପରେ ଜୋର୍ ଦିଆଯାଇଛି। ଜିଲ୍ଲାସ୍ତରୀୟ ଅଧିକାରୀ, ଚାର୍ଜସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଜନଗଣନା କାର୍ଯ୍ୟକୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ଦିଗନିର୍ଦ୍ଦେଶ ଗ୍ରହଣ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ଗଣନା କାର୍ଯ୍ୟ ସଠିକ୍ ଓ ପାରଦର୍ଶୀ ଭାବେ କରାଯିବା ସହ ଜନସାଧାରଣଙ୍କ ସହଯୋଗ ନିଆଯିବ। ଏହି ପ୍ରଶିକ୍ଷଣ ଆୟୋଜନ କରିବାରେ ଡେପୁଟି ସେନସସ୍ ଅଫିସର ମୁନା ତୁରୁକ୍ ସହଯୋଗ କରିଥିଲେ।

● ରାତ୍ର ଜଗୁଆଳିଙ୍କୁ ମାଡ଼ ମାରିବା ମାମଲା

# ଦୁଇ ଅଭିଯୁକ୍ତକୁ ଦୁଇ ବର୍ଷ ଜେଲ୍

## ୧୦ ହଜାର ଟଙ୍କା ଜରିମାନା

ରାୟଗଡ଼ା,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ଅଦାଲତ ପରିସରରେ ରାତ୍ର ସମୟରେ କାର୍ଯ୍ୟରତ ଜଣେ ରାତ୍ର ଜଗୁଆଳୀଙ୍କୁ ଦୁଇ ଜଣ ଯୁବକ କୋର୍ଟ ପାଚେରୀ ଡେଇଁ ଦୁର୍ବ୍ୟବହାର ସହ ମାଡ ମାରିବା ଅଭିଯୋଗ ହୋଇଥିଲା। ଆଜି ସିଭିଲ ଜର୍ଜ (ସିନିୟର ଡିଭିଜନ) ଏଏସଜେ ଅଦାଲତର ସିଭିଲ ଜଜ୍ ଆଶିଷ ରଞ୍ଜନ ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ଏଥିରେ ଜଡିତ ଥିବା ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜରିମାନା ଅନାଦେୟ ହୁଏ, ତେବେ ୧ ବର୍ଷ ଅଧିକ ଦଣ୍ଡାଦେଶ ପାଇଁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ରଙ୍କ ସୂଚନା ମୁତାବକ ରାୟଗଡା ସହର ସ୍ଥିତ ଯରୁଗୁଲା ସାହିର ଦୁଇଜଣ ଯୁବକ ଏସ.ପ୍ରେମ କୁମାର ଓ କେ.ରୋହିତ ଗତ ୨୦୨୩ ମସିହା ନଭେମ୍ବର ମାସର ୪ତାରିଖ ରାତି ସମୟରେ ରାୟଗଡା ଅଦାଲତ ପାଚେରୀ ଡେଇଁ କାର୍ଯ୍ୟରତ ରାତ୍ର ଜଗୁଆଳୀ ହରେଶ କୁମାରଙ୍କୁ ଧମକ ଦେବା ସହ ଦୁର୍ବ୍ୟବହାର କରିଥିଲେ ଏବଂ ମାଡ଼ ମାରିଥିଲେ। ଘଟଣାକୁ ନେଇ ରାୟଗଡା ଥାନାରେ କେଶ ନଂ ୩୩୭/୨୦୨୩ ପ୍ରକାରେ ଏକ ମାମଲା ରୁଜୁ ହୋଇଥିଲା। ସିଭିଲ ଜର୍ଜ (ସିନିୟର ଡିଭିଜନ) ଏଏସଜେ କୋର୍ଟରେ କେଶ ନଂ ୩୨/୨୦୨୪ ପ୍ରକାରେ ଆଜି କେଶର ବିଚାର ହୋଇଥିଲା। କେଶର ବିଚାର କରି ସିଭିଲ ଜର୍ଜ ଶ୍ରୀ ପଟ୍ଟନାୟକ ଧାରା ୪୫୩,୩୩୨, ୩୪ ପ୍ରକାରେ ଅଭଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଥିଲେ। ସରକାରୀ ଓକିଲ ଭାବେ ଆଇନଜୀବୀ ଭବାନୀ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଡ୍‌ଭୋକେଟ ଉମାକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଅଶୋକ ମିସ୍ତ୍ରୀ କାଳିମେଳା ବ୍ଲକ୍ କଂଗ୍ରେସ ସଭାପତି



କାଳିମେଳା,୨୭।୨(ସମିସ): ମାଲକାନଗିରି ଜିଲ୍ଲାର ୭ଟି ବ୍ଲକରେ କଂଗ୍ରେସର ନୂତନ ବ୍ଲକ ସଭାପତି ମନୋନୀତ ହୋଇଛନ୍ତି। କାଳିମେଳା ବ୍ଲକ୍‌ର ନୂତନ ସଭାପତି ଭାବେ ଅଶୋକ ମିସ୍ତ୍ରୀଙ୍କୁ ମନୋନୀତ କରାଯାଇଛି। ଆଗାମୀ ନିର୍ବାଚନକୁ ନଜରରେ ରଖି ଏଭଳି ପଦକ୍ଷେପ ନିଆ ଯାଇଥିବା କର୍ମୀ କହିଛନ୍ତି। ବ୍ଲକ କଂଗ୍ରେସ ସଂଗଠନ ମହଲରେ ଅଶୋକଙ୍କ ନିଯୁକ୍ତିକୁ ନେଇ ଖୁସିର ଲହରୀ ଖେଳିଯାଇଥିବା ବେଳେ ତାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଥିବାରୁ ଜାତୀୟ କଂଗ୍ରେସର ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

● କଂଗ୍ରେସର ନୂତନ ସଭାପତି ଚୟନ

# ମୁକୁନ୍ଦ କୋରୁକୋଣ୍ଡା ବ୍ଲକ୍, ସୁରେଶ ବାଲିମେଳା ଏନ୍‌ଏସି ସଭାପତି



କୋରୁକୋଣ୍ଡା,୨୭ ।୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ଟାଉନ ସଭାପତି ଚୟନ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ନୂତନ କଂଗ୍ରେସ ସଭାପତି ଭାବେ ମୁକୁନ୍ଦ ମାଡକାମୀ ଏବଂ ବାଲିମେଳା ଏନଏସିର ନୂତନ କଂଗ୍ରେସ ସଭାପତି ଭାବେ ସୁରେଶ ଖୋସଲାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ମୁକୁନ୍ଦ ଏବଂ ସୁରେଶ କଂଗ୍ରେସ ଦଳର ବରିଷ୍ଠ କର୍ମକର୍ତ୍ତା ଭାବେ ଆଜିକୁ ଦୀର୍ଘ ବର୍ଷ ଧରି ଦଳ ପାଇଁ ନିଃସ୍ୱାର୍ଥପର ଭାବେ କାମ କରି ଆସୁଛନ୍ତି। ତେଣୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଉଭୟଙ୍କ ଉପରେ ଆସ୍ଥା ରଖି ଏହି ଦାୟିତ୍ୱ ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ସମସ୍ତ ନୂତନ ବ୍ଲକ ଏବଂ ଟାଉନ କଂଗ୍ରେସ ସଭାପତି ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ତେବେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଏହି କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ସହର ହୋଇଥିବା ବେଳେ ଏହି ଉଭୟ ନୂତନ ବ୍ଲକ ଏବଂ ଟାଉନ କଂଗ୍ରେସ ସଭାପତି ମୁକୁନ୍ଦ ଏବଂ ସୁରେଶ ହେବା ପରେ କଂଗ୍ରେସ ଦଳ ମଜବୁତ ହେବା ସହ ସଂଗଠନକୁ ସୁଦୃଢ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଶ୍ଚୟ କଂଗ୍ରେସ ବାଜିମାତ କରିବ ବୋଲି ଅନୁମାନ କରାଯାଉଛି। ଉଭୟ ମୁକୁନ୍ଦ ଏବଂ ସୁରେଶ ପ୍ରଦେଶ କଂଗ୍ରେସ କମିଟିକୁ ଧନ୍ୟବାଦ ଦେବା ସହ କଂଗ୍ରେସ ଆଗାମୀ ଦିନରେ ଗ୍ରାଉଣ୍ଡ ଜିରୋରେ ଲୋକମାନଙ୍କ ପାଇଁ କାମ କରି ନିଶ୍ଚୟ ବିଜୟ ହାସଲ କରିବ ବୋଲି ଉଭୟ ପ୍ରକାଶ କରିଛନ୍ତି।

# ନାଳରେ ବ୍ରିଜ୍ ନିର୍ମାଣ ଦାବି

● -ବିଧାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ



କାଳିମେଳା,୨୭।୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମପିଭି -୨୭ ଗ୍ରାମ ନିକଟରେ ଥିବା ଗମ୍ପାକୋଣ୍ଡା ମେନ କେନାଲ ଠାରୁ ପିଡବ୍ଲୁଡି ରୋଡ୍‌କୁ ରାସ୍ତା ସଂଯୋଗ ହୋଇଛି। ଉକ୍ତ ରାସ୍ତାକୁ ଯାତାୟତ କରୁଥିବା ମୁଖ୍ୟ ରାସ୍ତାରେ ଏକ ବଡ଼ ନାଳ ରହିଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ ନାଳ ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହୁଏ। ଯାହା ଫଳରେ ଯିବା ଆସିବାରେ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ତେଣୁ ଉକ୍ତ ନାଳରେ ସ୍ଥାୟୀ ସମାଧାନ ପାଇଁ ଉଚ୍ଚ ବ୍ରିଜ ନିର୍ମାଣ ଦାବି ନେଇ ମାଲକାନଗିରି ବିଧାୟକଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଏମଭି-୨୭ ଗ୍ରାମର ଗ୍ରାମବାସୀ। ବିଶେଷ କରି ବର୍ଷା ମାସ ଆସିଲେ ଗ୍ରାମବାସୀଙ୍କୁ ଯିବା ଆସିବା ନେଇ ସମସ୍ୟା ଭୋଗିବାକୁ ପଡ଼ିଥାଏ। ତେଣୁ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବୀ ଏହି ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ମାଗଣା ହୋମଓପାଥିକ୍ ସ୍ୱାସ୍ଥ୍ୟସେବା ଶିବିର




ମାଲକାନଗିରି,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା ରୋଟାରୀ କ୍ଲବ୍ ଏବଂ ସାଉଥ୍ ଭୁବନେଶ୍ୱର ରୋଟାରୀ କ୍ଲବ୍‌ର ମିଳିତ ଆନୁକୁଲ୍ୟରେ ମାଲକାନଗିରି ଜିଲ୍ଲା ସଦର ମହକୁମାର ନଗର ଭବନରେ ମାଗଣା ହୋମଓପାଥିକ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱରର ବହୁ ହୋମିଓପାଥି ଡାକ୍ତର ଉପସ୍ଥିତ ରହି ଶତାଧିକ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ରୋଟାରୀ କ୍ଲବ୍ ସଭାପତି ଲବ ସାହୁ, ସମ୍ପାଦକ ଦିଲୀପ ସୋମାନି, ସଦସ୍ୟ ସୁରେନ୍ଦ୍ର ନାଥ ପାଢ଼ୀ, ସୁଶାନ୍ତ ସାମଲ, ନାରାୟଣ ଚରଣ ବୈରାଗୀ, ଏ ଈଶ୍ୱର ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ହୋମିଓପାଥି ଡାକ୍ତର ସୁରେଶ ଚନ୍ଦ୍ର ମହାପାତ୍ର, ସୁଭାଶୀଷ ସାହୁ, ଗୀତାଞ୍ଜଳି ପ୍ରଧାନ, ରବିନ କର ପ୍ରମୁଖ ଡାକ୍ତର ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଡିଓଲୋଜି ଅର୍ଥରାଇଟ୍, ଚର୍ମ ରୋଗ, ପକ୍ଷାଘାତ, ଜ୍ୱର ଭଳି ଅନେକ ରୋଗର ପରୀକ୍ଷା କରି ଆବଶ୍ୟକତା ଅନୁଯାୟୀ ଔଷଧ ପ୍ରଦାନ କରିଥିଲେ। ଏପରି କାର୍ଯ୍ୟକ୍ରମ ରୋଟାରୀ କ୍ଲବ୍ ପକ୍ଷରୁ ଅନେକ ସମୟରେ କରାଯାଉଥିବା ବେଳେ ଅନେକ ଜନ୍ ହିତକର କାର୍ଯ୍ୟ କରି ଲୋକଙ୍କୁ ସେବା ଯୋଗାଇବା ଆମର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲା ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଆଗକୁ ମଧ୍ୟ ଜିଲ୍ଲାରେ ଏପରି ଜନ ସେବା ମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

■ ରାସ୍ତା ପାର୍ଶ୍ୱ ପାହାଡ଼ରେ ଅଗ୍ନିକାଣ୍ଡ

# ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁ ନିୟନ୍ତ୍ରଣ



କୋରୁକୋଣ୍ଡା,୨୭ ।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏଭି୩୩ ଠାରୁ ପରମିଲାପଦରକୁ ସଂଯୋଗ କରୁଥିବା ରାସ୍ତା ପାଶ୍ୱର୍ରେ ଥିବା ପାହାଡ଼ ଅଞ୍ଚଳରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଶୁଷ୍କ ପତ୍ର ଓ ଘାସରେ ନିଆଁ ଦ୍ରୁତ ଗତିରେ ପ୍ରସାରିତ ହେବାରୁ ସମଗ୍ର ଅଞ୍ଚଳ ଧୂଆଁରେ ଆବୃତ ହୋଇପଡ଼ିଥିଲା। ଘଟଣାକୁ ଦେଖି ସ୍ଥାନୀୟ ଗ୍ରାମବାସୀ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣରେ ଆଣାଯାଇଥିବା ସୂଚନା ମିଳିଛି। ତଥାପି ଏହି ଅଗ୍ନିକାଣ୍ଡରେ ପାହାଡ଼ ଅଞ୍ଚଳର ଗଛ ଗୁଡ଼ିକ, ବନସମ୍ପଦ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବନ ବିଭାଗ ପକ୍ଷରୁ ପୂର୍ବ ସଚେତନତା କାର୍ଯ୍ୟକ୍ରମ ଓ ନିୟମିତ ପ୍ରହରୀ ବ୍ୟବସ୍ଥାର ଅଭାବ ଥିବାରୁ ଏପରି ଘଟଣା ପୁନରାବୃତ୍ତି ହେଉଛି। ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଜଙ୍ଗଲ ଅଞ୍ଚଳରେ ଅଗ୍ନିକାଣ୍ଡ ବଢୁଥିବାରୁ ବନ ବିଭାଗ ତତ୍କାଳ ସଚେତନତା ଅଭିଯାନକୁ ଜୋରଦାର କରିବା ସହ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କଠୋର କରିବାକୁ ଦାବି ହେଉଛି। ଅଗ୍ନିକାଣ୍ଡର ସଠିକ୍ କାରଣ ସ୍ପଷ୍ଟ ହୋଇନଥିବା ବେଳେ ଅସାବଧାନତାବଶତଃ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# ବୁଡୁବାଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଚନ୍ଦ୍ରପୁର,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ବୁଡୁବାଲିରେ ଥିବା ଆଶ୍ରମ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ୧୯୫୪ ମସିହାରେ ସ୍ଥାପିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଭୀମ ଗୋଗେରେଙ୍ଗା ସଭାପତି ଭାବେ ବ୍ଲକ ସଂପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି, ମୁଖ୍ୟବକ୍ତା ଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଭୟରାମ ନାୟକ, ସମ୍ମାନିତ ଅତିଥି ରୂପେ, ଡ଼ାଙ୍ଗସରଡ଼ା ଏସ ଏସ ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟନାୟକ, ରାଇବିଜୀ କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ଅନୁରାଧା ଲିଙ୍ଗମ, ହାକୁସପଙ୍ଗା ଆଶ୍ରମର ପ୍ରଧାନ ଶିକ୍ଷୟତ୍ରୀ ଉର୍ମିଳା ପିପଳି, ଚନ୍ଦ୍ରପୁର କନ୍ୟାଶ୍ରମର ପ୍ରଧାନ ଶିକ୍ଷକ ଶ୍ରୀପତି ଶ୍ରୀରାମ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ବାଳକୃଷ୍ଣ ବିହାରୀ, ଗଣମାଧ୍ୟମ ପ୍ରତିନିଧି, ସିଆରସିସି ଅଶୋକ ଘଡେଇ, ଏସ୍‌ଏମ୍‌ସି ସଭାପତି ଶମ୍ଭୁ ଗୋଗେରେଙ୍ଗାଙ୍କୁ ପରିଚୟ ପ୍ରଦାନ କରି ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜୁ ପାଲ। ସ୍କୁଲର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତସ କୁସୁଳିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଖେଳ, ଡିବେଟ୍, ଆମ ସଂସ୍କୃତି କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରଯାଇଥିଲା। ଶିକ୍ଷକ ସୀମା କେପ୍ଲୁଟିକା, ଲୋକନାଥ ନିସିକା, ମେଟ୍ରନ ସବିତା ଗୌଡ଼, ସମସ୍ତ ସିସିଏ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ବାର୍ଷିକ ଉତ୍ସବରେ ଅଭିଭାବକ ଗ୍ରାମବାସୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରି ଖୁସିବ୍ୟକ୍ତ କରିଥିଲେ।

# ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ



କାଶୀପୁର,୨୭।୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବନ ବିଭାଗ ପକ୍ଷରୁ କାଶୀପୁରରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଜଙ୍ଗଲରେ ନିଆଁ ଲାଗିଲେ ଏହାକୁ ରୋକିବା କାଠିକର ପାଠ ହୋଇଥାଏ। ଜଙ୍ଗଲରେ ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଜଙ୍ଗଲ ଯାତ ଦ୍ରବ୍ୟ ପର୍ଯ୍ୟନ୍ତ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇ ପାରିବ ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶତାଧିକ ଗ୍ରାମବାସୀ, ବନ ସଂରକ୍ଷଣ ସମିତି ସଦସ୍ୟ ଏବଂ ବନବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ସଚେତନତା ରାଲି ମାଣ୍ଡିବିସୀ ଗ୍ରାମ ଠାରୁ ପରିକ୍ରମା କରି ସିକରପାଇ ପର୍ଯ୍ୟନ୍ତ ଲୋକଙ୍କୁ ସଚେତନତା କରାଇଥିଲେ। କାଶୀପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ବନବିଭାଗ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶିକ୍ଷକଙ୍କ ଘରୁ ଚୋରି

ଗୁଡ଼ାରି,୨୭।୨(ସମିସ): ଗୁଡାରୀ ପୌରାଞ୍ଚଳର ୯ ନମ୍ବର ୱାର୍ଡ ତଥା ଶ୍ରୀରାମ ନଗରରେ ବାସ କରୁଥିବା ଶିକ୍ଷକ ବଂଶୀଧର ଶବରଙ୍କ ଘରୁ ଗୁରୁବାର ରାତିରେ ବଡ଼ଧରଣର ଚୋରି ହୋଇଛି। ଶିକ୍ଷକ ଜଣଙ୍କ ମୁନିଗୁଡ଼ା ବ୍ଲକର ବାଲିଝୋଲା ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ସୁନା, ରୁପା ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ଘର କବାଟ ଖୋଲାଥିବା ଖବର ପାଇ ଆଜି ସକାଳେ ଶିକ୍ଷକ ବଂଶୀ ଶବର ଘରେ ଚୋରି ହୋଇଥିବା ସମ୍ପର୍କରେ ଜାଣିବା ପରେ ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗୁଡ଼ାରୀ ଥାନାରେ ଏକ ଚୋରି ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତକାରୀ ପୋଲିସ ଅଧିକାରୀ ଏସ.ଆଇ ସଞ୍ଜୟ କୁମାର ଛତର , ଅନ୍ୟ ଷ୍ଟାଫ ଏବଂ ଡଗ୍ ସ୍କ୍ୱାର୍ଡ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି, ଖୁବ୍ ଶୀଘ୍ର ଚୋର ଧରାପଡିବ ବୋଲି ଏସ୍‌ଆଇ ସଞ୍ଜୟ କହିଛନ୍ତି।

# ମାଲକାନଗିରି ଜିଲ୍ଲା ପରିଷଦ ବୈଠକ



ମାଲକାନଗିରି,୨୭ ।୨(ସମିସ): ମାଲକାନଗିରି ଜିଲ୍ଲାରେ ୭୫ତମ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ସମସ୍ତ ସଦସ୍ୟମାନେ ଯୋଗ ଦେଇ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବୈଠକରେ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟମାନଙ୍କର ସମସ୍ତ ସମସ୍ୟାର କିଭଳି ଭାବେ ତ୍ୱରିତ ସମାଧାନ ହେବ ସେ ନେଇ ପଦକ୍ଷେପ ନିଆଯିବା ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଜମି ପଟ୍ଟା ତ୍ରୁଟି ସଂଶୋଧନ କରି ହିତାଧିକାରୀଙ୍କୁ ଉପଯୁକ୍ତ ପଟ୍ଟା ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତି ତାଙ୍ଗୁଲୁ। ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି) ମାଧ୍ୟମରେ ଋଣ ପାଇଁ ଆବେଦନ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ପିଏମଇଜିପି ଯୋଜନାରେ ଗ୍ରାମାଞ୍ଚଳ ପାଇଁ ୩୫ ପ୍ରତିଶତ ଓ ସହରାଞ୍ଚଳ ପାଇଁ ୨୫ ପ୍ରତିଶତ ସବ୍‌ସିଡି ମିଳିଥାଏ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲାରେ ଡ୍ରପ୍ ଆଉଟ୍ ସଂଖ୍ୟା କମେଇବା ନିମନ୍ତେ ହଷ୍ଟେଲ୍ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବା ଉପରେ ଗୃହରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ ଭାବେ ଅନୁସୂଚିତ ଜନଜାତିର ଯୁବଗୋଷ୍ଠୀଙ୍କୁ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ବିଷୟରେ ସଚେତନ କରିବା ପାଇଁ କହିଥିଲେ ଜିଲ୍ଲାପାଳ। ଏହାଦ୍ୱାରା ବୃତ୍ତିଗତ ଶିକ୍ଷା ଲାଭ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ପ୍ରଦାନ କରିଥିଲେ ଜିଲ୍ଲାପାଳ। ମାର୍ଚ୍ଚ ମାସ ସୁଦ୍ଧା ମଣ୍ଡିରୁ ସମସ୍ତ ଧାନ ଉଠିବ ବୋଲି ଜିଲ୍ଲାପାଳ କହିଛନ୍ତି। ପରିଶେଷରେ ରାସ୍ତା, ସେତୁ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗୀକରଣ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜନ ପ୍ରତିନିଧି ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରୁଫ୍ ଟପ୍ ସୋଲାର ପ୍ୟାନେଲ ଲଗାଇବାରେ ଓଡ଼ିଶା ପଛରେ

## ସ୍ମାର୍ଟ ମିଟର ପାଇଁ ଛାଡ଼, ସୋଲାର ମିଟରକୁ ପାଇଁ ପାଉଣା

**ଭୁବନେଶ୍ୱର,୨୭।୨(ସମିସ):** ଦେଶବ୍ୟାପୀ ଅକ୍ଷୟ ଶକ୍ତି ଉତ୍ପାଦନ ସହ ଏହାର ଅଧିକରୁ ଅଧିକ ବ୍ୟବହାର ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରି ଆସୁଛନ୍ତି। ଏଥିପାଇଁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ପ୍ରଣୟନ କରାଯାଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର ସବସିଡି ଅର୍ଥ ପ୍ରଦାନ କରୁଥିବା ବେଳେ ଓଡ଼ିଶା ଏକ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ଗରିବ ଲୋକଙ୍କ ପାଇଁ ୟୁଟିଲିଟି-ଲେଡ୍ ଆଗ୍ରିଗେସନ (ୟୁଏଲଏ) ମଡେଲ ଯୋଜନା ପ୍ରଣୟନ କରିଛି। ଏହି ଯୋଜନା ଅଧିନରେ ୧ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ସିଷ୍ଟମ ପାଇଁ ଉପଭୋକ୍ତାଙ୍କୁ କେବଳ ୫୬୨୨ ଟଙ୍କା ଦେବାକୁ ପଡ଼ିବ। ତେବେ ଏହି ମଡେଲ ଅଧିନରେ ମୋଟ ଖର୍ଚ୍ଚ ଅର୍ଥାତ୍ ୫୬୨୨ ଟଙ୍କା ମଧ୍ୟରୁ କେବଳ ସୋଲାର ଜେନେରସନ ମିଟର ବାବାଦରେ ୩୭୪୭ ଟଙ୍କା ଉପଭୋକ୍ତାଙ୍କ ନିକଟରୁ ଆଦାୟ କରାଯାଉଛି। ଯାହାକୁ ନେଇ ଶକ୍ତି ସମୀକ୍ଷକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିକଟରେ ରାଜ୍ୟ ସରକାର ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରିଛନ୍ତି। ସମାନ ଭାବରେ ଯଦି ୟୁଏଲଏ ମଡେଲ ଅଧିନରେ ସୋଲାର

### ୟୁଏଲଏ ମଡେଲରେ ଛାଡ଼ ହେଉ ସୋଲାର ମିଟର ଅର୍ଥ ରାଶି

### ମିଟର ଅର୍ଥ ଛାଡ଼ ହେଲେ ଆହୁରି ଆଦୃତ ହୁଅନ୍ତେ ନିମ୍ନ ମଧ୍ୟବିତ୍ତ



ଜେନେରେସନ ମିଟର ଅର୍ଥ ଛାଡ଼ କରାଯାଆନ୍ତା, ତାହେଲେ ଏହି ଯୋଜନା ଉପଭୋକ୍ତାଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।


ଯେଉଁ ଉପଭୋକ୍ତା ମାସିକ ୧୦୦ ୟୁନିଟ ବିଜୁଳି ବ୍ୟବହାର କରୁଥିବ, ସେମାନେ ଏହି ୟୁଏଲଏ ମଡେଲ ପାଇଁ ଯୋଗ୍ୟ ବିବେଚିତ ହେବେ। ସାଧାରଣତଃ ଗରିବ ତଥା ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଥିବା ବେଳେ ଏହାକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। ଏହି ଯୋଜନା ଅଧିନରେ ୧ କିଲୋୱାଟ ପାଇଁ କେନ୍ଦ୍ର ସରକାର ୩୦ ହଜାର ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କା ସବସିଡି ପ୍ରଦାନ କରୁଛନ୍ତି। ବଳକା ୫୬୨୨ ଟଙ୍କା ମଧ୍ୟରେ ସୋଲାର ପ୍ୟାନେଲ, କେବୁଲ ଏବଂ ନେଟ ମିଟର ବାବଦରେ ଗ୍ରାହକଙ୍କୁ ୧୮୭୫ ଟଙ୍କା ଦେବାକୁ ପଡୁଛି। ବଳକା ୩୭୪୭ ଟଙ୍କା ଗ୍ରାହକଟିଏ ସୋଲାର ଜେନେରେସନ ମିଟର ବାବଦରେ ଖର୍ଚ୍ଚ କରୁଛି।

ନିକଟରେ ରାଜ୍ୟ ସରକାର ରାଜ୍ୟରେ ୨ କିଲୋୱାଟ ବିଜୁଳି ଉପଯୋଗ କରୁଥିବା ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ଦେୟ ସମ୍ପୂର୍ଣ୍ଣ ଭାବରେ ଛାଡ଼ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୭୩୫ କୋଟି ଟଙ୍କା ଖର୍ଚ୍ଚ କରିବେ। ତେବେ ସମାନ ଭାବରେ ଯଦି ସରକାର ସୋଲାର ଜେନେରେସନ ମିଟର ଅର୍ଥରାଶି ଛାଡ଼ କରନ୍ତେ, ତାହେଲେ ୟୁଏଲଏ ମଡେଲ ଆହୁରି ଆଦୃତ ହୋଇପାରନ୍ତା ବୋଲି ଶକ୍ତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ପିଏମ-ସୂର୍ଯ୍ୟଘର ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଗତ ଜାନୁଆରୀ ୨୮ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୩୨୯୮୦ ପ୍ୟାନେଲ ଲାଗି ପାରିଛି।

# ସନ୍ଧ୍ୟା ଆକାଶରେ 'ପ୍ଲାନେଟ୍ ପରେଡ୍'

## ଗୋଟିଏ ଧାଡ଼ିରେ ଦୃଶ୍ୟମାନ ହେଉଛନ୍ତି ୬ଟି ଗ୍ରହ

**ଭୁବନେଶ୍ୱର, ୨୭।୨(ସମିସ):** ଆଜିଠାରୁ ସନ୍ଧ୍ୟା ଆକାଶରେ ୬ଟି ଗ୍ରହ ଦେଖିବାକୁ ମିଳିଛି। ଏହି ବିରଳ ମହାଜାଗତିକ ଦୃଶ୍ୟ ଆସନ୍ତା ମାର୍ଚ୍ଚ ୭ ତାରିଖ ଯାଏଁ ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ପ୍ରାୟ ୩୦ ମିନିଟ୍ ରୁ ୬୦ ମିନିଟ୍ ମଧ୍ୟରେ ଦେଖାଯିବ। ଇଂରାଜୀରେ ଏହାକୁ ଏକ 'ପ୍ଲାନେଟ୍ ପରେଡ୍' କୁହାଯାଉଥିବା ବେଳେ ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ ଏହାକୁ ଗ୍ରହ ସମାବେଶ କୁହାଯାଏ। ଯଦିଓ ଏହି ଶବ୍ଦର କୌଣସି ବୈଜ୍ଞାନିକ ସଂଜ୍ଞା ନାହିଁ; କିନ୍ତୁ ଜ୍ୟୋତିର୍ବିଜ୍ଞାନରେ ଏହା ବହୁଳ ଭାବରେ ବ୍ୟବହୃତ ହେଉଛି। ସୂର୍ଯ୍ୟାସ୍ତର ପ୍ରାୟ ୩୦ ମିନିଟ ପରେ ପଶ୍ଚିମ ଦିଗ୍‌ବଳୟ ନିକଟରେ କ୍ରମାନ୍ୱୟରେ ଶୁକ୍ର, ବୁଧ, ନେପ୍‌ଚୁନ୍ ଏବଂ ଶନି ଗ୍ରହ ରହୁଥିବା ବେଳେ




ପ୍ରାୟ ୪୫ ଡିଗ୍ରୀ ଉପରେ ୟୁରାନସ୍ ଓ ପ୍ରାୟ ମୁଣ୍ଡ ଉପରକୁ ବୃହସ୍ପତି ଗ୍ରହ ରହିବ।

ଏହି ୬ଟି ଗ୍ରହ ଭିତରୁ ୪ଟି ଗ୍ରହ ଶୁକ୍ର, ବୁଧ, ବୃହସ୍ପତି ଏବଂ ଶନିକୁ ଖାଲି ଆଖିରେ ଦେଖି ହେବ। ୟୁରାନ୍‌ସ ଓ ନେପ୍‌ଚୁନ୍ ଗ୍ରହ ଦୁଇଟିକୁ କେବଳ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହେବ। ବୁଧ ଏବଂ ଶନି ଗ୍ରହର ଉଜ୍ଜଳତା ଖୁବ୍ କମ୍ ଥିବାରୁ ଆଲୋକ ପ୍ରଦୂଷଣ ଥିବା ସହରଗୁଡ଼ିକରେ ଦେଖିବା କଷ୍ଟକର ହେବ। ଏହା ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଏକ ସମୟରେ ୪ଟି ଗ୍ରହକୁ ଖାଲି ଆଖିରେ ଦେଖିବାର ସୁଯୋଗ ଆସିଛି। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଆକାଶ ମେଘ ଓ ଆଲୋକ ପ୍ରଦୂଷଣମୁକ୍ତ ଥିଲେ, ଏହାକୁ ଦେଖି ହେବ ବୋଲି ଜନବିଜ୍ଞାନୀ ଡଃ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ନିଖୋଜର ୪୮ ଘଣ୍ଟା ପରେ ହଷ୍ଟେଲକୁ ଫେରିଲେ ୪ ଛାତ୍ରୀ

**ଦାରିଙ୍ଗବାଡ଼ି, ୨୭।୨(ସମିସ):** ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଚରମ ଅବ୍ୟବସ୍ଥା ପଦାକୁ ଆସିଛି। ସ୍କୁଲ ପାଚେରି ଡେଇଁ ୪ଜଣ ନବମ ଶ୍ରେଣୀ ଛାତ୍ରୀ ପଳାଇବା ଅଭିଭାବକ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ତେବେ ଏହି ଘଟଣାର ୪୮ ଘଣ୍ଟା ପରେ ଛାତ୍ରୀମାନେ ଆପେଆପେ ହଷ୍ଟେଲକୁ ଫେରିଛନ୍ତି। ଏହାକୁ ନେଇ ହଷ୍ଟେଲର ସୁରକ୍ଷା ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ରୀମାନଙ୍କ ସହ କୌଣସି ଅଘଟଣ ଘଟିଥିଲେ, ଏଥିପାଇଁ କିଏ ଦାୟୀ ହୋଇଥା'ନ୍ତା ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

> **ବୁଧବାର ରାତିରେ ପାଚେରି ଡେଇଁ ପଳାଇଥିଲେ**

ସୂଚନାନୁଯାୟୀ, ୪ଜଣ ନବମ ଶ୍ରେଣୀ ଛାତ୍ରୀ ବୁଧବାର ରାତିରେ ଛାତ୍ରୀନିବାସରୁ ପାଚେରି ଡେଇଁ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି କରି ବିଫଳ ହେବା ପରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ଅଜୟ ଜେନା ଗୁରୁବାର ସନ୍ଧ୍ୟାରେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ଦାରିଙ୍ଗବାଡ଼ି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସଦଳବଳେ ଛାତ୍ରୀଙ୍କୁ ଖୋଜାଖୋଜି କରିଥିଲେ। ଛାତ୍ରୀମାନେ ଛାତ୍ରୀ ନିବାସଠାରୁ ୧୦କିମି ରାସ୍ତା ଚାଲି ଚାଲି ବିରାଗାଡ଼ା ଗ୍ରାମରେ ଥିବା ସୂଚନା ପାଇଥିଲେ। ରାତିରେ ପୁଲିସ ସେମାନଙ୍କୁ ଖୋଜୁଥିବା ଖବର ପାଇ ଚାଲିଚାଲି ରାତି ପ୍ରାୟ ୧ଟା ବେଳେ ଛାତ୍ରୀ ନିବାସକୁ ଫେରି ଆସିଥିଲେ।

ଛାତ୍ରୀ ନିବାସରେ ୩ଜଣ ମାଟ୍ରନ୍ ଓ ଜଣେ ସୁପରିଟେଣ୍ଡେଣ୍ଟ ରହିଛନ୍ତି। ହେଲେ କିପରି କେମିତି କେହି ଜାଣିପାରିଲେ ନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ, ଏହି ଘଟଣା ପଦାକୁ ଆସିବା ପରେ ଅଭିଭାବକମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଛାତ୍ରୀ ପାଚେରି ଡେଇଁ ଯିବା ପଛରେ କ'ଣ ରହସ୍ୟ ରହିଛି, ତାହାର ତଦନ୍ତ ଜରୁରୀ ଥିବା ବେଳେ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ସଂପର୍କରେ ଡବ୍ଲ୍ୟୁଓ ବିଶ୍ୱଜିତ ଜାଲିଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

# ମାର୍ଚ୍ଚ ପ୍ରଥମ ସପ୍ତାହରୁ ଅଚଳ ହେବ ଖାଉଟି ସୁରକ୍ଷା କମିଶନ!

**ଭୁବନେଶ୍ୱର, ୨୭।୨(ସମିସ):** ଦେଶରେ ଖାଉଟିଙ୍କ ସୁରକ୍ଷା ପାଇଁ ଆଇନ ଅନୁଯାୟୀ ବିଧି ବ୍ୟବସ୍ଥା ରହିଛି। ଏହି କ୍ରମରେ, ଓଡ଼ିଶାରେ ଖାଉଟି ସୁରକ୍ଷା ସୁନିଶ୍ଚିତ କରିବାକୁ କଟକରେ ଖାଉଟି ସୁରକ୍ଷା କମିଶନ ଓ ୩୦ ଜିଲ୍ଲା ସମେତ ରାଉରକେଲାରେ ଖାଉଟି ଅଦାଲତ ଗଠନ କରାଯାଇଛି। ରାଜ୍ୟ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଏହି ସବୁ ଖାଉଟି ସୁରକ୍ଷା ଅଦାଲତରେ ୩୩ଜଣ ସଭାପତି ଓ ୯୩ ଜଣ ସଦସ୍ୟ ରହିବାର ଆଇନରେ ବ୍ୟବସ୍ଥା ଅଛି। ହେଲେ ଏହି ପଦବୀ ତୁଳନାରେ ବର୍ତ୍ତମାନ ରାଜ୍ୟରେ ମାତ୍ର ୧୩ଜଣ ସଭାପତି ଓ ୨୦ ଜଣ ସଦସ୍ୟ ରହିଛନ୍ତି। ପଦବୀ ତୁଳନାରେ ସଂଖ୍ୟା ଯଥେଷ୍ଟ କମ୍ ରହିଥିଲେ ମଧ୍ୟ ପଦରେ ଥିବା ସଭାପତି ଓ ସଦସ୍ୟଙ୍କ କାର୍ଯ୍ୟକାଳକୁ ନେଇ ସଂଶୟ ସୃଷ୍ଟି ହୋଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରୁ ଖାଉଟି ସୁରକ୍ଷା କମିସନ ଓ ଜିଲ୍ଲା ସ୍ତରୀୟ ଆୟୋଗ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

କାରଣ ଗତ ଦେଢ଼ ବର୍ଷ ତଳେ ଉଚ୍ଚତମ ନ୍ୟାୟାଳୟରେ ଆଗତ ଏକ ଜନସ୍ୱାର୍ଥ ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅଦାଲତଗୁଡ଼ିକର ପରିଚାଳନା କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତାବ ଦିଆଯାଇଥିଲା। ଖାଉଟି ସୁରକ୍ଷା ଅଦାଲତର କାର୍ଯ୍ୟକାରିତାକୁ ବ୍ୟାପକ କରିବା ପାଇଁ ଏଥିରେ ନିୟୋଜିତ ଅଧ୍ୟକ୍ଷ ଓ

### ଜିଲ୍ଲା ସ୍ତରୀୟ ଖାଉଟି ସୁରକ୍ଷା ଆୟୋଗର ମଧ୍ୟ ସମଦଶା

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଚାରପତି ଅଭାବ ହଟିଲାନି

ସଦସ୍ୟମାନଙ୍କର ଦରମା ଓ ଭତ୍ତା ଜିଲ୍ଲା ଜଜ୍ ପାହ୍ୟାର ଅଧିକାରୀଙ୍କ ଦରମା ଏବଂ ଭତ୍ତା ସହିତ ସମାନ କରିବା ପାଇଁ ନିବେଦନ କରାଯାଇଥିଲା। ଉଚ୍ଚତମ ନ୍ୟାୟାଳୟ ଏ ସମ୍ପର୍କରେ ପ୍ରକ୍ରିୟା ଆରମ୍ଭ କରି ବିଭିନ୍ନ ରାଜ୍ୟକୁ ପକ୍ଷଭୁକ୍ତ କରିଥିଲେ। କେତେକ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିଥିବା ବେଳେ ଅନେକ ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ଏହାସହ ଏହି ମାମଲାରେ ସଭାପତି ଓ ସଦସ୍ୟଙ୍କ ଯୋଗ୍ୟତା ଓ ଚୟନ ପ୍ରକ୍ରିୟାକୁ ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ଉଚ୍ଚ ନ୍ୟାୟାଳୟରେ ଏହି ମାମଲାର ଫଇସଲା ନହେବା ପର୍ଯ୍ୟନ୍ତ ନୂତନ ସଭାପତି ଓ ସଦସ୍ୟଙ୍କ ଚୟନ ଏକପ୍ରକାର ବାରଣ ରହିଛି। ତେଣୁ, ମାମଲାରେ ଏକ ନୀତିଗତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ସମସ୍ତ ରାଜ୍ୟର ସଭାପତି ଓ ସଦସ୍ୟମାନେ ଏହି ପଦରେ ରହିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ମାତ୍ର ଓଡ଼ିଶାରେ ବର୍ତ୍ତମାନ ଏହି ପଦରେ ଯେଉଁ ସଭାପତି ଓ ସଦସ୍ୟମାନେ ୩ ବର୍ଷ ପାଇଁ ନିଯୁକ୍ତି ପାଇଥିଲେ, ସେମାନଙ୍କ କାର୍ଯ୍ୟକାଳ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଶେଷ ହେବାକୁ ଯାଉଛି। କିନ୍ତୁ ସରକାର ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ ନ କରି ଏପର୍ଯ୍ୟନ୍ତ ରାଜ୍ୟ ଖାଉଟି ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ଜିଲ୍ଲାର ସଭାପତି ଓ ସଦସ୍ୟମାନଙ୍କର କାର୍ଯ୍ୟକାଳ ବୃଦ୍ଧି କରିନାହାନ୍ତି। ଏହାଦ୍ୱାରା ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରୁ କଟକସ୍ଥିତ ରାଜ୍ୟ ଖାଉଟି ସୁରକ୍ଷା କମିଶନ ଓ ବିଭିନ୍ନ ଜିଲ୍ଲାରେ ଥିବା ଖାଉଟି ସୁରକ୍ଷା ଅଦାଲତଗୁଡ଼ିକ ବନ୍ଦ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବହୁସଂଖ୍ୟକ ମକଦ୍ଦମା ଏହି ଅଦାଲତରେ ପଡ଼ିଥିବାରୁ ଖାଉଟି ସୁରକ୍ଷା ଆଇନର ପ୍ରକୃତ ଲକ୍ଷ୍ୟ ଗ୍ରାହକମାନେ ପାଇପାରୁ ନାହାନ୍ତି। ତେଣୁ, ଏହି କାର୍ଯ୍ୟାଳୟଗୁଡ଼ିକ ବନ୍ଦ ହୋଇଗଲେ ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଦାବି କରିଛନ୍ତି। ଏହାସହ ଏ ସମ୍ପର୍କରେ ଶ୍ରୀ ନନ୍ଦ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିବା ସହ ଖାଉଟି ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

**କନ୍ଧମାଳ ପୁଲିସର ମେଗା ଅପରେସନ୍**

# ୪୮ ଘଣ୍ଟାରେ ୩୦ କୋଟିର ଗଞ୍ଜେଇ ଜବତ

**ଫୁଲବାଣୀ, ୨୭।୨ (ସମିସ):** କନ୍ଧମାଳ ଜିଲ୍ଲାରୁ ନିଶା କାରବାରର ଚେର କାଟିବାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଏସ୍‌ପି ହରୀଶ ବିଶିଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ରଣନୀତି ଅନୁଯାୟୀ ଦୁଇ ଦିନର ଏକ ସ୍ୱତନ୍ତ୍ର ଅପରେସନ୍‌ରେ ପୁଲିସ ପ୍ରାୟ ୨୧,୫୦୦ କିଲୋଗ୍ରାମ୍ ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୩୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ପୁଲିସ କହିଛି। ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ଅପରେସନ୍‌ରେ ଫୁଲବାଣୀ ସଦର ଥାନା ଅଞ୍ଚଳରୁ ସର୍ବାଧିକ ୧୦ହଜାର କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି, ଗୋଚ୍ଛାପଡ଼ା ଥାନା ଅଞ୍ଚଳରୁ ୪,୫୦୦କେଜି, ବାଲିଗୁଡ଼ା ଓ ଫିରିଙ୍ଗିଆ ଥାନା ପକ୍ଷରୁ ୨,୫୦୦ କେଜି ଲେଖାଏଁ ଏବଂ କେ. ନୂଆଗାଁ ଥାନା ପକ୍ଷରୁ ୨,୦୦୦ କେଜି ଗଞ୍ଜେଇ ଜବତ କରାଯାଇଛି।

ପୁଲିସର ଏହି ଅତର୍କିତ ଚଢ଼ଉ ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। କେବଳ ନିଶାଦ୍ରବ୍ୟ ଜବତ କରିବା ପୁଲିସର ଏକମାତ୍ର ଲକ୍ଷ୍ୟ ନୁହେଁ, ବରଂ ଏହି କାରବାରକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ପାଇଁ ଏବେ ଆର୍ଥିକ ପ୍ରତିବନ୍ଧକ ଲଗାଇବା ଆରମ୍ଭ କରିଛି। କୁଖ୍ୟାତ ନିଶା ବେପାରୀ ଯେଉଁ ବେଆଇନ ସମ୍ପତ୍ତି ଠୁଳ କରିଛନ୍ତି, ତାହାକୁ ବାଜ୍ୟାପ୍ତି କରିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ଅପରାଧୀ ଆର୍ଥିକସ୍ତରରେ ଦୁର୍ବଳ ହେବେ ଏବଂ ନିଶା କାରବାର ଆଉ ସେମାନଙ୍କ ପାଇଁ ଲାଭଜନକ ହୋଇ ରହିବ ନାହିଁ ବୋଲି ଏସ୍‌ପି କହିଛନ୍ତି।

ଚଳିତ ବର୍ଷ ଜାନୁଆରୀ ୧ରୁ ଫେବୃଆରୀ ୨୭ ମଧ୍ୟରେ କନ୍ଧମାଳ ପୁଲିସ ୪୪ ମାମଲା ରୁଜୁ କରି ୨୬,୭୯୦ କିଗ୍ରା ଗଞ୍ଜେଇ ଜବତ କରିସାରିଛି। ଏହି ସମୟ ମଧ୍ୟରେ ୭୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୧ଜଣ ମହିଳା ଅଛନ୍ତି। ଏଥିସହ ଚୋରା ଚାଲାଣରେ ବ୍ୟବହୃତ ୨୫ଟି ବାଇକ୍, ଅଟୋ ଓ କାର୍ ଜବତ କରାଯାଇଛି। ନିଶାମୁକ୍ତ ଭାରତ ଗଠନ ଦିଗରେ ପ୍ରତିବଦ୍ଧ ବୋଲି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଶେଷକରି, ଜଙ୍ଗଲ ଓ ଦୁର୍ଗମ ଅଞ୍ଚଳରେ ଚାଲିଥିବା ଏହି ବେଆଇନ କାରବାର ସମ୍ପର୍କରେ ସୂଚନା ଦେବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ଏହି ଅପରେସନରେ ବାଲିଗୁଡ଼ା ଏସଡିପିଓ ଶୁଭମ୍ ଭୋସଲେ, ପ୍ରବେଶନ ସଦର କେ. ଶ୍ରୀନିବାସୁଲୁ, ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ୍ ବିଶ୍ୱାଳଙ୍କ ସମେତ ଫିରିଙ୍ଗିଆ, ବାଲିଗୁଡ଼ା, ଗୋଚ୍ଛାପଡ଼ା, କେ.ନୂଆଗାଁ ଓ ସଦର ଥାନାର ଅଧିକାରୀ ସାମିଲ ଥିଲେ।

**ମହାନଦୀ ଜଳ ବିବାଦ**

### ଏଜିଙ୍କ ପ୍ରଣୟ ଉପାଖ୍ୟାନ ଉପରେ ପ୍ରତିକ୍ରିୟା ରଖିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

# ପ୍ରଣୟ ପୂର୍ବରୁ କନିଆ ଅମଙ୍ଗ

**ଭୁବନେଶ୍ୱର,୨୭।୨(ସମିସ):** ମହାନଦୀ ଟ୍ରିବ୍ୟୁନାଲ ପିକ୍‌ନିକ୍ ପାଇଁ ନୁହଁ; ପ୍ରଣୟ କରାଇବାକୁ ଆସିଛନ୍ତି। ତାଙ୍କର ଏହି ଗସ୍ତ ସେହି ପ୍ରଣୟର ମାଙ୍ଗଳିକ ବୋଲି ଆଡଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟ ଶୁକ୍ରବାର ହୀରାକୁଦଠାରେ ଏକ ପ୍ରେସବାର୍ତ୍ତାରେ କହିଛନ୍ତି। ଶ୍ରୀ ଆଚାର୍ଯ୍ୟଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ। ପ୍ରଣୟ ପାଇଁ ବର (ଓଡ଼ିଶା) ସଜବାଜ ହୋଇ ବାହାରିଲା ବେଳକୁ କନିଆ (ଛତିଶଗଡ଼) ଅମଙ୍ଗ ହେଲାଣି କି ବୋଲି ସଂଗଠନ ସନ୍ଦେହ ପ୍ରକାଶ କରି ଆଡଭୋକେଟ ଜେନେରାଲ ଏହି ସନ୍ଦେହକୁ ଦୂର କରିବା ପାଇଁ ନିବେଦନ କରିଛି।

ସଂଗଠନ ପକ୍ଷରୁ ଜାରି ଏକ ପ୍ରେସ୍‌ବାର୍ତ୍ତାରେ ଆବାହକ ସୁଦର୍ଶନ ଦାସ ଓ ମୁଖପାତ୍ର ପ୍ରସନ୍ନ ବିଶୋଇ କହିଛନ୍ତି ଯେ ଟ୍ରିବ୍ୟୁନାଲଙ୍କର ଏହି ଗସ୍ତ ପିକ୍‌ନିକ୍ ପାଇଁ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ କହିଥିଲା। ସେହି ପରିପ୍ରେକ୍ଷୀରେ ଶ୍ରୀ ଆଚାର୍ଯ୍ୟ ଉପରୋକ୍ତ ବୟାନ ରଖିଛନ୍ତି ବୋଲି ଆମର ବିଶ୍ୱାସ। ଟ୍ରିବ୍ୟୁନାଲଙ୍କର ଏହି ଗସ୍ତକୁ "ପିକ୍‌ନିକ୍' ବୋଲି କହିବା ପଛର ଏକାଧିକ କାରଣ ଥିଲା। ଟ୍ରିବ୍ୟୁନାଲର ୧୦ ଜଣ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ସେମାନଙ୍କର ପରିବାର ଲୋକ ଯଥା - ସ୍ୱାମୀ, ସ୍ତ୍ରୀ, ଝିଅ ଓ ନାତି ରହିଛନ୍ତି। ଏମାନଙ୍କ ଗସ୍ତ ଖର୍ଚ୍ଚ କାହିଁକି ରାଜ୍ୟ ସରକାର ବହନ କରିବେ ବୋଲି ଆମେ ପ୍ରଶ୍ନ କରିଥିଲୁ। ସେହିପରି ହୀରାକୁଦକୁ ଛାଡ଼ିଦେଲେ ଯେଉଁସବୁ ସ୍ଥାନଗୁଡ଼ିକୁ ଟ୍ରିବ୍ୟୁନାଲ ଗସ୍ତ କରିବ, ସେଗୁଡ଼ିକ ମହାନଦୀର ସ୍ଥିତି ଆକଳନ ପାଇଁ ପ୍ରକୃଷ୍ଟ କ୍ଷେତ୍ର ନୁହଁ। ସେଗୁଡ଼ିକ କେବଳ ପିକ୍‌ନିକ୍ ବା ପର୍ଯ୍ୟଟନସ୍ଥଳୀ ଅଟେ। ୨୦୨୩ ମସିହାରେ ଟ୍ରିବ୍ୟୁନାଲଙ୍କ ଗସ୍ତ ସମୟରେ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ଯେଉଁ ଖର୍ଚ୍ଚ ହେବ, ତାହା ଓଡ଼ିଶାବାସୀ କାହିଁକି ବହନ କରିବେ ବୋଲି ଆମେ ପ୍ରଶ୍ନ କରିଥିଲୁ; ମାତ୍ର ଶ୍ରୀ ଆଚାର୍ଯ୍ୟ ଏହି ଦୁଇଟି କଥା ଉପରେ ସ୍ପଷ୍ଟୀକରଣ ରଖିନାହାନ୍ତି। ଶ୍ରୀ ଆଚାର୍ଯ୍ୟ ପ୍ରଣୟ କଥା ଉଠାଇଛନ୍ତି। ସେ ଇଙ୍ଗିତ କରି କହିଛନ୍ତି, ଏହି ପ୍ରଣୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ହେବାକୁ ଯାଉଛି। ଅର୍ଥାତ୍ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ହେବ। ମହାନଦୀ ବଞ୍ଚାଓ ଆନ୍ଦୋଳନ ଏହି ଆପୋଷ ଆଲୋଚନା ପ୍ରକ୍ରିୟାକୁ ସମର୍ଥନ ଦେଇ ଆସୁଛି। ମାତ୍ର ଆଜି ପର୍ଯ୍ୟନ୍ତ ଆପୋଷ ଆଲୋଚନାର ଅଗ୍ରଗତି କାହିଁକି ହୋଇ ପାରୁନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ ମନ୍ତ୍ରୀସ୍ତରୀୟ କମିଟି କାହିଁକି ଛତିଶଗଡ଼ ଗସ୍ତକୁ ବାତିଲ କଲା? ଛତିଶଗଡ଼ ସେଥିପାଇଁ ସମର୍ଥନ ଓ ସହଯୋଗ ଦେଉନାହିଁ କି ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏତେ ପର୍ଯ୍ୟନ୍ତ ଓଡ଼ିଶା ପରି ସର୍ବଦଳୀୟ କମିଟି ଛତିଶଗଡ଼ କାହିଁକି ଗଠନ କରିନାହିଁ ବୋଲି ଶ୍ରୀ ଦାସ ଓ ବିଶୋୟୀ ପ୍ରଶ୍ନ କରିଛନ୍ତି।

# କୂଅରେ ପଡ଼ି ହାତୀ ଛୁଆ ମୃତ

**କେନ୍ଦୁଝର/ତୁରୁମୁଙ୍ଗା, ୨୭।୨(ସମିସ):** କେନ୍ଦୁଝର ଜିଲ୍ଲା ସଦର ରେଞ୍ଜ କାଠବାଉଁଶୁଳି ଗ୍ରାମର ମୋହନ ଚରଣ ମହାନ୍ତଙ୍କ ବାଡ଼ି କୂଅରେ ଗୁରୁବାର ବିଳମ୍ବିତ ରାତିରେ ଏକ ହାତୀ ଛୁଆ ପଡ଼ି ପ୍ରାଣ ହରାଇଛି। ୧୦ ଘରିଆ ଏକ ହାତୀପଲ ମଧ୍ୟରୁ ଉକ୍ତ ଛୁଆହାତୀଟି ବାଟବଣା ହୋଇ କୂଅ ଭିତରେ ଖସିପଡ଼ିଥିଲା। ଏନେଇ ଗ୍ରାମବାସୀ ବନ ବିଭାଗକୁ ଖବର



ଦେବା ପରେ ଘଟଣାସ୍ଥଳରେ ଏସିଏଫ୍, ବନକର୍ମଚାରୀ ପହଞ୍ଚି ଅଗ୍ନିଶମବାହିନୀ ସହାୟତାରେ କୂଅ ଭିତରୁ ଛୁଆ ହାତୀର ଶବକୁ ଏକ ହାଇଡ୍ରା ସହାୟତାରେ ଉଦ୍ଧାର କରିଥିଲେ। ପଦ୍ମପୁର ନର୍ସରୀରେ ବ୍ୟବଚ୍ଛେଦ ପରେ ତାକୁ ପୋତି ଦିଆଯାଇଛି। ହାତୀଟିର ବୟସ ୧ବର୍ଷ ବୋଲି ଅନୁମାନ କରାଯାଉଛି। ହାତୀପଲ କାଠବାଉଁଶୁଳି ଗାଁ ଦେଇ ଯାଉଥିବା ବେଳେ ମୋହନଙ୍କ ପରିବା ବାଡ଼ିରେ ଥିବା କୂଅରେ ଛୁଆ ହାତୀଟି ଗଳି ପଡ଼ିଥିଲା। ହାତୀପଲ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ବେଳେ ଉପରୁ ପଥର ଖସି ଛୁଆ ହାତୀ ମୁଣ୍ଡରେ ବାଜିଥିଲା। ଏଥିରେ ହାତୀ ଛୁଆଟିର ମୃତ୍ୟୁ ଘଟିଥିବା ଏସିଏଫ ଅଶୋକ ଦାସ କହିଛନ୍ତି।

**କାହା ଚାପରେ ଜେଲ୍ ବିଭାଗ**

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଦେଉନି ତଥ୍ୟ

**ଭୁବନେଶ୍ୱର, ୨୭।୨ (ସମିସ):** ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦେଇ ଆସୁଛନ୍ତି। ଅଦାଲତ ଅବମାନନା ମାମଲାରେ ରାଜ୍ୟର ଅନେକ ବରିଷ୍ଠ ଅଧିକାରୀ ହାଇକୋର୍ଟରେ କ୍ଷମା ପ୍ରାର୍ଥନା କରିବାର ନଜିର୍ ମଧ୍ୟ ରହିଛି। ହେଲେ ଏତେ ସବୁ ସତ୍ତ୍ୱେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନୁନି ଜେଲ୍ ବିଭାଗ। ଆବେଦନକାରୀଙ୍କୁ ତଥ୍ୟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାର ମାସେ ବିତିବାକୁ ବସିଥିଲେ ହେଁ ଏଯାଏ ତଥ୍ୟ ନଦେବା ବିଭାଗର ଖାମଖିଆଲି ମନୋଭାବକୁ ପ୍ରମାଣିତ କରିଛି।

ପୂରା ଘଟଣା ଏମିତି; ଗତବର୍ଷ ଅକ୍ଟୋବର ୨/୩ ତାରିଖ ରାତିରେ କୁଖ୍ୟାତ ଅପରାଧୀ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ଫେରାର ହୋଇ ଯାଇଥିଲେ। ଏହି ଘଟଣା ପରେ ଜେଲ୍ ବିଭାଗ ମୁଖ୍ୟ ୱାର୍ଡର୍ ଓ ୱାର୍ଡର୍‌ଙ୍କୁ ନିଲମ୍ବନ କରିଥିଲା। ତତ୍କାଳୀନ ଜେଲର୍ ସନ୍ତୋଷିନୀ ଦାଶ ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) ଆରମ୍ଭ ହୋଇଥିଲା। ସନ୍ତୋଷିନୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସହ ଲିଖିତ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସନ୍ତୋଷିନୀ ପକ୍ଷ (ଡିଫେନ୍ସ) ରଖିବା ଲାଗି ଗେଟ୍-ଇନ୍-ଆଉଟ୍ ରେଜିଷ୍ଟର୍, ସିସିଟିଭି ଫୁଟେଜ ଓ କଏଦୀ ଫେରାର୍ ସଂପର୍କିତ ଅନ୍ୟାନ୍ୟ ତଥ୍ୟ ଜେଲ୍ ଡିଜିଙ୍କୁ ମାଗିଥିଲେ। ହେଲେ ଜେଲ୍ ଡିଜି ତଥ୍ୟ ଦେବା ପରିବର୍ତ୍ତେ ତଦନ୍ତ ଓ ମାର୍ସାଲିଂ ଅଫିସର୍ ନିଯୁକ୍ତି କରିଦେଇଥିଲେ।

### ଓଡ଼ିଶା ସିଭିଲ ସର୍ଭିସ ନିୟମକୁ ଫୁ'

ଓଡ଼ିଶା ସିଭିଲ ସର୍ଭିସ୍ ନିୟମ ୧୯୬୨ର ଧାରା ୧୫(୩) ଅନୁଯାୟୀ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସାମ୍ନା କରୁଥିବା ଯେକୌଣସି ସରକାରୀ କର୍ମଚାରୀଙ୍କୁ ତାଙ୍କ ପ୍ରତିରକ୍ଷା (ଡିଫେନ୍ସ) ପ୍ରସ୍ତୁତ କରିବା ଲାଗି ଅଭିଯୋଗ ଆଧାରିତ ସମସ୍ତ ରେକର୍ଡ ଯୋଗାଇ ଦିଆଯିବ। ଯଦି ସଂପୃକ୍ତ ଅଧିକାରୀ ଚାହିଁବେ, ସେହି ଅଭିଯୋଗ ସମ୍ବନ୍ଧୀୟ ଯେକୌଣସି ନିର୍ଦ୍ଦିଷ୍ଟ ସରକାରୀ ରେକର୍ଡଗୁଡ଼ିକ ଯାଞ୍ଚ କରିବା ସହ ତା'ର ନକଲ କପି ନେଇପାରିବେ। ୧୯୬୨ ମସିହା ଅର୍ଥାତ୍ ୬୪ବର୍ଷ ଧରି ଏହି ନିୟମ ରହିଥିଲେ ମଧ୍ୟ ଜେଲ୍ ଡିଜି ଏହାକୁ ଫୁ' କରି ଦେଇଥିଲେ।

ନିଜର ପ୍ରତିରକ୍ଷା କରିବା ଲାଗି ତଥ୍ୟ ନପାଇବାରୁ ସନ୍ତୋଷିନୀ ନିରାଶ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାସ ୨୯ ତାରିଖ ଦିନ ହାଇକୋର୍ଟ ଅଭିଯୋଗର ଶୁଣାଣି କରି, ସନ୍ତୋଷିନୀ ମାଗିଥିବା ସମସ୍ତ ତଥ୍ୟ ଦୁଇ ସପ୍ତାହ ମଧ୍ୟରେ ଦେବାକୁ ଜେଲ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସମସ୍ତ ତଥ୍ୟ ପାଇବାର ୪ ସପ୍ତାହ ମଧ୍ୟରେ ପ୍ରତିରକ୍ଷା (ଡିଫେନ୍ସ) ବିବୃତ୍ତି ଦାଖଲ କରିବାକୁ ସନ୍ତୋଷିନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଉ ଦୁଇ ଦିନ ପରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ମାସେ ପୂରିବାକୁ ବସିଥିବା ବେଳେ ଏଯାଏ ଜେଲ୍ ବିଭାଗ ପକ୍ଷରୁ କୌଣସି ତଥ୍ୟ ଦିଆ ନଯିବା ବିଭାଗର ବେପରୁଆ ମନୋଭାବକୁ ପ୍ରମାଣିତ କରୁଛି ବୋଲି ଚର୍ଚ୍ଚା ହେଉଛି। ଏ ସଂପର୍କରେ ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ କହିଛନ୍ତି, ହାଇକୋର୍ଟଙ୍କ ପକ୍ଷରୁ ସରକାରଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦିଆଯାଉଛି। ହେଲେ ଅନେକ ସମୟରେ ଏହା କାର୍ଯ୍ୟକାରୀ ହେଉନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଯଦି ସରକାର କାର୍ଯ୍ୟକାରୀ କରିବେ ନାହିଁ, ତେବେ ସାଧାରଣ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ବରିଷ୍ଠ ଆଇନଜୀବୀ ଶ୍ରୀ ନନ୍ଦ କହିଛନ୍ତି।

# ଖରା ବଢୁବଢୁ ମାଡ଼ିଲା ଜଙ୍ଗଲ ନିଆଁ

## ଦେଶରେ ସବୁଠୁ ଅଧିକ ନିଆଁ ଓଡ଼ିଶାରେ

**ଭୁବନେଶ୍ୱର,୨୭।୨(ସମିସ):** ମାର୍ଚ୍ଚ ଆରମ୍ଭ ନ ହେଉଣୁ ରାଜ୍ୟରେ ତାତି ହୁ ହୁ ହୋଇ ବଢ଼ି ଚାଲିଛି। ଅନେକ ସ୍ଥାନରେ ତାତି ୩୭ ଡିଗ୍ରୀ ଛୁଇଁଲାଣି। ଆସନ୍ତା ଦିନେ କି ଦୁଇ ଦିନରେ ତାତିରେ ଆହୁରି ବୃଦ୍ଧି ସହ ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଉଛି। ଅନ୍ୟପଟେ ତାତି ବୃଦ୍ଧି ସାଙ୍ଗକୁ ରାଜ୍ୟରେ ଜଙ୍ଗଲ ନିଆଁ ସ୍ଥିତି ଚିନ୍ତା ବଢ଼ାଇଛି। ତାତି ସାଙ୍ଗକୁ ଜଙ୍ଗଲ ନିଆଁ ସମପରିମାଣରେ ମାଡ଼ି ଚାଲିଛି। ତାପମାତ୍ରା ବୃଦ୍ଧି ଜଙ୍ଗଲ ନିଆଁକୁ ଖୋରାକ ଯୋଗାଉଥିବାରୁ ଜଙ୍ଗଲରେ ଆଗକୁ ଆଗକୁ ବନାଗ୍ନି ମାଡ଼ି ଚାଲିଛି। ଏମିତି କି ବର୍ତ୍ତମାନ ଜଙ୍ଗଲ ନିଆଁରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ରାଜ୍ୟରେ ଏବେ ୨୫ଟି ସ୍ଥାନରେ ବଡ଼ଧରଣରେ ଜଙ୍ଗଲ ଜଳୁଛି। ଏହାସହିତ ମୋଟ୍ ୩୩୪ଟି ସ୍ଥାନରେ ଛୋଟଧରଣର ନିଆଁ ଲାଗିଥିବା ବନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ନବରଙ୍ଗପୁରର ଝରିଗାଁରେ ୨ ଦିନ ହେବ ୧୦ଟି ସ୍ଥାନରେ ଜଙ୍ଗଲ ନିଆଁ ଜଳୁଥିବା ବେଳେ କାମାକ୍ଷା ନଗର, ମାଲକାନଗିରି, ମୁରିବାହାଲ, ରାଇଘର ଓ



### ୨୫ଟି ସ୍ଥାନରେ ବଡ଼ଧରଣର ଅଗ୍ନିକାଣ୍ଡ

### ମୋଟ୍ ୩୩୪ ସ୍ଥାନରେ ବନାଗ୍ନି ଚିହ୍ନଟ

ରାଇଘର ଓ ରାସଗୋବିନ୍ଦପୁର ଆଦିରେ ୨୪ ଘଣ୍ଟା ହେବ ନିଆଁ ଜଳୁଥିବା ରିପୋର୍ଟରୁ ଜଣାପଡ଼ିଛି। ଓଡ଼ିଶା ତଳକୁ ପଶ୍ଚିମବଙ୍ଗରେ ୨୨ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଥିବା ବେଳେ ଆନ୍ଧ୍ରପ୍ରଦେଶରେ ୧୦ ଓ ଛତିଶଗଡ଼ରେ ୮ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଛି। ଦେଶରେ ବର୍ତ୍ତମାନ ମୋଟ୍ ୮୭ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଛି।

ରାଜ୍ୟରେ ଜଙ୍ଗଲ ନିଆଁ ଯୋଗୁଁ ୨୦୨୫ ମସିହାରେ ୪୬୦୯.୩୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ୨୯୭୦୯ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିଲା। ଅନ୍ୟପଟେ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ଏଥର ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆକ୍ସନ ପ୍ଲାନ ତିଆରି ସରିଛି। ପୂର୍ବରୁ ଥିବା ପୁରୁଣା ଫାୟାର ଲାଇନକୁ ସଜଡ଼ା ଯିବା ସହ ନୂଆ ଫାୟାର ଲାଇନ ସୃଷ୍ଟି କରାଯାଇଛି। ଏହାସହିତ ଫାୟାର ଫାଇଟିଂ ସ୍କ୍ୱାଡ୍ ନିୟୋଜନ କରାଯାଇଥିବା ବେଳେ ରିଅଲ ଟାଇମ୍ ଆଧାରରେ ନିଆଁ ଆଲର୍ଟ ପାଇଁ ବିଟ୍ ସ୍ତର ପର୍ଯ୍ୟନ୍ତ ମୋବାଇଲ ପଞ୍ଜିକୃତ ହୋଇଛି। ଜଙ୍ଗଲ ନିଆଁ ପ୍ରଶମିତ ପାଇଁ ଶିମିଳିପାଳ ଜଙ୍ଗଲରେ ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ମୁକାବିଲା ପାଇଁ ବନ ବିଭାଗ ଗୁରୁତ୍ୱ ଦେଉଛି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୨- ମିଶରକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରାଗଲା।
- ୧୯୩୬- କମଳା ନେହରୁଙ୍କ ଦେହାନ୍ତ।
- ୧୯୬୩- ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦେହାନ୍ତ।
- ୨୦୧୩- ପୋପ୍ ବେନେଡିକ୍ଟ ୧୬ ନିଜ ପଦରୁ ଇସ୍ତଫା ଦେଲେ।

# ଅବ୍ବାସଙ୍କ ଫିଲ୍ମର ସୁଟିଂ ଆରମ୍ଭ କଲେ ଆହାନ୍



ବଲିଉଡ୍‌ର ନବାଗତ ଅଭିନେତା ଆହାନ୍ ପାଣ୍ଡେଙ୍କ ପାଇଁ ୨୦୨୫ ବର୍ଷ ସଫଳ ସାବ୍ୟସ୍ତ ହୋଇଛି। ମୋହିତ୍ ସୂରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସୈୟାରା'ରେ ସେ ବଲିଉଡ୍‌ରେ ପାଦ ଦେଇଥିଲେ। 'ସୈୟାରା' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏଥିରେ ତାଙ୍କ ବିପକ୍ଷରେ ଅନିତ୍ ପଡ୍ଡା ଦେଖାଯାଇଥିଲେ। ଏବେ ଆହାନ୍, ଅଲ୍ଲୀ ଅବ୍ବାସ୍ ଜାଫର୍‌ଙ୍କ ଏକ ଆକ୍ସନ୍ ଫିଲ୍ମରେ କାମ କରୁଛନ୍ତି। ଇତିମଧ୍ୟରେ ସେ ଏହାର ସୁଟିଂ ମଧ୍ୟ ଆରମ୍ଭ କରିଛନ୍ତି। ତେବେ ଆହାନ୍‌ଙ୍କର ପ୍ରଥମ ଫିଲ୍ମର ବିଜିନେସ୍‌କୁ ଦେଖି ଦର୍ଶକେ ତାଙ୍କର ଦ୍ୱିତୀୟ ଫିଲ୍ମକୁ ନେଇ ମଧ୍ୟ ବେଶ୍ ଆଶାବାଦୀ ଅଛନ୍ତି। ଏହି ଫିଲ୍ମରେ ଆହାନ୍‌ଙ୍କ ବିପକ୍ଷରେ ଶରବରି ୱାଗ୍ ଦେଖାଯିବେ। ଏହାର ପ୍ରଥମ ସିଡ୍ୟୁଲର ସୁଟିଂ ମୁମ୍ବାଇରେ ମାସେ କାଳ ହେବ। ନିକଟରେ ଅଲ୍ଲୀ ଅବ୍ବାସ ଜାଫର ଆହାନ୍‌ଙ୍କ ସହ ତାଙ୍କର ଏକ ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଥିଲେ। ଆହାନ୍ ଏକ ଲେଦର୍ ଜ୍ୟାକେଟ୍‌ରେ ଦେଖାଯାଇଥିଲେ। ସେହିଭଳି ଅଲ୍ଲୀ ଅବ୍ବାସ୍ ଜାଫର୍ ମଧ୍ୟ ଲେଦର୍ ଜ୍ୟାକେଟ୍ ପିନ୍ଧି ତାଙ୍କ ଉପରେ ହାତ ରଖିଥିବାର ଦେଖାଯାଇଥିଲେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଆହାନ୍ ଏହି ଫିଲ୍ମର ଏକ ଆକ୍ସନ୍ ସିନ୍‌ର ସୁଟ୍ ପାଇଁ ଆସନ୍ତା ମେ' ମାସରେ ଲଣ୍ଡନ ଯିବେ। ଏଥିପାଇଁ ସେ ହତିଆର ଚଳାଇବା ତାଲିମ ମଧ୍ୟ ନେଉଛନ୍ତି। ଏଥିରେ ଆହାନ୍ 'ସୈୟାରା' ଫିଲ୍ମରୁ ପୂରା ଅଲଗା ଅନ୍ଦାଜରେ ଦେଖାଯିବେ। ଏହି ଫିଲ୍ମର ଟାଇଟଲ୍ ଏଯାବତ୍ ସ୍ଥିର କରାଯାଇନାହିଁ।

# ପିଏଚ୍‌ଡିଧାରୀଙ୍କୁ ଟୋପି ଓ ଖଣ୍ଡା



ସାଧାରଣତଃ ପିଏଚ୍‌ଡି ଶେଷ ହେବା ପରେ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ମିଳିଥାଏ। ହେଲେ ଫିନ୍‌ଲ୍ୟାଣ୍ଡରେ ପିଏଚ୍‌ଡି କରିଥିବା ଛାତ୍ରଙ୍କୁ ଡିଗ୍ରୀ ସହିତ କଳା ରଙ୍ଗର ଏକ ରେଶମୀ ଟୋପି ସହ ଏକ ଖଣ୍ଡା ଦିଆଯାଏ। ଏହି ପରମ୍ପରା ଏଠାରେ ସତର ଶହ ଶତାବ୍ଦୀରୁ ପ୍ରଚଳିତ। ଆଜିବି ଏହାକୁ ସସମ୍ମାନେ ପାଳନ କରାଯାଉଛି। ଏହି ଟୋପି ଶିକ୍ଷା କ୍ଷେତ୍ରରେ ସ୍ୱାଧୀନତା ଏବଂ ସ୍ୱାଧୀନ ଚିନ୍ତାଧାରାକୁ ସୂଚାଇଥାଏ। ପ୍ରତ୍ୟେକ ଛାତ୍ରଙ୍କ ମୁଣ୍ଡର ମାପ ଅନୁସାରେ ଟୋପି ତିଆରି କରାଯାଏ। ଏହାସହ ଅଲଗା ଅଲଗା ବିଷୟ ହିସାବରେ ଟୋପିର ରଙ୍ଗ ବଦଳିପାରେ। କଳାର ଛାତ୍ରମାନେ ମୁଖ୍ୟତଃ କଳା ଟୋପି ପିନ୍ଧନ୍ତି। ସେହିପରି ମେଡିସିନ୍‌ର ଛାତ୍ରମାନେ ସବୁଜ ରଙ୍ଗ ଟୋପି ପିନ୍ଧିଥାନ୍ତି। ଏହି ଟୋପି ଜୀବନ ତମାମର ଉପଲବ୍ଧି ତଥା ସଫଳତାର ପ୍ରତୀକକୁ ବୁଝାଏ। ଅନ୍ୟପଟେ ପିଏଚ୍‌ଡି ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କୁ ଖଣ୍ଡା ମଧ୍ୟ ଔପଚାରିକତା ଦୃଷ୍ଟିରୁ ଦିଆଯାଏ। ଏହାର ଅର୍ଥ ଗବେଷକଙ୍କ କାମ ସତ୍ୟ ଓ ଜ୍ଞାନର ରକ୍ଷା କରିବା। ଏହି ଖଣ୍ଡାରେ ଫିନ୍‌ଲ୍ୟାଣ୍ଡର ଜାତୀୟ ଚିହ୍ନ ଥାଏ। ଏହା ବୌଦ୍ଧିକ ସାହସର ପ୍ରତୀକ ବୋଲି କୁହାଯାଏ। ଫିନ୍‌ଲ୍ୟାଣ୍ଡରେ ପିଏଚ୍‌ଡି ପ୍ରଦାନ ପାଇଁ ଆୟୋଜିତ ଉତ୍ସବକୁ କନଫର୍ମେଣ୍ଟ ଆକ୍ଟ କିମ୍ବା ପ୍ରୋମୁସିଓ କୁହାଯାଏ। ଏହା ବହୁ ବର୍ଷର ପୁରୁଣା ପରମ୍ପରା। ଆଜି ବି ଏହା ଫିନ୍‌ଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପାଳନ କରାଯାଉଛି। ଏଥିରେ ଟୋପି ଏବଂ ଖଣ୍ଡାକୁ ଔପଚାରିକ ଭାବେ ପ୍ରଦାନ କରାଯାଏ। ଏହା ହିଁ ହେଉଛି ଏହି ପରମ୍ପରାର ବିଶେଷତ୍ୱ। ତେବେ ମୁଖ୍ୟ ସମାରୋହ ପୂର୍ବରୁ ଏକ ବିଶେଷ ରୀତିନୀତି ଅଛି, ଯାହାକୁ ସୋର୍ଡ ୱେଟିଂ କୁହାଯାଏ। ଏଥିରେ ପିଏଚ୍‌ଡିଧାରୀମାନେ ହାତରେ ଖଣ୍ଡା ଧରିଥାନ୍ତି। ଅବଶ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଟୋପି ଏବଂ ଖଣ୍ଡା ପାଇଁ ଛାତ୍ରଙ୍କଠାରୁ ଟଙ୍କା ନିଆଯାଏ। ତେଣୁ ଅଧିକାଂଶ ଛାତ୍ର ଏହାକୁ ନିଜେ କିଣିଥାନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ଟୋପିଗୁଡ଼ିକର ଦାମ୍ ୬୦୦ରୁ ୧୦୦୦ୟୁରୋ ମଧ୍ୟରେ ହୋଇଥାଏ। ସେହିପରି ଖଣ୍ଡାର ଦାମ୍ ୨୫୦ରୁ ୫୦୦ ୟୁରୋ ମଧ୍ୟରେ ଆସିଥାଏ। ଦାମ୍ ଅଧିକ ହେଲେ ବି ଛାତ୍ର ଏହାକୁ ଖୁସିରେ କିଣିଥାନ୍ତି। କାରଣ ଏହା ହେଉଛି ସେମାନଙ୍କର ପରିଶ୍ରମ ଏବଂ ସଫଳତାର ପ୍ରତୀକ।

# ଜାତୀୟ ବିଜ୍ଞାନ ଦିବସ



ଭାରତରେ ପ୍ରତିବର୍ଷ ୨୮ ଫେବୃଆରୀକୁ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଏ। ବୈଜ୍ଞାନିକମାନଙ୍କ ସମାଜ ପ୍ରତି ଅବଦାନକୁ କୃତଜ୍ଞତା ଜଣାଇବା ତଥା ବିଜ୍ଞାନ ଶିକ୍ଷାକୁ ଆଗକୁ ନେବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମୁଖ୍ୟତଃ ରମଣ ଇଫେକ୍ଟ ବା ରମଣ ପ୍ରଭାବର ଆବିଷ୍କାରକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଆମ ଦେଶର ମହାନ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣ ୧୯୨୮ ମସିହା ଫେବୃଆରୀ ୨୮ ତାରିଖ ଦିନ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଆବିଷ୍କାର କରିଥିଲେ। ଏହା ଆଲୋକ ବିଚ୍ଛୁରଣ ଉପରେ ପର୍ଯ୍ୟବେସିତ ଥିଲା ଏବଂ ଏହି ଆବିଷ୍କାରକୁ ତାଙ୍କ ନାମାନୁସାରେ 'ରମଣ ପ୍ରଭାବ' କୁହାଯାଉଛି। ଏହି କୃତିତ୍ୱ ପାଇଁ ତାଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ସେ ଥିଲେ ଏସିଆ ମହାଦେଶର ପ୍ରଥମ ବୈଜ୍ଞାନିକ। ଏଣୁ ତାଙ୍କ ସମ୍ମାନରେ ଫେବୃଆରୀ ୨୮ ତାରିଖକୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଉଛି। ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗମନାଗମନ, ସୂଚନା ପ୍ରଯୁକ୍ତି ଆଜି ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ବହୁଳ ବ୍ୟବହାର ବଢ଼ି ଚାଲିଛି। ଦେଶରେ ବିଜ୍ଞାନର ପ୍ରଚାର ଓ ପ୍ରସାର କରି ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ତଥା କୁସଂସ୍କାର ଦୂର କରିବା ହେଉଛି ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପଢ଼ା ପ୍ରତି ଆକୃଷ୍ଟ କରିବା, ସାଧାରଣ ଭାବେ ଲୋକମାନଙ୍କୁ ବିଜ୍ଞାନମନସ୍କ କରିବା ହେଉଛି ଏହାର ଅନ୍ୟତମ ଲକ୍ଷ୍ୟ। ତେବେ ୧୯୮୭ ମସିହାରେ ପ୍ରଥମ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଯାହାର ମୂଳ ଲକ୍ଷ୍ୟ ହେଉଛି ବିଜ୍ଞାନର ପ୍ରଚାରପ୍ରସାର। ବିଶେଷକରି ଲୋକମାନଙ୍କୁ ବିଜ୍ଞାନଭିତ୍ତିକ ଗବେଷଣା, ଆବିଷ୍କାର ଏବଂ ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ଉପରେ ବୁଝାଇବା। ସି .ଭି. ରମଣ, ସତ୍ୟେନ୍ଦ୍ରନାଥ ବୋଷ, ଜଗଦୀଶ ଚନ୍ଦ୍ର ବୋଷ ଓ ମେଘନାଦ ଶାହା ଭାରତୀୟ ବିଜ୍ଞାନକୁ ମାର୍ଗ ଦେଖାଇଛନ୍ତି। ବିଶ୍ୱ ବିଜ୍ଞାନ ଦରବାରରେ ଭାରତକୁ ଅଧିଷ୍ଠିତ କରିବାରେ ସେମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନ ଯୋଗୁଁ ଦୈନନ୍ଦିନ ଜୀବନ ଅଧିକ ଉନ୍ନତ ଓ ସହଜ ହୋଇପାରିଛି। ରୋବଟ୍, କମ୍ପ୍ୟୁଟର, ମୋବାଇଲର ଉଦ୍ଭାବନ ବିଜ୍ଞାନ ପାଇଁ ସମ୍ଭବ ହୋଇପାରିଛି। ବିଜ୍ଞାନର ବିକାଶ ଆମ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛି। ମହାକାଶ ବିଜ୍ଞାନ ଦୌଡ଼ରେ ସୁପର୍‌ପାୱାରଙ୍କ ସମକକ୍ଷ ହେବା ଲାଗି ଏବେ ଭାରତ ଅଗ୍ରସର ହୋଇଛି। ଶିଳ୍ପରେ ବି ବିଶ୍ୱସ୍ତରରେ ଭାରତ ଅଭୂତପୂର୍ବ ସଫଳତା ପାଇବାରେ ଲାଗିଛି। ଏହିଦିନ ସ୍କୁଲ, କଲେଜ ଓ ବିଜ୍ଞାନ ଅନୁଷ୍ଠାନଗୁଡ଼ିକରେ ବିଜ୍ଞାନ ସମ୍ବନ୍ଧରେ ବିଭିନ୍ନ ଆଲୋଚନା, କୁଇଜ୍ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ହୋଲି



**ପ୍ରଶାନ୍ତ କୁମାର ସାହୁ**

ଦାନବ ରାଜନ ହିରଣ୍ୟକଶିପୁ
ଥିଲା ବିଷ୍ଣୁଦ୍ରୋହୀ ରାଜା,
ବିଷ୍ଣୁ ଉପାସକ ପ୍ରଜାଙ୍କୁ ସେ ଧରି
ଦେଉଥିଲା କେତେ ସଜା।
ନିସ୍ତାର ପାଇନି କୁଳ ଚନ୍ଦ୍ରମଣି
ପ୍ରହ୍ଲାଦ ରାଜକୁମାର,
ବିଷ୍ଣୁ ଭକ୍ତ ବୋଲି ପାଇଛି କଷଣ
ଅନେକ ଜୀବନେ ତା'ର।
ଡିଙ୍କିର ପାହାର କରିଅଛି ସହ୍ୟ
ସହିଛି ସର୍ପ ଦଂଶନ,
ପାହାଡ଼ୁ ପଡ଼ିଛି ଦନ୍ତା ଦଳିଅଛି
ହେଲାନି ତା'ର ମରଣ।
କ୍ରୋଧେ ଜର୍ଜରିତ ହିରଣ୍ୟକଶିପୁ
ଡାକିଲା ଭଗ୍ନୀ ହୋଲିକା,
କୋଳେ ଧରି ତାକୁ ଅଗ୍ନିରେ ବସିବ
ଅନ୍ତ ହେବ ଯବନିକା।
ହୋଲିକା ରାକ୍ଷସୀ ପାଇଅଛି ବର
ଅନଳେ ନୋହିବ ଦାହ,
ବିଷ୍ଣୁ ମାୟା ଏ ଯେ ସେ କାହୁଁ ବୁଝିବ
ଜଳିଗଲା ତା'ର ଦେହ।
ଥିଲା ସୁରକ୍ଷିତ ପ୍ରହ୍ଲାଦ କୁମାର
ତୁଣ୍ଡେ ଥିଲା ବିଷ୍ଣୁ ନାମ,
ସେହି ଦିନୁ ଜନେ ପାଳନ୍ତି ପରବ
ହୋଲି ପର୍ବ ସେହି ଜାଣ।
ଆସ ସର୍ବ ଜନ ହୋଇ ଏକତ୍ରିତ
ପାଳିବା ହୋଲି ପରବ,
ରଙ୍ଗ ବେରଙ୍ଗର ଅବିର ଖେଳରେ
ରଖିବା ତା'ର ଗରବ।
ସ୍ନେହ ମମତାରେ ବାନ୍ଧି ହୋଇଯିବା
ଭାତୃଭାବ ହୃଦେ ବହି,
ନ ଥିବ କଷଣ ନ ଥିବ ଶୋଷଣ
ସ୍ୱର୍ଗପୁର ହେବ ମହୀ। ■

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ



# ପ୍ରହେଳିକା

- ଦୋଳ ପୁନେଇଁର ପର ଦିନରେ
ପର୍ବଟିଏ ଆସେ ଆମ ଦେଶରେ
ରଙ୍ଗ ଅବିରକୁ ଦେହରେ ବୋଳି
ସଭିଏଁ ଖେଳନ୍ତି ହୋଇଣ ମେଳି
ମହାନ ପରବ ସିଏ
ଭେଦଭାବ ଭୁଲି ସଭିଏଁ ଖେଳନ୍ତି
କୁହ ତା'ର ନାମ କିଏ।

ଉତ୍ତର-ହୋଲି

- ନାଲି ନୀଳ ଅବା ରଙ୍ଗ ସବୁଜ
ଲାଗଇ ସତେକି ପଞ୍ଚ ମୁରୁଜ
ସେ ରଙ୍ଗକୁ ସର୍ବେ ଦେହରେ ବୋଳି
ଆନନ୍ଦ ଉଲ୍ଲାସେ ଖେଳନ୍ତି ହୋଲି
ନୁହେଁ ରସାୟନ ସିଏ
ଜୈବିକ ଦରବେ ଗଢ଼ା ସେହି ଚୂର୍ଣ୍ଣ
କୁହ ତା'ର ନାମ କିଏ।

ଉତ୍ତର-ଅବିର

- ପ୍ଲାଷ୍ଟିକ୍‌ରେ ଗଢ଼ା ଶରୀର ତା'ର
ହୋଲିରେ ତାହାର ଭାରି ଆଦର
ପାଣି ଗୋଳା ରଙ୍ଗ ତା'ମଧ୍ୟେ ଭରି
ପିଲାଏ ଖେଳନ୍ତି ହାତରେ ଧରି
ଭାରି ମନୋହର ସିଏ
ତାକୁ ଚିପିଦେଲେ ରଙ୍ଗ ଝରିପଡ଼େ
କୁହ ତା'ର ନାମ କିଏ।

ଉତ୍ତର-ପିଚକାରୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



# ସଭିଏଁ ଖେଳିବା ମିଳି



**ସୁହଂସ ଭୋଇ**

ସବୁଠୁ ନିଆରା ହସଖୁସି ଭରା
ରଙ୍ଗର ପରବ ହୋଲି,
ବରଷକେ ଥରେ ଆସେ ଆମ ପାଶେ
ଧରି ସ୍ନେହ ରଙ୍ଗ ଥାଳି।
ଆସ ସାଙ୍ଗ ସାଥି ଭେଦଭାବ ଭୁଲି
ସଭିଏଁ ଖେଳିବା ମିଳି,
ମନ ସାଥେ ମନ ମିଶିଗଲେ ଆଜି
ରାଗ ରୋଷ ଯିବ ଚାଲି।
ଖେଳିବା ସମୟେ ଧ୍ୟାନ ଦେବା ସର୍ବେ
ଆଖି କାନ ନାକ ପ୍ରତି,
ରସାୟନ ରଙ୍ଗ ବାରଣ କରିବା
ନ ରହିବ ମନେ ଭୀତି।
ଦେହେ ସଫା ଲୁଗା ମୁଣ୍ଡେ ଟୋପି ଟିଏ
ପାଦରେ ଯୋତାକୁ ବାନ୍ଧି,
ଗୀତ ଗାଇ ଗାଇ ମଉଜ କରିବା
ହାତକୁ ହାତରେ ଛନ୍ଦି।
ପ୍ରିୟ ଗୁରୁଜନେ ମୁଣ୍ଡିଆ ମାରିବା
ଅବିର ଟିକିଏ ବୋଳି,
ସମାଦାରେ ଭାଇ ଭଉଣୀ ସହିତେ
ହେବା ଆମେ କୋଳାକୋଳି।
ଏମିତି ଅନେକ ପରବ ଆମକୁ
ରଖିଛି ଏକାଠି କରି,
ଭାଇଚାରା ବାଣ୍ଟି ପାଳନ କରିବା
ମନରେ ହରଷ ଭରି। ■

ପହଣ୍ଡି, ବିଜେପୁର, ବରଗଡ଼

## ସୁମନ

# ବାରମାସୀ ରାକ୍ଷସ



**ରାଜେଶ୍ ରାୟ**

ଜଙ୍ଗଲରେ ମାୟାବୀ ରାକ୍ଷସଟିଏ ରହୁଥିଲା। ନାଁ ତାର ବାରମାସୀ। ଏମିତି ନାଁ ହେବାର କାରଣ ହେଉଛି, ବର୍ଷକ ବାରମାସ ସେ ବେଶ ବଦଳାଉଥିଲା ଏବଂ ମନଇଚ୍ଛା ହରିଣ, ଠେକୁଆ, ଘୁଷୁରୀ, ମଇଁଷି ଆଦିକୁ ନେଇ ଖାଉଥିଲା। ତା'ର ବିକଟାଳ ରୂପ ଦେଖି ସମସ୍ତେ ଭୟରେ ଥରୁଥିଲେ ଏବଂ ପାଖକୁ ଆସି ଶରଣ ପଶୁଥିଲେ। ଏମିତିକି ଜଙ୍ଗଲର ରାଜା ସିଂହ ବି ବାରମାସୀ ରାକ୍ଷସର ରଡ଼ିରେ ଗୁମ୍ଫା ଭିତରେ ଲୁଚି ରହୁଥିଲା। ଦିନକର କଥା, ସେଦିନ ଚାରିଆଡ଼େ ହୋଲି ପର୍ବ ପାଳନ କରାଯାଉଥାଏ। ବାରମାସୀ ଜଙ୍ଗଲ ପାଖରେ ଥିବା ବସ୍ତିକୁ ଯାଇ ଦେଖିଲା ଲୋକମାନେ ଆନନ୍ଦରେ ରଙ୍ଗ ଖେଳୁଛନ୍ତି ଓ ପରସ୍ପରକୁ ରଙ୍ଗ ଲଗାଇ ଅଭିବାଦନ ଜଣାଉଛନ୍ତି। ଏ ସବୁ ଦେଖି ସେ ଭାବିଲା, ମୁଁ ବି ରଙ୍ଗ ଖେଳିବି ଓ ଜଙ୍ଗଲର ସବୁ ଜୀବମାନଙ୍କୁ ରଙ୍ଗ ଲଗେଇବି। ଏହାଦ୍ୱାରା ସମସ୍ତେ ମତେ ଭଲ ବୋଲି କହିବେ ଏବଂ ମୋର ସବୁକଥା ମାନିବେ। ତା ପରେ ସେ ବେଶ ବଦଳାଇ ଜଣେ ସାଧାରଣ ମଣିଷର ରୂପ ଧରିଲା। ବସ୍ତିକୁ ଯାଇ ଲୋକମାନଙ୍କ ସହ ମିଶି ରଙ୍ଗ ଖେଳିଲା ଏବଂ ହାତରେ ରଙ୍ଗ ପୁଡ଼ିଆଟେ ଧରି ହସି ହସି ଜଙ୍ଗଲକୁ ଆସିଲା। ସବୁ ଜୀବମାନେ ବାରମାସୀକୁ ଏତେ ଖୁସି ହେବାର କେବେ ଦେଖି ନ ଥିଲେ। ପାଖରେ ଥିବା ଗୋଟିଏ ଠେକୁଆକୁ ବାରମାସୀ ପଚାରିଲା " କିରେ , ସତ କହିଲୁ ମତେ ଜଙ୍ଗଲରେ କେହି ଡରନ୍ତି ନା ନାହିଁ ?" ଠେକୁଆ ଥରି ଥରି ଉତ୍ତର ଦେଲା " ଆଜ୍ଞା ହଜୁର୍, ଆପଣ ତ ଆମର ସ୍ୱାମୀ। ଆପଣଙ୍କୁ ପୁଣି କିଏ ନ ଡରିବ ଯେ !" । ଏଥର ବାରମାସୀ କହିଲା " ହଉ ଠିକ୍ ଅଛି, ଏବେ ସମସ୍ତଙ୍କୁ ଯାଇ ଡାକିଦିଅ, ମୁଁ ଆଜି ବହୁତ୍ ଖୁସି ଅଛି , ଆମେ ସାଙ୍ଗ ହୋଇ ସମସ୍ତେ ରଙ୍ଗ ଖେଳିବା, ଆଜି ମୁଁ କାହାକୁ ଖାଇବିନି। ଏକଥା ଶୁଣି ଠେକୁଆ ଭୟରେ ଯାଇ ସବୁ ଜୀବମାନଙ୍କୁ ବାରମାସୀର ଆଦେଶ କଥା ଜଣାଇଲା। ଇଚ୍ଛା ନ ଥିଲେ ବି ଜୀବନ ବିକଳରେ ସମସ୍ତେ ଆସି ପହଞ୍ଚିଲେ। ବାରମାସୀ ହାତରେ ଧରିଥିବା ରାସାୟନିକ ରଙ୍ଗକୁ ସମସ୍ତଙ୍କ ଦେହରେ ବୋଳିଲା ଏବଂ ନିଜେ ମଧ୍ୟ ରଙ୍ଗ ବୋଳି ହୋଇ ଖୁସିରେ ଗୀତ ଗାଇ ନାଚିଲା। ରଙ୍ଗ ଲାଗିବା ପରେ ଜୀବମାନଙ୍କ ଦେହ ଯନ୍ତ୍ରଣାରେ ଜଳୁଥାଏ କିନ୍ତୁ ଭୟରେ କେହି କିଛି କହିପାରୁ ନଥାନ୍ତି। ହୋଲି ସରିବା ପରେ ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ। କିଛିଦିନ ପରେ ବାରମାସୀ ଆସି ଠେକୁଆକୁ କହିଲା, ଆଜି ମୁଁ ହରିଣ ଖାଇବି , ଜଲଦି ମୋ ପାଖକୁ ଆଣ। ଠେକୁଆ କିନ୍ତୁ କିଛି ନ କହି ନୀରବରେ ଗୋଟିଏ ଜାଗାରେ ଛିଡ଼ା ହୋଇଥାଏ। ବାରମାସୀ ରାଗି ଯାଇ ହୁଁ କିନା ରଡ଼ି ଛାଡ଼ିଲା , " କିରେ ମୋ କଥାକୁ ଅବମାନନା କରୁଛ! ସମସ୍ତଙ୍କୁ ଖାଇଯିବି। ଠେକୁଆ ଭୟରେ ହାତ ଯୋଡ଼ି କହିଲା " ହଜୁର, ଆଉ କେହି ଜଙ୍ଗଲରେ ଥିଲେ ସିନା ଆପଣ ଖାଇବେ ! ଏମିତି ତ ଆପଣଙ୍କ ଭୟରେ ଅନେକ ଜୀବ ଧୀରେ ଧୀରେ ଜଙ୍ଗଲ ଛାଡ଼ି ଦେଇଛନ୍ତି କିନ୍ତୁ ସେଦିନ ଆପଣଙ୍କୁ ବହୁ ମନା କରିବା ପରେ ବି ଆପଣ ସମସ୍ତଙ୍କ ଦେହରେ ରଙ୍ଗ ବୋଳିଲେ। ଜୀବମାନଙ୍କ ଦେହରେ ରାସାୟନିକ ରଙ୍ଗ ଲାଗିବା ଯୋଗୁ ସେମାନଙ୍କ ଚର୍ମ ଘା ହୋଇ ଫାଟିଗଲା। ତେଣୁ କିଛି ଜୀବ ଯନ୍ତ୍ରଣାରେ ଛଟ ପଟ ହୋଇ ମରିଗଲେ ଏବଂ ଆଉ କିଛି ଭୟରେ ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଲୋକମାନେ ସିନା ପାଣିରେ ଗାଧୋଇ ନିଜ ଦେହର ରଙ୍ଗକୁ ଛଡ଼ାଇ ଦେବେ ହେଲେ ଆମେ ଜୀବମାନେ କଣ କରିବୁ ? ତେଣୁ ଏହି ରାସାୟନିକ ରଙ୍ଗକୁ ହୋଲିରେ ବ୍ୟବହାର କରିବା ଠିକ୍ ନୁହେଁ।" ଏକଥା କହି ଠେକୁଆଟି ବାରମାସୀ ସାମ୍ନାରେ ଛଟପଟ ହୋଇ ମରିଗଲା। ସବୁଦେଖି ବାରମାସୀ ଏକଦମ୍ କାଠ ହୋଇ ଛିଡ଼ା ହୋଇଥାଏ, ଆଉ ଭାବୁଥାଏ ମୁଁ ଏ କଣ କରିଦେଲି! ■

ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ








**ବେଦବ୍ରହ୍ମା ପାଢ଼ୀ**
ଏଲକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ମିହିକା ଶାହ**
ପଞ୍ଚମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ୍
ଦେଓଘର, ଝାଡ଼ଖଣ୍ଡ





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





**ଆରାଧ୍ୟା ପୁଷ୍ପାଳକ**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ

### ଟି-୨୦ ବିଶ୍ୱକପ୍ ସୁପର-୮ : ଇଂଲଣ୍ଡର ହ୍ୟାଟ୍ରିକ୍ ବିଜୟ

# ନ୍ୟୁଜିଲାଣ୍ଡ ପରାସ୍ତ; ପାକିସ୍ତାନ ଆଶା ବଢ଼ିଲା

କଲମ୍ବୋ, ୨୭ ।୨ (ଏଜେନ୍ସି)



ଚଳିତ ଆଇସିସି ଟି-୨୦ ବିଶ୍ୱକପ୍ ସୁପର୍-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶୁକ୍ରବାର ଇଂଲଣ୍ଡ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଏଥିସହ ଇଂଲଣ୍ଡ ସୁପର-୮ରେ ହ୍ୟାଟ୍ରିକ ବିଜୟ ସହ ୬ ପଏଣ୍ଟ ପାଇ ସେମିଫାଇନାଲରେ ପହଞ୍ଚିଛି । ଅପରପକ୍ଷରେ ନ୍ୟୁଜିଲାଣ୍ଡ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ବାତିଲ ସହ ୩ ପଏଣ୍ଟ ପାଇ ଗ୍ରୁପ୍-୨ରେ ଇଂଲଣ୍ଡ ପଛକୁ ୨ୟ ସ୍ଥାନରେ ରହିଛି । ନ୍ୟୁଜିଲାଣ୍ଡର ସେମିଫାଇନାଲ ଖେଳିବା ଆଶା ଏବେ ଶନିବାର ହେବାକୁ ଥିବା ପାକିସ୍ତାନ-ଶ୍ରୀଲଙ୍କା ମ୍ୟାଚ୍ ଉପରେ ନିର୍ଭର କରୁଛି । ଯଦି ପାକିସ୍ତାନ ବଡ଼ ବ୍ୟବଧାନରେ ବିଜୟୀ ହୁଏ ତେବେ ସେମିଫାଇନାଲକୁ ଉଠିବାର ସମ୍ଭାବନା ରହିଛି । କିନ୍ତୁ ଯଦି ଶ୍ରୀଲଙ୍କା ବିଜୟୀ ହୁଏ ତେବେ ନ୍ୟୁଜିଲାଣ୍ଡ ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବ ।

ଗ୍ରୁପ୍-୨'ର ଏହି ମୁକାବିଲାରେ ଇଂଲଣ୍ଡ ବୋଲର ପ୍ରଭାବୀ ଓ ମାପଚୁପ ବୋଲିଂ କରିଥିଲେ । ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୭ ୱିକେଟ୍ ହରାଇ ୧୫୯ ରନ କରିଥିଲା । ଗ୍ଲେନ ଫିଲିପ୍ସ ୩୯, ଟିମ୍ ସେଇଫର୍ଟ ୩୫, ଫିନ ଆଲେନ ୨୯, ରାଚିନ ରବୀନ୍ଦ୍ର ୧୧, ମାର୍କ ଚାପମାନ ୧୫, କୋଲ ମ୍ୟାକୋଞ୍ଚି ୧୪, ଅଧିନାୟକ ସାଣ୍ଟନର ଅପରାଜିତ ୯ ରନ କରିଥିଲେ । ବୋଲିଂରେ ଇଂଲଣ୍ଡ ପାଇଁ ଆଦିଲ ରଶିଦ, ଜ୍ୟାକବ ବେଥେଲ ଓ ରେହାନ ଅହମ୍ମଦ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ଇଂଲଣ୍ଡ ଦୁଇ ରନରେ ଦୁଇ ଓପନର୍ ଫିଲ ସଲ୍ଟ (୨) ଓ ଜୋଶ ବଟଲର୍ (୦)ଙ୍କ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ତେବେ ପରବର୍ତ୍ତୀ ବ୍ୟାଟରଙ୍କ ମିଳିତ ପ୍ରଦର୍ଶନ ବଳରେ ଇଂଲଣ୍ଡ ୩ଟି ବଲ୍ ବାକି ଥାଇ ୬ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ୱିଲ ଜ୍ୟାକ୍ ୧୮ ବଲରେ ୩୨ ରନ ଓ ରେହାନ ଅହମ୍ମଦ ୭ ବଲରେ ୧୯ ରନର ଅପରାଜିତ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ଟମ୍ ବାଣ୍ଟନ ୩୩, ଅଧିନାୟକ ହ୍ୟାରୀ ବ୍ରୁକ ୨୬, ସାମ୍ କରାନ ୨୪, ଜାକବ ବେଥେଲ ୨୧ ରନର ଅବଦାନ ରଖିଥିଲେ । ରାଚିନ ରବୀନ୍ଦ୍ରଙ୍କୁ ୩ଟି ୱିକେଟ୍ ମିଳିଥିଲା । ତେବେ ଲକି ଫର୍ଗୁସନ ଓ ମ୍ୟାନ ହେନରୀଙ୍କ ଭଳି ପ୍ରମୁଖ ବୋଲରଙ୍କୁ ବୋଲିଂ ନ ଦେବା ଭଳି ନିଷ୍ପତ୍ତି ନ୍ୟୁଜିଲାଣ୍ଡ ପରାଜୟର ପ୍ରମୁଖ କାରଣ ରହିଥିଲା । ୧୮ ବଲରେ ୪୩ ରନ ଆବଶ୍ୟକ ହେଉଥିବାବେଳେ ଅଧିନାୟକ ସାଣ୍ଟନର ପାର୍ଟଟାଇମ ବୋଲର ଗ୍ଲେନ ଫିଲିପ୍ସଙ୍କୁ ବୋଲିଂ ଦେଇଥିଲେ । ଏହି ଓଭରରେ ଫିଲିପ୍ସ ୨୨ ରନ ଦେଇଥିଲେ ।

## ପିତୃତ୍ୱ ଅବକାଶରେ ଗଲେ ହେନରୀ

ଚଳିତ ଟି-୨୦ ବିଶ୍ୱକପ୍ ମଝିରୁ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ମ୍ୟାଟ୍ ହେନରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶୁକ୍ରବାର ଏଠାରେ ଇଂଲଣ୍ଡ ବିପକ୍ଷ ସୁପର୍-୮ ମ୍ୟାଚ୍ ଖେଳିସାରିବା ପରେ ହେନରୀ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ । ୩୪ ବର୍ଷୀୟ ହେନରୀଙ୍କ ପତ୍ନୀ ହେଲୀ କାରନ ଦ୍ୱିତୀୟଥର ଲାଗି ମାତୃତ୍ୱ ଲାଭ କରିବାକୁ ଯାଉଛନ୍ତି । ପୂର୍ବରୁ ତାଙ୍କର ଆନାବେଲ୍ ରୋଜ ହେନରୀ ନାମରେ ଏକ କନ୍ୟା ସନ୍ତାନ ରହିଛି । ଏବେ ଦ୍ୱିତୀୟଥର ପିତୃତ୍ୱ ଲାଭ କରିବାକୁ ଯାଉଥିବାରୁ ଏଭଳି ଖୁସିର ମୁହୂର୍ତ୍ତରେ ପରିବାର ସହ ସମୟ ବିତାଇବାକୁ ହେନରୀଙ୍କୁ ସାମୟିକ ବିରତି ମିଳିଛି । ଯଦି ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରେ ତେବେ ସେ ପୁନର୍ବାର ଦଳ ସହ ଯୋଗଦେବେ ବୋଲି ରବ୍ ୱାଲ୍ଟର ସୂଚନା ଦେଇଛନ୍ତି । 'ମ୍ୟାଟ୍ ଓ ହେଲୀଙ୍କ ଦ୍ୱିତୀୟ ସନ୍ତାନର ଆଗମନ ଲାଗି ଆମେ ସମସ୍ତେ ବହୁତ ଉତ୍ସାହିତ ଅଛୁ । ଏହା ସେମାନଙ୍କ ପରିବାର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଆମେ ସେମାନଙ୍କୁ ଶୁଭକାମନା ଜଣାଉଛୁ' ବୋଲି ୱାଲ୍ଟର କହିଛନ୍ତି ।

### ଆଜିର ସୁପର ଏଇଟ୍ସ ମ୍ୟାଚ୍

ICC MEN'S T20 WORLD CUP INDIA & SRI LANKA 2026

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ପାକିସ୍ତାନ-ଶ୍ରୀଲଙ୍କା | ରାତି ୭ଟା | ପାଲେକେଲେ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ରିଙ୍କୁ ସିଂ'ଙ୍କ ପିତୃ ବିୟୋଗ



ଲକ୍ଷ୍ନୌ, ୨୭ ।୨ (ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍ ମଝିରେ ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କୁ ନେଇ ବଡ଼ ଦୁଃଖଦ ଖବର ସାମ୍ନାକୁ ଆସିଛି । ରିଙ୍କୁ'ଙ୍କ ବାପା ଖାନଚାନ୍ଦ ସିଂ ଶୁକ୍ରବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଖାନଚାନ୍ଦ ଗତ ଏକ ବର୍ଷ ହେବ ଲିଭର କ୍ୟାନସର ରେ ପୀଡ଼ିତ ଥିଲେ । ଚଳିତ ସପ୍ତାହ ପ୍ରାରମ୍ଭରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗ୍ରେଟର ନୋଏଡାର ଏକ ହସ୍ପିଟାଲରେ ଖାନଚାନ୍ଦଙ୍କ ଚିକିତ୍ସା ଜାରି ରହିଥିଲା । ତେବେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଖାନଚାନ୍ଦଙ୍କ ଦେହାନ୍ତ ହୋଇଥିଲା । ଏହି ସମୟରେ ରିଙ୍କୁ ଭାରତୀୟ ଦଳ ସହ ଚେନ୍ନଇରେ ଥିଲେ । ଭାରତୀୟ ଦଳ ବିଶ୍ୱକପର ପରବର୍ତ୍ତୀ ମ୍ୟାଚ ଖେଳିବା ଲାଗି ଶୁକ୍ରବାର କୋଲକାତା ଯାତ୍ରା କରଥିଲା । କିନ୍ତୁ ରିଙ୍କୁ ପିତାଙ୍କ ମୃତ୍ୟୁ ଖବର ପାଇବା ପରେ ସଙ୍ଗେ ସଙ୍ଗେ ଆଲିଗଡ଼ସ୍ଥିତ ଘରକୁ ଚାଲିଯାଇଥିଲେ । ପରବର୍ତ୍ତୀ ସମୟରେ ସେ ପିତାଙ୍କ ଶେଷକୃତ୍ୟରେ ଯୋଗ ଦେଇଥିଲେ । ଶବଧାରାରେ ରିଙ୍କୁ ପିତାଙ୍କ କୋକେଇକୁ କାନ୍ଧ ଦେଇଥିଲେ । ସେହିଭଳି ତାଙ୍କ ବଡ଼ ଭାଇ ସୋନୁ ମୁଖାଗ୍ନି ଦେଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ରିଙ୍କୁ'ଙ୍କୁ କ୍ରିକେଟର ଭାବେ ଗଢ଼ି ତୋଳିବାରେ ଖାନଚାନ୍ଦଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଖାନଚାନ୍ଦ ଆଲିଗଡ଼ରେ ସିଲିଣ୍ଡର ଡେଲିଭରି କରି ରିଙ୍କୁ'ଙ୍କୁ ଖେଳିବାରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## କଳିଙ୍ଗରେ ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍ଲେଟିକ୍ସ !

ଭୁବନେଶ୍ୱର, ୨୭ ।୨ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ ଆଉ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ । ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ କରିବା ପାଇଁ ଭାରତୀୟ ଆଥ୍ଲେଟିକ ମହାସଂଘ (ଏଏଫ୍ଆଇ) ନିକଟରେ ଦାବି କରିଥିଲା । ଏଥିଲାଗି ପ୍ରତିଯୋଗିତାର ନିର୍ଦ୍ଦେଶକ ସିକେ ଭାଲସନ ଓ ସାଧାରଣ ସମ୍ପାଦକ ଏ. ଶୁଗୁମାରାନଙ୍କୁ ନେଇ ଗଠିତ ଏସିଆନ ଆଥ୍ଲେଟିକ୍ସ ଆସୋସିଏସନ (ଏଏଏ)ର ଦୁଇ ସଦସ୍ୟବିଶିଷ୍ଟ ଏକ ପ୍ରତିନିଧି ଦଳ ଶୁକ୍ରବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ଇଣ୍ଡୋର ଟ୍ରାକ୍ ପରିଦର୍ଶନ କରିଥିଲେ । '୨୦୨୮ ଏସୀୟ ଇଣ୍ଡୋର ଚାମ୍ପିଅନସିପ୍ ପାଇଁ ଭାରତ ବିଡ୍ କରିଥିବାରୁ ଏହା ଭେନ୍ୟୁ ପରିଦର୍ଶନ ଥିଲା । ଆମେ ଭୁବନେଶ୍ୱରରେ ଥିବା ହୋଟେଲ, ଷ୍ଟାଡିୟମ ଏବଂ ଇଣ୍ଡୋର ସୁବିଧା ଆଦି ସମସ୍ତ ଜିନିଷ ବୁଲି ଦେଖିଲୁ । ରାଜ୍ୟ ସରକାର ମଧ୍ୟ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଆୟୋଜନ କରିବାକୁ ଆଗ୍ରହୀ ରହିଛନ୍ତି । ଯଦି ସବୁକିଛି ଠିକ୍‌ଠାକ୍ ରୁହେ ତେବେ ସେମାନେ ଏଠାରେ ଏସୀୟ ଇଣ୍ଡୋର ଚାମ୍ପିଅନସିପ୍‌କୁ ଆୟୋଜନ କରିବେ' ବୋଲି ଭାଲସନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ମେ ମାସରେ ଏଏଏ'ର କାଉନସିଲ ବୈଠକ ଅନୁଷ୍ଠିତ ହେବ । ଯେଉଁଥିରେ ଏସିଆନ୍ ଇଣ୍ଡୋର ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ଲାଗି ଭେନ୍ୟୁ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଦକ୍ଷିଣ ଏସିଆ ମହାଦେଶର ଏକମାତ୍ର ଇଣ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି ।

## ନୀତେଶଙ୍କୁ 'ମିଷ୍ଟର ଇଣ୍ଡିଆ' ଟାଇଟଲ୍

ଭୁବନେଶ୍ୱର, ୨୭ ।୨ (ସମିସ): ଅଲ୍‌ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟନେସ ଆସୋସିଏସନ ପକ୍ଷରୁ 'ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ-୨୦୨୬' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ଏହି ବଡି ବିଲ୍ଡିଂ ଚାମ୍ପିଅନସିପ୍‌ରେ ବିଦର୍ଭର ନୀତେଶ ଜିତିଛନ୍ତି । ସିନିଅର ମେନସ୍ ଫିଜିକ୍, ସିନିଅର ବଡି ବିଲ୍ଡିଂ, କ୍ଲାସିକ ବଡି ବିଲ୍ଡିଂ, ମହିଳା ବଡି ବିଲ୍ଡିଂ ଓ ଭିନ୍ନକ୍ଷମ ଭଳି ୫ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦ ହଜାର, ୭



ଜୋଶୀ 'ମିଷ୍ଟର ଇଣ୍ଡିଆ' ଟାଇଟଲ୍ ଜିତିଛନ୍ତି । ନୀତେଶ ସିନିଅର ମେନସ୍ ଫିଜିକ୍ସ ସହ ଓଭରଅଲ୍ ଚାମ୍ପିଅନ ହୋଇଥିଲେ । ସେହିଭଳି ପଶ୍ଚିମବଙ୍ଗର ଦେବଯାନୀ କେଶୀ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି । କ୍ଲାସିକ ବଡି ବିଲ୍ଡିଂରେ ବିଦର୍ଭର ପ୍ରନଲ ଲାଙ୍ଗେୱାର ଟାଇଟଲ୍ ହଜାର, ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ଶ୍ରୀକାନ୍ତ ଆଉଟ୍; ଭାରତର ଅଭିଯାନ ଶେଷ

ନୂଆଦିଲ୍ଲୀ, ୨୭ ।୨ (ଏଜେନ୍ସି): ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଜର୍ମାନୀ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟରରୁ ବିଦାୟ ନେଇଛନ୍ତି । ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬'ର ଏକ ମ୍ୟାଚରେ ଶ୍ରୀକାନ୍ତ ୧୪-୨୧, ୯-୨୧ ସିଧାସଳଖ ଗେମରେ ଚାଇନିଜ ତାଇପେଇ'ର ଲିନ୍ ଚୁନ ୟିଙ୍କଠାରୁ ହାରିଯାଇଥିଲେ । ଶ୍ରୀକାନ୍ତ ଓ ଲିନ୍ ପରସ୍ପରକୁ ଦ୍ୱିତୀୟଥର ଭେଟାଭେଟି ହୋଇଥିଲେ । ଉଭୟ ମୁକାବିଲାରେ ଲିନ୍ ବାଜିମାତ୍ କରିନେଇଛନ୍ତି । ୩୩ ବର୍ଷୀୟ ଶ୍ରୀକାନ୍ତଙ୍କ ପରାଜୟ ସହ ଜର୍ମାନୀ ଓପନରେ ଭାରତର ଅଭିଯାନ ଶେଷ ହୋଇଛି । ଗତକାଲି କିରନ ଜର୍ଜ, ତରୁଣ ମାନ୍ନେପାଲ୍ଲି, ମାଳବିକା ବଂଶୋଦ, ଆକର୍ଷୀ କାଶ୍ୟପ ପ୍ରମୁଖ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଥିଲେ ।

● ଜାତୀୟ ସବ୍-ଜୁନିଅର ଭଲିବଲ୍

## ପୁଡୁଚେରୀକୁ ହରାଇଲା ଓଡ଼ିଶା ବାଳିକା



ଭୁବନେଶ୍ୱର, ୨୭ ।୨ (ସମିସ): ପଶ୍ଚିମବଙ୍ଗର ହୁଗଳୀରେ ଚାଲିଥିବା ୪୬ତମ ଜାତୀୟ ସବ୍-ଜୁନିଅର ଭଲିବଲ୍ ଚାମ୍ପିଅନସିପ୍ ଓଡ଼ିଶା ବାଳିକା ଦଳ ୩-୦ ସେଟରେ ପୁଡୁଚେରୀକୁ ହରାଇଦେଇଛି । ଏହି ମ୍ୟାଚରେ ଓଡ଼ିଶା ୨୫-୨୦, ୨୫-୨୨, ୨୫-୧୯ ସେଟରେ ଏକପାଖିଆ ବିଜୟୀ ହୋଇଥିଲା । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶା ଭଲିବଲ୍ ସଂଘ (ଓଭିଏ)ର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ରାଜ୍ୟ ବାଳିକା ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

### ଅଷ୍ଟ୍ରେଲିଆ ମହିଳା ଦଳର ବାଜିମାତ୍

## ଭଲ୍‌ଙ୍କ ଶତକ; ଦିନକିଆ ସିରିଜ ହାରିଲା ଭାରତ

ହୋବାର୍ଟ, ୨୭ ।୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଗୋଟିଏ ମ୍ୟାଚ୍ ବାକି ଥାଇ ଆଗୁଆ ଦିନକିଆ ସିରିଜ ହାରିଯାଇଛି । ଶୁକ୍ରବାର ଏଠାରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ ମ୍ୟାଚକୁ ଅଷ୍ଟ୍ରେଲିଆ ୫ ୱିକେଟ୍‌ରେ ଜିତିନେଇଥିଲା । ଜର୍ଜିଆ ଭଲ୍ ଶତକୀୟ ପାଳି ଖେଳି ଅଷ୍ଟ୍ରେଲିଆକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ପ୍ରଥମ ମ୍ୟାଚକୁ ୬ ୱିକେଟରେ ପରାସ୍ତ ହୋଇଥିବା ଭାରତ ଏଥିସହ ୨-୦ରେ ଆଗୁଆ ସିରିଜ ହାରିଯାଇଛି । ଅପରପକ୍ଷରେ ବିଜୟ ସହ ଅଷ୍ଟ୍ରେଲିଆ ମହିଳା ଦଳ ଟି-୨୦ ସିରିଜ ପରାଜୟର ପ୍ରତିଶୋଧ ମଧ୍ୟ ନେଇଛି । ପୂର୍ବରୁ ଭାରତ ୨-୧ରେ ଟି-୨୦ ସିରିଜ ବିଜୟୀ ହୋଇଥିଲା । ଦିନକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର ସମାନ ହୋବାର୍ଟ ଗ୍ରାଉଣ୍ଡରେ ଖେଳାଯିବ ।



ଶୁକ୍ରବାର ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ମହିଳା ଦଳ ୫୦ ଓଭରରେ ୯ ୱିକେଟରେ ୨୫୧ ରନ ସଂଗ୍ରହ କରିଥିଲା । ଅଧିନାୟିକା ହରମନପ୍ରୀତ୍ କୌର (୭୦ ବଲରେ ୫୪ ରନ) ଓ ଓପନର୍ ପ୍ରତୀକା ରାୱଲ (୮୧ ବଲରେ ୫୨ ରନ) ଧୀମା ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୩୧, ଜେମିମା ରୋଡ୍ରିଗ୍ସ ୧୧, କାଶଭୀ ଗୌତମ ୨୫, ରିଚା ଘୋଷ ୨୨, ଦୀପ୍ତି ଶର୍ମା ୧ ରନ କରିଥିଲେ । ବୋଲିଂରେ ଆଲାନ କିଙ୍ଗ, ଆନାବେଲ୍ ସଦରଲାଣ୍ଡ ଓ ଆସଲେ ଗାର୍ଡନରଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା । ଜବାବରେ ଜର୍ଜିଆ ଭଲ୍‌ଙ୍କ ୧୦୧ ରନର ଶତକୀୟ ପାଳି ବଳରେ ଅଷ୍ଟ୍ରେଲିଆ ୩୬.୧ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ୮୨ ବଲ୍‌ର ଶତକୀୟ ପାଳିରେ ଭଲ୍ ୧୩ ଚୌକା ଓ ୧ ଛକା ମାରିଥିଲେ । ଫୋଏବ ଲିଚଫିଲ୍ଡ ୮୦, ବେଥ୍ ମୁନୀ ୩୧, ସଦରଲାଣ୍ଡ ୧୦ ଓ ଗାର୍ଡନର ଅପରାଜିତ ୧୯ ରନ କରିଥିଲେ । ଅଧିନାୟିକା ଆଲିସା ହେଲୀ ୬ ରନରେ ଆଉଟ୍ ହୋଇଥିଲେ । ବୋଲିଂରେ ଦୀପ୍ତି ଓ ଗୌତମଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା ।

■ କଳାହାଣ୍ଡି କପ୍ କ୍ରିକେଟ

## ନୂଆପଡ଼ା, ବାଲେଶ୍ୱରକୁ ଜିତାଇଲେ ମାଇକେଲ୍, ସର୍ବେଶ୍ୱର

ଭୁବନେଶ୍ୱର, ୨୭ ।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ସର୍ବେଶ୍ୱର ମହାନ୍ତି ଓ ମାଇକେଲ ସୁବୀର ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଛନ୍ତି । ଫଳରେ ବାଲେଶ୍ୱର ଓ ନୂଆପଡ଼ା ସହଜ ବିଜୟ ଲାଭ କରିଛନ୍ତି ।





ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୂଆପଡ଼ା ୩ ୱିକେଟରେ କଳାହାଣ୍ଡିକୁ ପରାସ୍ତ କରିଛି । ଏହି ଲୋ-ସ୍କୋରିଂ ମ୍ୟାଚରେ କଳାହାଣ୍ଡି ପକ୍ଷରୁ ଧାର୍ଯ୍ୟ ୧୩୮ ରନର ଲକ୍ଷ୍ୟକୁ ନୂଆପଡ଼ା ୨୫.୫ ଓଭରରେ ୭ ୱିକେଟ୍ ହରାଇ ହାସଲ କରିନେଇଥିଲା । ମାଇକେଲ ବୋଲିଂରେ ୬ଟି ୱିକେଟ ନେବା ସହ ବ୍ୟାଟିଂରେ ୨୭ ବଲରୁ ୪୨ ରନ ସଂଗ୍ରହ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ବାଲେଶ୍ୱର ୯୮ ରନରେ ଜଗତସିଂପୁରକୁ ହରାଇଦେଇଛି । ନିର୍ବିଶଙ୍କର ବାରିକ (୭୬), ସର୍ବେଶ୍ୱର ମହାନ୍ତି (୭୪), ଗୁରୁଦୀପନ ଜେନା (୬୩) ଓ ନୌତମ ଭଞ୍ଜ (୫୬)ଙ୍କ ଅର୍ଦ୍ଧଶତକ ବଳରେ ବାଲେଶ୍ୱର ୫୦ ଓଭରରେ ୬ ୱିକେଟ ହରାଇ ୩୧୪ ରନ କରିଥିଲା । ଜବାବରେ ସୌଭାଗ୍ୟ ମିଶ୍ର (୭୫) ଓ କିଶାନ ରଥ (୬୪)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଜଗତସିଂହପୁର ୮ ୱିକେଟରେ ୨୧୬ ରନ କରିବାକୁ ସମର୍ଥ ହୋଇଥିଲା । ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ସର୍ବେଶ୍ୱର ୩୧ ରନରେ ୬ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଦିବସର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଭଦ୍ରକ ୨୦୮ ରନରେ ମୟୂରଭଞ୍ଜକୁ, ଭୁବନେଶ୍ୱର-ବି ୭ ୱିକେଟରେ ବରଗଡ଼କୁ, ଅନୁଗୋଳ ୩ ୱିକେଟରେ ପୁରୀକୁ, ରାଉରକେଲା ୧୭୨ ରନରେ କନ୍ଧମାଳକୁ, କଟକ-ଏ ୧୧୭ ରନରେ ଗଞ୍ଜାମକୁ, ପାରାଦୀପ ୧୭୦ ରନରେ ଗଜପତିକୁ ଓ ରାୟଗଡ଼ା ୬ ୱିକେଟରେ କିଟ୍‌କୁ ପରାସ୍ତ କରିଛି । ରାୟଗଡ଼ାର ଆଶିଷ ସେଠୀ (୬ ୱିକେଟ), ପାରାଦୀପର ପ୍ରକାଶ ଜେନା (୫ ୱିକେଟ), କଟକ-ଏ'ର ସୁମିତ ଶର୍ମା (୩ ୱିକେଟ), ରାଉରକେଲାର କୌଶିକ ମାଣିକପୁରୀ (୫ ୱିକେଟ), ଅନୁଗୋଳର ରୋହିତ ପ୍ରଧାନ (୧୭ ରନ ଓ ୨ ୱିକେଟ), ଭୁବନେଶ୍ୱର-ବି'ର ଦେବାଶିଷ ସାମନ୍ତରାୟ (୮୪ ରନ) ଓ ଭଦ୍ରକର ନିହାର ଭୂୟାଁ (୩ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ।

ରଣଜୀ ଟ୍ରଫି ଫାଇନାଲ

## କର୍ଣ୍ଣାଟକ ଧରାଶାୟୀ; ଚାମ୍ପିଅନ ଦ୍ୱାରରେ ଜମ୍ମୁ



ବେଙ୍ଗାଲୁରୁ, ୨୭ ।୨ (ଏଜେନ୍ସି)

ଆଠଥରର ଚାମ୍ପିଅନ କର୍ଣ୍ଣାଟକ ଧରାଶାୟୀ ହୋଇଛି । ଦୃଢ଼ ବ୍ୟାଟିଂ ଲାଇନଅପ୍‌କୁ ନେଇ ବେଶ୍ ଶକ୍ତିଶାଳୀ ରହିଥିବା କର୍ଣ୍ଣାଟକ ଦଳର ବ୍ୟାଟରମାନେ ଜମ୍ମୁ-କଶ୍ମୀର ବୋଲରଙ୍କୁ ସାମ୍ନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଫଳରେ ସ୍ଥାନୀୟ ହୁବଲୀ ଗ୍ରାଉଣ୍ଡରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ଫାଇନାଲ ମୁକାବିଲା ସମ୍ପୂର୍ଣ୍ଣ ଭାବେ ଜମ୍ମୁ-କଶ୍ମୀର ନିୟନ୍ତ୍ରଣରେ ରହିଛି । ଶନିବାର ମ୍ୟାଚର ଅନ୍ତିମ ତଥା ଦିବସ ହୋଇଥିବାବେଳେ ଜମ୍ମୁ ୬ ୱିକେଟ୍ ବଳକା ଥାଇ ମୋଟ୍ ଉପରେ ୪୭୭ ରନରେ ଅଗ୍ରଣୀ ହାସଲ କରିଛି । ଓପନର୍ କ୍ୱାମରନ ଇକବାଲ ୯୪ ଓ ସାହିଲ ଲୋତ୍ରା ୧୬ ରନ କରି ଅପରାଜିତ ରହିଛନ୍ତି । ଶନିବାର ଖେଳାଯିବାକୁ ଥିବା ୯୦ ଓଭରରୁ ଜମ୍ମୁ କେତେ ରନର ଟାର୍ଗେଟ କର୍ଣ୍ଣାଟକ ସାମ୍ନାରେ ଧାର୍ଯ୍ୟ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । କର୍ଣ୍ଣାଟକ ପାଇଁ ଏବେ ବିଶାଳ ଲକ୍ଷ୍ୟକୁ ପିଛା କରିବା ଅସମ୍ଭବ ହୋଇଛି । ତେଣୁ ପ୍ରଥମଥର ଫାଇନାଲ ଖେଳୁଥିବା ଜମ୍ମୁ ଅଗ୍ରଣୀ ଭିତ୍ତିରେ ବିଜୟୀ ହେବା ସହ ଐତିହାସିକ ରଣଜୀ ଟ୍ରଫି ଟାଇଟଲ୍‌ରୁ ପାଦେ ଦୂରରେ ରହିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ରନର ଜବାବରେ କର୍ଣ୍ଣାଟକ ୨୯୩ ରନ କରି ୪ର୍ଥ ଦିବସରେ ଶୁକ୍ରବାର ଅଲ୍‌ଆଉଟ୍ ହୋଇଯାଇଥିଲା । ପୂର୍ବ ଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୨୦/୫ରୁ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ ଆଜି ଆଉ ୭୩ ରନ ଯୋଡ଼ି ବଳକା ୫ ୱିକେଟ୍ ହରାଇଥିଲା । ଓପନର୍ ମୟଙ୍କ ଅଗରୱାଲ ପୂର୍ବ ଦିନର ସ୍କୋରରେ ଆଉ ୩୦ ରନ ଯୋଡ଼ି ୧୬୦ରେ ଆଉଟ୍ ହୋଇଥିଲେ । ସେହିଭଳି କ୍ରୁଥିକ କ୍ରିଷ୍ଣା ୩୬, ବିଜୟକୁମାର ବୈଶ୍ୟକ ୧୭, ବିଦ୍ୟାଧର ପାଟିଲ ୧୧ ଓ ପ୍ରସିଦ୍ଧ କ୍ରିଷ୍ଣା ୪ ରନ କରିଥିଲେ । ପୂର୍ବରୁ ଲୋକେଶ ରାହୁଲ (୧୩ ରନ), କରୁଣ ନାୟାର (୦), ଅଧିନାୟକ ଦେବଦତ୍ତ ପଡିକଲ (୧୧), ସ୍ମରଣ ରବିଚନ୍ଦ୍ରନ (୦) ପ୍ରମୁଖ ନିରାଶ କରିଥିଲେ । ବୋଲିଂରେ ଜମ୍ମୁର ତାରକା ବୋଲର ଆକ୍ୱିବ ନବି ଦାରଙ୍କୁ ସର୍ବାଧିକ ୫ଟି ୱିକେଟ୍ ମିଳିଥିଲା । ୨୯୧ ରନ ପଛରେ ରହି କର୍ଣ୍ଣାଟକ ଫଲୋଅନ ହୋଇଥିଲା । କିନ୍ତୁ ଜମ୍ମୁ ଫଲୋଅନ ନ ଦେଇ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା ।

### ସଂକ୍ଷିପ୍ତ ସ୍କୋର

ଜମ୍ମୁ-କାଶ୍ମୀର ପ୍ରଥମ ପାଳି: ୫୮୪/୧୦, ୧୭୩.୧ ଓଭର (ପୁନ୍ଦିର- ୧୨୧, ସମାଦ- ୬୧, ଡୋଗ୍ରା- ୭୦, ପ୍ରସିଦ୍ଧ କ୍ରିଷ୍ଣା- ୫/୯୮) ।

କର୍ଣ୍ଣାଟକ: ୨୯୩/୧୦, ୯୩.୩ ଓଭର (ମୟଙ୍କ- ୧୬୦, ରାହୁଲ- ୧୩, ପଡ଼ିକଲ- ୧୧, କରୁଣ-୦, ଗୋପାଳ- ୨୭, ଆକ୍ୱିବ- ୫/୫୪) ।

ଜମ୍ମୁ ୨ୟ ପାଳି: ୧୮୬/୪, ୫୭ ଓଭର (ଇକବାଲ- ଅପରାଜିତ ୯୪, ସମାଦ- ୩୨, ଡୋଗ୍ରା- ୧୬, ପ୍ରସିଦ୍ଧ କ୍ରିଷ୍ଣା- ୨/୪୨) ।

### ନବିଙ୍କ କୀର୍ତ୍ତିମାନ



ଜମ୍ମୁ-କଶ୍ମୀର ଦ୍ରୁତ ବୋଲର ଆକ୍ୱିବ ନବି କର୍ଣ୍ଣାଟକ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ଦମ୍‌ଦାର ବୋଲିଂ କରି ୫ଟି ୱିକେଟ୍ ନେଇଛନ୍ତି । କର୍ଣ୍ଣାଟକ ପାଳିରେ ସେ ଲୋକେଶ ରାହୁଲ, ମୟଙ୍କ ଅଗରୱାଲ, କରୁଣ ନାୟାର, ସ୍ମରଣ ରବିଚନ୍ଦ୍ରନ ଓ ଶିଖର ସେଟ୍ଟୀଙ୍କ ମୂଲ୍ୟବାନ ୱିକେଟ୍ ପାଇଥିଲେ । ଏଥିସହ ଚଳିତ ରଣଜୀ ଟ୍ରଫି ସିଜନରେ ଡାହାଣହାତୀ ଦ୍ରୁତ ବୋଲର ନବିଙ୍କ ମୋଟ୍ ୱିକେଟ୍ ସଂଖ୍ୟା ୬୦ରେ ପହଞ୍ଚିଛି । ୧୦ଟି ମ୍ୟାଚ୍ ଓ ୧୭ଟି ଇନିଂସରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ନବି ମଧ୍ୟ ସିଜନର ସର୍ବାଧିକ ୱିକେଟ୍ ହାସଲକାରୀ ଉତ୍ତରାଖଣ୍ଡର ମୟଙ୍କ ମିଶ୍ର (୫୯)ଙ୍କୁ ପଛରେ ପକାଇ ଶୀର୍ଷକୁ ଉଠିଛନ୍ତି । ସେହିଭଳି ରଣଜୀ ଟ୍ରଫିର ୯୨ ବର୍ଷ ଇତିହାସରେ ୩ୟ ଦ୍ରୁତ ବୋଲର ଭାବେ ନବି ଗୋଟିଏ ସିଜନରେ ୬୦ ୱିକେଟ୍ ନେବାର କୀର୍ତ୍ତିମାନ କରିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS